CMYK

- Vol.- 46, Issue No. 168
- Thursday, 17 September 2026
- ଗୁରୁବାର, ୧୭ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




ଓଁ ଚତୁର୍ଭୁଜାୟ ବିଦ୍ମହେ
ହଂସ ବାହନାୟ ଧୀମହି
ତନ୍ନୋ ବିଶ୍ୱକର୍ମା ପ୍ରଚୋଦୟାତ୍ ।।
(ଚତୁର୍ଭୁଜବିଶିଷ୍ଟ, ହଂସବାହନରେ ଆସୀନ ପ୍ରଭୁ ବିଶ୍ୱକର୍ମାଙ୍କୁ ଆମ୍ଭେ ଧ୍ୟାନ କରୁଅଛୁ, ସେ ଆମକୁ ପ୍ରେରଣା ଦିଅନ୍ତୁ ଓ ଆମ ବୁଦ୍ଧିକୁ ଆଲୋକିତ କରାନ୍ତୁ)

# ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର ସମ୍ବଲପୁର

- ତୃତୀୟ ଡପ୍ଲର ରାଡାର ଭେଟି ଦେଲେ ମୁଖ୍ୟମନ୍ତ୍ରୀ
- ପ୍ରାୟ ୯୬୦ କୋଟି ଟଙ୍କାର ୫୦ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ
- 'ଆଶୀର୍ବାଦର ଦୀପ' ଏବଂ 'ଏକ ପେଡ ମା'କେ ନାମ' କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ
- ଆଗାମୀ ଦିନରେ ୩ ସ୍ଥାନରେ ସ୍ଥାପିତ ହେବ ଡପ୍ଲର

ସମ୍ବଲପୁର/କୁଚିଣ୍ଡା, ୧୬।୯(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମ୍ବଲପୁର ଗସ୍ତ ଅବସରରେ ଜିଲ୍ଲାବାସୀଙ୍କୁ ଏକାଧିକ ବିକାଶମୂଳକ ପ୍ରକଳ୍ପର ଭେଟି ଦେବା ସହ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେବା ସହ ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପଲର୍ ପାଣିପାଗ ରାଡାର୍‌ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଜିଏମ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଏବଂ 'ସମୃଦ୍ଧ ଓଡ଼ିଶା ୨୦୩୬' ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର। ଚଳିତବର୍ଷ ସେପଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧,୯୧୦ କୋଟି ଟଙ୍କାର




ବିକାଶମୂଳକ କାର୍ଯ୍ୟ କରାଯାଇଛି। ସମ୍ବଲପୁରରେ ୧,୫୨୧ କୋଟି ଟଙ୍କାର ୪-ଲେନ୍ ବାଇପାସ୍, ୧୭ ଶହ କୋଟିରେ ଭିମସାର ସମ୍ପ୍ରସାରଣ, ୧୦୦ କୋଟିର ଆକ୍ୟୁଆ ପାର୍କ, ଏବଂ ୧୦୦ କୋଟି ଟଙ୍କାର 'ସମଲେଇ ଫେଜ୍-୨' କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ରଙ୍ଗବତୀ' ଗୀତର ତିନିଜଣ ସ୍ରଷ୍ଟା ଓ ଶିଳ୍ପୀଙ୍କୁ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ କରାଯିବା ପ୍ରସଙ୍ଗ ଉଲ୍ଲେଖ କରି ସେ ସଂସ୍କୃତି ପ୍ରତି କେନ୍ଦ୍ର ସରକାରଙ୍କ ସମ୍ମାନକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ୭୬ ତମ ଜନ୍ମଦିବସ ଓ ବିଶ୍ୱକର୍ମା ପୂଜା ଅବସରରେ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ, 'ଆଶୀର୍ବାଦର ଦୀପ' ଏବଂ 'ଏକ ପେଡ ମା'କେ ନାମ' କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପ ଲଗାଇ ଟଙ୍କାର ଦୀର୍ଘ ନିରାମୟ ଜୀବନ କାମନା କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଗଣମାଧ୍ୟମକୁ ସ୍ୱତନ୍ତ୍ର ବିବୃତି ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବଲପୁରଠାରେ ସ୍ଥାପିତ ଡପଲର ପାଣିପାଗ ରାଡାରର ସ୍ୱତନ୍ତ୍ର ଆଂଚଳିକ ଗୁରୁତ୍ୱ ରହିଥିବା ବେଳେ ଏହାଦ୍ୱାରା ଓଡ଼ିଶାର ଏକ ବ୍ୟାପକ ଅଂଚଳ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ସହିତ ସାମିଲ ହୋଇ ପାରିଛି। ସେ କହିଥିଲେ ଯେ ପାରାଦୀପ ଓ ଗୋପାଳପୁର ପରେ ଏହା ରାଜ୍ୟର ତୃତୀୟ ଡପଲର ରାଡାର। ୨୪ ଘଣ୍ଟାକାର୍ଯ୍ୟକ୍ଷମ ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ସଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ପୂର୍ବାନୁମାନ କରିପାରିବ। ପ୍ରାକ୍-ମୌସୁମୀ ବଜ୍ରଝଡ଼, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ଫଳରେ ଓଡ଼ିଶାର 'ଭାତ ହାଣ୍ଡି' ବରଗଡ଼ ସମେତ ସମଗ୍ର ମହାନଦୀ ଅବବାହିକାର ଚାଷୀମାନେ ବିଶେଷ ଉପକୃତ ହେବେ। ଏହି ରାଡାର ପ୍ରତି ୧୦ ମିନଟ୍‌ରେ ୧୫୦ ମିଟର ରିଜୋଲୁସନରେ ବୃଷ୍ଟିପାତର ଆକଳନ କରି ହୀରାକୁଦ ଜଳଭଣ୍ଡାରର ଅନ୍ତ ଜଳପ୍ରବାହ ପରିଚାଳନାକୁ ଅଧିକ ସୁଦୃଢ଼ କରିବ। ସରକାର 'ଟେକ୍ନୋଲୋଜି ଡ୍ରିଭିନ୍ ପ୍ରୋ-ଆକ୍ଟିଭ୍ ଡିଜାଷ୍ଟର ମ୍ୟାନେଜମେଂଟ ସିଷ୍ଟମ' ଗଠନ କରୁଛନ୍ତି ଏବଂ ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀରେ ମଧ୍ୟ ଡପଲର ରାଡାର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ସେମିକନ ଇଣ୍ଡିଆ ୨୦୨୬ର ଉଦ୍‌ଘାଟନ ଆଜି

ନୂଆଦିଲ୍ଲୀ, ୧୬।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ସକାଳ ପ୍ରାୟ ୧୦ଟା ସମୟରେ ନୂଆଦିଲ୍ଲୀର ଯଶୋଭୂମିଠାରେ ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ତଥା ପ୍ରଦର୍ଶନୀ 'ସେମିକନ ଇଣ୍ଡିଆ ୨୦୨୬' କୁ ଉଦ୍‌ଘାଟନ କରିବେ। ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି 'ସିଲିକନ ଟୁ ସିଷ୍ଟମ: ଇକୋସିଷ୍ଟମ ନିର୍ମାଣ'। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପି. ଏମ୍. ଓ.) ଅନୁଯାୟୀ, ଏହି ଶିଖର ସମ୍ମିଳନୀ ନୀତି ନିର୍ଦ୍ଧାରକ, ନିବେଶକ, ଗବେଷକ, ଷ୍ଟାର୍ଟଅପ୍, ଏକାଡେମିକ୍ ଅନୁଷ୍ଠାନ ଏବଂ ଛାତ୍ରମାନଙ୍କୁ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ମୂଲ୍ୟ ଶୃଙ୍ଖଳାରେ ବିଶ୍ୱ ତଥା ଭାରତୀୟ ଶିଳ୍ପ ସହିତ ଏକ ସାଧାରଣ ମଞ୍ଚରେ ଏକାଠି କରିବ।

### ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନ ଆଜି

## 'ସେବା ସଂକଳ୍ପ ଅଭିଯାନ'ର ହେବ ଶୁଭାରମ୍ଭ

- ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ ହେବ ଅକ୍ଟୋବର ୭ରେ
- ପ୍ରଧାନମନ୍ତ୍ରୀଙ୍କ ଦେଶ ସେବା ଲୋକଙ୍କ ମନରେ ଦେଇଛି ନୂଆ ଆଶା, ଆଲୋକ
- ସନ୍ଧ୍ୟା ୬ରୁ ୭ ଭିତରେ ଦୀପ ପ୍ରଜ୍ୱଳନ ଲାଗି ଆହ୍ୱାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୯: ୧୭ ସେପ୍ଟେମ୍ବର ୨୦୨୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୬ ବର୍ଷ ବୟସରେ ପଦାର୍ପଣ କରିବେ। ଜନ୍ମଦିନ ପରିପ୍ରେକ୍ଷୀରେ ଭଦନଗରରେ ତାଙ୍କର ପ୍ରାରମ୍ଭିକ ଜୀବନ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ସହ ସଂଗଠନମୂଳକ କାର୍ଯ୍ୟ ଠାରୁ ଆରମ୍ଭ କରି ଭାରତୀୟ ଜନତା ପାର୍ଟି (ବିଜେପି)ରେ ତାଙ୍କର ରାଜନୈତିକ ଯାତ୍ରା, ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ୧୩ ବର୍ଷର କାର୍ଯ୍ୟକାଳ ଏବଂ ୨୦୧୪ ମସିହାରୁ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟକାଳ ସମୀକ୍ଷା ଉପରେ ମଧ୍ୟ ସମସ୍ତଙ୍କ ଦୃଷ୍ଟି ରହିଛି। ସାର୍ବଜନୀନ ଜୀବନରେ ତାଙ୍କର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆରମ୍ଭ ହେବାକୁ ଥିବା ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ ହେବ। ମୋଦୀଙ୍କ ଜନ୍ମସ୍ଥାନ ଭଦନଗରରୁ ତାଙ୍କ ସଂସଦୀୟ ନିର୍ବାଚନ ମଣ୍ଡଳୀ ବାରାଣସୀ ଏବଂ ବାରାଣସୀରୁ ଭଦନଗର ପର୍ଯ୍ୟନ୍ତ ବାଇକ୍ ରାଲି ଆୟୋଜନ କରାଯିବ। ଯାତ୍ରା ସମୟରେ, ଭଦନଗରର ହଟକେଶ୍ୱର ମନ୍ଦିର ଏବଂ ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିରରେ 'ଜଳାଭିଷେକ' ପାଇଁ ଦେଶର ବିଭିନ୍ନ



ନଦୀରୁ ଜଳ ସଂଗ୍ରହ କରାଯିବ। ଅକ୍ଟୋବର ୭ ତାରିଖରେ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିବାକୁ ଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଉପସ୍ଥାପନ କରାଯିବ। ଦେଶର ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷ କାର୍ଯ୍ୟକୁ ସମ୍ମାନ ଦେବା ପାଇଁ ଘରେ ଘରେ ସନ୍ଧ୍ୟା ୬ ରୁ ୭ ଭିତରେ ଦୀପ ପ୍ରଜ୍ୱଳନ କରିବାକୁ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆହ୍ୱାନ ଦେଇଛନ୍ତି।


33001/35/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁଭଦ୍ରା

କୋଟିଏ ମୁହଁରେ ହସ - ମହିଳା ନେତୃତ୍ୱର ବିକାଶ - ସମୃଦ୍ଧିର ସଂକଳ୍ପ

୨୫,୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା
ମହିଳାଙ୍କୁ କରୁଛି ସଶକ୍ତ ଓ ସ୍ୱାବଲମ୍ବୀ

ସୁଭଦ୍ରା ଯୋଜନାର ୨ ବର୍ଷ ପୂର୍ତ୍ତି ଉତ୍ସବ

୧୭ ସେପ୍ଟେମ୍ବର ୨୦୨୬



OIPR 33001/33001/2/26-27/0007
ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର


CMYK

## କାହିଁକି ପାଳନ କରାଯାଏ
# ବିଶ୍ୱକର୍ମା ପୂଜା






ଭାରତରେ ପ୍ରତିବର୍ଷ ଧୁମଧାମରେ ବିଶ୍ୱକର୍ମା ପୂଜା ପାଳନ କରାଯାଏ । ବିଶେଷକରି କାରଖାନା, ଶିକ୍ଷାନୁଷ୍ଠାନ, ନିର୍ମାଣସ୍ଥଳ ଏବଂ ବିଭିନ୍ନ କାରିଗରଙ୍କ ମଧ୍ୟରେ ଏହି ପୂଜାର ବିଶେଷ ଗୁରୁତ୍ୱ ରହିଛି । କିନ୍ତୁ ଜାଣନ୍ତି କି, କାହିଁକି ପାଳନ କରାଯାଏ ବିଶ୍ୱକର୍ମା ପୂଜା ? ଏହା ପଛରେ ରହିଛି ପୌରାଣିକ ଓ ଐତିହାସିକ ପରମ୍ପରା । ହିନ୍ଦୁ ପରମ୍ପରାରେ ଭଗବାନ ବିଶ୍ୱକର୍ମାଙ୍କୁ ଦେବଶିଳ୍ପୀ ବା ଦେବତାମାନଙ୍କ ସ୍ଥପତି ଭାବେ ମାନ୍ୟତା ଦିଆଯାଇଛି । ପୁରାଣ ଓ ଧାର୍ମିକ କଥାବସ୍ତୁରେ ତାଙ୍କୁ ଦିବ୍ୟ ନିର୍ମାଣ ଓ କାରିଗରୀ କଳାର ଅଧିଷ୍ଠାତା ଭାବେ ବର୍ଣ୍ଣନା କରାଯାଇଛି । ଦେବତାମାନଙ୍କ ପାଇଁ ଅସ୍ତ୍ରଶସ୍ତ୍ର, ଭବନ ଏବଂ ନଗର ନିର୍ମାଣରେ ତାଙ୍କର ଭୂମିକା ଥିବା ବିଶ୍ୱାସ ରହିଛି । ପୌରାଣିକ ବିଶ୍ୱାସ ଅନୁସାରେ, ଲଙ୍କା ନଗରୀ ଏବଂ ଦ୍ୱାରକା ନଗରୀ ନିର୍ମାଣ ସହିତ ମଧ୍ୟ ବିଶ୍ୱକର୍ମାଙ୍କ ନାମ ଜଡ଼ିତ । ଏହାଛଡ଼ା ଦେବରାଜ ଇନ୍ଦ୍ରଙ୍କ ବଜ୍ର, ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର ଭଳି ଦିବ୍ୟ ଅସ୍ତ୍ର ନିର୍ମାଣ ସହିତ ମଧ୍ୟ ତାଙ୍କୁ ଯୋଡ଼ାଯାଏ । ବିଶ୍ୱକର୍ମା ପୂଜାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶ୍ରମ, କାରିଗରୀ କଳା, ଯନ୍ତ୍ରପାତି ଏବଂ ନିର୍ମାଣ କୌଶଳ ପ୍ରତି ସମ୍ମାନ ଜଣାଇବା । ତେଣୁ ଏହି ଦିନ କାରଖାନା ଓ ୱାର୍କଶପ୍‌ରେ ଥିବା ମେସିନ୍, ଯନ୍ତ୍ରପାତି ଏବଂ ଉପକରଣକୁ ସଫା କରି ପୂଜା କରାଯାଏ । ଭାରତର ବିଭିନ୍ନ ଅଞ୍ଚଳରେ ବିଶ୍ୱକର୍ମା ପୂଜା ଭିନ୍ନ ଭିନ୍ନ ଭାବେ ପାଳନ କରାଯାଏ । ଶିଳ୍ପ ଓ କାରିଗରୀ କାମ ସହିତ ଜଡ଼ିତ ଲୋକମାନଙ୍କ ପାଇଁ ଏହା କେବଳ ଏକ ଧାର୍ମିକ ପର୍ବ ନୁହେଁ ବରଂ ନିଜ କାମ, କୌଶଳ ଏବଂ ଯନ୍ତ୍ରପାତି ପ୍ରତି କୃତଜ୍ଞତା ଜଣାଇବାର ଏକ ଅବସର । ସେଥିପାଇଁ ପ୍ରତିବର୍ଷ ବିଶ୍ୱକର୍ମା ପୂଜା ଅବସରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଆରାଧନା କରି ଶୁଭ, ସମୃଦ୍ଧି ଓ କାର୍ଯ୍ୟରେ ସଫଳତା ପାଇଁ ପ୍ରାର୍ଥନା କରାଯାଇଥାଏ ।

## ଶଙ୍ଖ ଫୁଙ୍କିବାର ମହତ୍ତ୍ୱ

ଶଙ୍ଖ ଆମ ସଂସ୍କୃତି, ପରମ୍ପରା ଏବଂ ପୂଜା, ପ୍ରାର୍ଥନାର ପ୍ରତୀକ । ଶଙ୍ଖ ସବୁ ଶୁଭକାମରେ ବାଜେ । ଶଙ୍ଖନାଦରୁ ହିଁ ସବୁ ପୁଣ୍ୟ କାମ ଆରମ୍ଭ ହୁଏ । ହେଲେ ଜାଣନ୍ତି କି ସେହି ଶଙ୍ଖନାଦ ହିଁ ଆମ ଶରୀରକୁ ସୁସ୍ଥ ରଖେ । ଶଙ୍ଖ ବଜାଇବା ଦ୍ୱାରା ମଣିଷ ସୁସ୍ଥ ରୁହେ । ଭାରତରେ, ପୂଜା ସମୟରେ ଶଙ୍ଖ ଫୁଙ୍କିବାର ବିଶ୍ୱାସ ଅଛି ଏବଂ ଲୋକମାନେ ସାଧାରଣ ଦିନରେ ମଧ୍ୟ ନିଜ ଘରେ ପୂଜା ସମୟରେ ଏହାକୁ ବ୍ୟବହାର କରନ୍ତି । ବର୍ତ୍ତମାନ ଏକ ଗବେଷଣାରୁ ଜଣାପଡିଛି ଯେ ଶଙ୍ଖ ଫୁଙ୍କିବା ଦ୍ୱାରା ଅବଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍ନିଆ ବା ନିଦ୍ରାଜନିତ ସମସ୍ୟା ଦେଖାଯିବାର ଆଶଙ୍କା ବହୁ ପରିମାଣରେ ହ୍ରାସ ପାଇପାରେ । ଶଙ୍ଖ ଫୁଙ୍କିବା ଦ୍ୱାରା ନିଦ୍ରାହିନତାରୁ ମୁକ୍ତି ସାଙ୍ଗକୁ ବହୁ ଉପକାର ଶରୀରକୁ ମିଳିଥାଏ ।



## ବିଶ୍ୱକର୍ମା: ପୂଜା ବିଧି



ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟି କର୍ତ୍ତା । ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟି କର୍ତ୍ତା । ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମରୂପେ କଳ୍ପନା କରି ପୂଜା କରାଯାଏ । ଆଶ୍ୱିନ ମାସରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୁଏ । ଯେପରି ଧନର ଅଧୀଶ୍ୱର ଗଣେଶ, ବିଦ୍ୟାର ଅଧିଶ୍ୱରୀ ସରସ୍ୱତୀ ଠିକ୍ ସେହିପରି ଶିଳ୍ପକଳା, ଯାନ୍ତ୍ରିକ ବିଦ୍ୟାର ଅଧିକାରୀ ବିଶ୍ୱକର୍ମା ବୋଲି ବିଶ୍ୱାସ କରାଯାଏ । ଅତୀତରେ ଏ ମୂର୍ତ୍ତି ପୂଜାର ପ୍ରଚଳନ ନଥିଲା, ତେଣୁ ଘଟପୂଜା ହେଉଥିଲା । ତାଛଡ଼ା କେତେକ ସ୍ଥାନରେ ଶାଳଗ୍ରାମକୁ ପୂଜା ମଧ୍ୟ କରାଯାଉଥିଲା । ଏହି ଦିନଟି ଠିକ୍ ସରସ୍ୱତୀ ଓ ଗଣେଶପୂଜା ପରି କରାଯାଏ । ପ୍ରତ୍ୟେକ ନିଜ ନିଜର ଆୟୁଧମାନ ପୂଜାରେ ବସାଇ ଏହି ଦିନଟି ଉପବାସ ରହିବେ । ନୂତନ ବସ୍ତ୍ର ପରିଧାନ ମଧ୍ୟ କରିପାରିବେ । ମୂର୍ତ୍ତି ପୂଜା କଳକାରଖାନା ଶିକ୍ଷାୟତନ ଗୁଡ଼ିକରେ କରିବେ । ଅନେକ ସ୍ଥାନରେ ଏହିଦିନ ଯାତ୍ରା, ପାଲା, ଦାସକାଠିଆ ଆଦି କରାଯାଇଥାଏ ।

ଭଗବାନଙ୍କର ଚତୁର୍ଭୁଜ ମୂର୍ତ୍ତି ପୂଜା ପାଇଥାଏ । ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ କେଉଁ କେଉଁ ସ୍ଥାନରେ ମାର୍ତ୍ତୁଲ ବା ନିକିତି । ଦକ୍ଷିଣ ଉପରେହାତରେ ଚନ୍ଦ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଠାଣି ଦୃଷ୍ଟିଗୋଚର ହୁଏ । ବିଶ୍ୱକର୍ମାଙ୍କ ବର୍ଣ୍ଣ ଗୌରବର୍ଣ୍ଣ । ଭଗବାନ ବିଶ୍ୱକର୍ମାଙ୍କ ବାହନ କେତେକ ସ୍ଥଳରେ ହାତୀ ପୁଣି ପୁଣି କେତେକ ସ୍ଥାନରେ ହଂସ । ଦୁଇ ଚକ୍ଷୁ, ପରିଧାନ ସାଧାରଣ ଲୁଗା, ଚଦର ଓ ବକ୍ଷରେ ପଇତା ଓ ମାଳା । ଏ ପୂଜା ପଦ୍ଧତି ଠିକ୍ ଅନ୍ୟ ପୂଜାପଦ୍ଧତି ପରି । ପୂଜା କାର୍ଯ୍ୟକୁ ଅତ୍ୟନ୍ତ ନିଷ୍ଠାର ସହିତ କରିବା ଉଚିତ । ବ୍ରାହ୍ମଣଙ୍କ ପବିତ୍ର ମନ୍ତ୍ର ଭିତରେ ସମସ୍ତେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ନିରନ୍ତର ପ୍ରାର୍ଥନା କଲେ ସେ ସମସ୍ତଙ୍କର ନିବେଦନ ଶୁଣନ୍ତି ।

*ପଣ୍ଡିତ ସୋମନାଥ ଦାଶ*
*ମୋ-୭୦୦୮୦୦୦୮୯୮*






## ଦେବଶିଳ୍ପୀ ବିଶ୍ୱକର୍ମା



ବିଶ୍ୱକର୍ମା ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ସେ ଶିଳ୍ପରାଜ ବିଶ୍ୱକର୍ମା । ତାଙ୍କୁ ଦେବଶିଳ୍ପୀ ଭାବେ ଗ୍ରହଣ କରାଯାଇଥିଲେ ହେଁ ତାଙ୍କର ରୂପ ଓ ପ୍ରକୃତ ପରିଚୟ ଆଦିକୁ ନେଇ ନାନା କାହାଣୀ, କିମ୍ବଦନ୍ତୀ ରହିଛି । ତାଙ୍କୁ ବିଶ୍ୱନିୟନ୍ତା ନାରାୟଣଙ୍କ ଏକ ରୂପ ଭାବେ ଅନେକେ ଗ୍ରହଣ କରିଛନ୍ତି । ବିଶ୍ୱକର୍ମାର ଏକ ଅର୍ଥ ହେଉଛି ସୃଷ୍ଟିକର୍ତ୍ତା । ପୁରାଣ ଅନୁଯାୟୀ ଅନନ୍ତଶୟନରେ ଶାୟିତ ନାରାୟଣଙ୍କର ନାଭି କମଳରୁ ସୃଷ୍ଟି ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ତାଙ୍କୁ ବ୍ରହ୍ମାଙ୍କ ଏକ ରୂପ ଭାବେ ମଧ୍ୟ କଳ୍ପନା କରି ପୂଜା କରାଯାଏ । ପଶ୍ଚିମବଙ୍ଗ ଓ ବିହାରରେ ବିଶ୍ୱକର୍ମାଙ୍କୁ ଶ୍ରୀ ନାରାୟଣ ଦେବ ଭାବେ ପୂଜା କରାଯାଏ । ବିଶ୍ୱର ଅନ୍ୟତମ ସୃଷ୍ଟିକର୍ତ୍ତା ହେଉଛନ୍ତି ବିଶ୍ୱକର୍ମା । କେତେକ ଶାସ୍ତ୍ରରେ ବିଶ୍ୱକର୍ମାଙ୍କୁ ବ୍ରହ୍ମା ରୂପେ କଳ୍ପନା କରାଯାଇ ପୂଜାକରାଯାଇଛି ତ କେତେକ ସ୍ଥାନରେ ସ୍ୱୟଂ ବିଶ୍ୱକର୍ମାଙ୍କୁ ବିଷ୍ଣୁ ରୂପରେ ପୂଜା କରାଯାଇଥାଏ । ବିଶକ୍ୱର୍ମାଙ୍କ ଧ୍ୟାନର ସଂପର୍କରେ ଉଲ୍ଲେଖ ହୋଇଛି – ‘ଧ୍ୟାୟେତ୍ ସତ୍ୟଂ ଗୁଣାତୀତଂ ଗୁଣତ୍ରୟ ସମନ୍ୱିତଂ, ଲୋକନାଥ ତ୍ରିଲୋକକେଶଂ କୌସ୍ତୁଭାଭରଣଂ ହରିମ୍ । ଶୁକ୍ଳବର୍ଣ୍ଣଂ ପୀତବସ୍ତ୍ରଂ ଶ୍ରୀ ବସ୍ତ୍ରପଦ ଭୂଷିତମ୍, ଗୋବିନ୍ଦଂ ଗୋକୁଳା ନନ୍ଦଂ ବ୍ରହ୍ମାଦି ଦେବ ପୂଜିତମ୍ । ଓଁ ସହସ୍ରଶୀର୍ଷ ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍, ସଭୂମିଂ ସର୍ବତ ସ୍ପୃଷ୍ଟାତ୍ରା ତିଷ୍ଟଦ୍ଦଶାଙ୍ଗୂଳମ୍ ।’ ମୁଖ୍ୟ କଥାଟି ହେଲା ଭଗବାନଙ୍କୁ ମଣିଷ ନାନା ରୂପରେ କଳ୍ପନା କରିଛି । ଯେତେବେଳେ ସେ ସୃଷ୍ଟି କରନ୍ତି, ସେତେବେଳେ ବ୍ରହ୍ମା ତାଙ୍କର ପାଳନକର୍ତ୍ତା ରୂପ ହେଉଛି ବିଷ୍ଣୁ; ଯେତେବେଳେ ସଂହାର କରନ୍ତି ସେତେବେଳେ ରୁଦ୍ର; ସେହିପରି ତାଙ୍କର ଶିଳ୍ପୀ ରୂପ ହେଉଛି ବିଶ୍ୱକର୍ମା । ସଂକ୍ଷେପରେ ଏତିକି ହିଁ କୁହାଯାଇପାରେ । କନ୍ୟା ସଂକ୍ରାନ୍ତି ଦିନରେ ବିଶ୍ୱକର୍ମା ପୂଜା ପାଳନ କରାଯାଏ । ଏହି ପୂଜାରେ ତିଥି, ନକ୍ଷତ୍ର ଓ ମୁହୂର୍ତ୍ତ ଆଦିକୁ ବିଚାରକୁ ନିଆଯାଏନାହିଁ । ଅତୀତରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା ପ୍ରଚଳିତ ନ ଥିଲା । କାରିଗରମାନେ ମୁଖ୍ୟତଃ ଆୟୁଧ ପୂଜା କରୁଥିଲେ ଏହି ପବିତ୍ର ଦିନରେ । କେହି କେହି ଘଟ ଓ ଶାଳଗ୍ରାମ ପୂଜା କରୁଥିଲେ । ବିଶ୍ୱକର୍ମାଙ୍କ ରୂପ ସଂପର୍କରେ ପ୍ରାଚୀନ ଶାସ୍ତ୍ରମାନଙ୍କରେ କିଛି ନର୍ଦିଷ୍ଟ ବର୍ଣ୍ଣନା ନଥିବାରୁ ସଂଭବତଃ ତାଙ୍କର ପ୍ରତିମା ପୂଜା ପ୍ରଚଳିତ ନଥିଲା । ଦେଶରେ ଶିଳ୍ପର ବିକାଶ ପରେ ଦେବଶିଳ୍ପୀଙ୍କର ମୂର୍ତ୍ତି ପୂଜନ ଆରମ୍ଭ ହେଇଥିଲା । ବିଶ୍ୱକର୍ମା ହେଉଛନ୍ତି ସ୍ୱୟଂ ବିଶ୍ୱନିୟନ୍ତା ନାରାୟଣ ତାଙ୍କୁ ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ରୂପେ ପୂଜିତ କରାଯାଏ । ଓଡ଼ିଆଙ୍କ ଚଳଣି ଓ ଲୋକସଂସ୍କୃତିରେ ବିଶ୍ୱକର୍ମା ପୂଜାର ସ୍ୱତନ୍ତ୍ରତା ରହିଛି ।

*ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ*
*ମୋ: ୯୭୭୮୪୪୯୧୧୯*


## ସୁସଂସ୍କୃତ ବାଣୀ ବାସ୍ତବିକ ଆଭୂଷଣ





ସୁସଂସ୍କୃତ ବାଣୀ ଅର୍ଥାତ୍ ସଂସ୍କାରଯୁକ୍ତ ବାଣୀ ହିଁ ମନୁଷ୍ୟର ବାସ୍ତବିକ ଆଭୂଷଣ ହୋଇଥାଏ । ଯଦି କହିବା ସମୟରେ ତାହାର ଧ୍ୟାନ ନ ରଖାଯିବ ଅଥବା ଅଭଦ୍ର ଭାଷାର ପ୍ରୟୋଗ କରାଯିବ କିମ୍ବା କହିବା ସମୟରେ ଗାଳି କରାଯିବ ତାହେଲେ ତାକୁ ବାଣୀର ସୁସଂସ୍କାର କଦାପି କୁହାଯିବ ନାହିଁ । ଏହା ସତ୍ୟ ଅଟେ ଯେ ବାଣୀର ସରଳତା ଆଉ ଶୁଦ୍ଧତା ମନୁଷ୍ୟର ସଂସ୍କାର ଉପରେ ନିର୍ଭର କରିଥାଏ । ଏହାର ଝଲକ ତାହାର ମୁହଁ ଖୋଲିବା ପରେ ହିଁ ସାମନା ବାଲାକୁ ଦେଖା ଦେଇଥାଏ । ଭର୍ତ୍ତୃହରି ‘ନୀତିଶତକମ୍’ ରେ ବହୁତ ସୁନ୍ଦର ଭାବରେ ସୁସଂସ୍କୃତ ବାଣୀର ମହତ୍ତ୍ୱ ବତେଇକରି ବାଖ୍ୟା କରିଛନ୍ତି, ‘କେୟୁରା ନା ବିଭୂଷୟନ୍ତେ ପୁରୁଷଂ ହାରା ନ ଚନ୍ଦ୍ରଜ୍ୱାଳା । ନ ସ୍ନାନଂ ନ ବିଲେପନଂ ନ କୁସୁମଂ ନାଳଂକୃତା ମୂର୍ଦ୍ଧଜା’ । ଅର୍ଥାତ୍ ନା’ ବାହୁବନ୍ଧ ଆଦି ଆଭୂଷଣ ମନୁଷ୍ୟକୁ ସଜେଇ ଥାଏ ଆଉ ନା’ ହିଁ ଚନ୍ଦ୍ରମାର ସମାନ ଚମକୁଥିବା ହାର । ସୁଗନ୍ଧିତ ଜଳରେ ସ୍ନାନ କରିକି,ଲେପ ଲଗେଇକି, ଫୁଲରେ ବାଳକୁ ସଜେଇଲେ ମଧ୍ୟ କିଏ ସୁନ୍ଦର ହେଇ ଯିବନାହିଁ । ମନୁଷ୍ୟ କେବଳ ସଂସ୍କାରିତ ବାଣୀରେ ସୁଶୋଭିତ ହେଉଥାଏ, ଯେମିତି ସେ ଧାରଣ କରିଥାଏ । ସବୁ ଭୌତିକ ଆଭୂଷଣ ନଷ୍ଟ ହୋଇ ଯାଇଥାଏ କିନ୍ତୁ ବାଣୀ ରୂପୀ ଆଭୂଷଣ କେବେ ନଷ୍ଟ ହୁଏ ନାହିଁ । ଏହି ଶ୍ଲୋକ ଆମକୁ ଚେତେଇ ଦେଇଥାଏ ଯେ ସମ୍ପୂର୍ଣ୍ଣ ଭୌତିକ ଐଶ୍ୱର୍ଯ୍ୟ, ଧନ-ସମ୍ପତ୍ତି ନଶ୍ୱର ଅଟେ । ଏହି ସବୁର କିଛି ଠିକଣା ରହେ ନାହିଁ ଆଉ ଏସବୁ କେତେ ସମୟ ପର୍ଯ୍ୟନ୍ତ ସାଙ୍ଗରେ ରହିବେ ଜଣା ନାହିଁ । ମନୁଷ୍ୟର ବାଣୀ ତେଣିକି କାଉ ପରି କର୍କଶ ହେଉ ଅଥବା କୋଇଲିର ଭ୍ରାନ୍ତି ମଧୁର ସର୍ବଦା ଅନ୍ୟକୁ ମନେ ରହିଥାଏ । ତାହାର ଅନୁସାରେ ଲୋକ ସେହି ବ୍ୟକ୍ତି ବିଶେଷର ବିଷୟ ଆଉ ନିଜର ମତ ବନେଇ ଦେଇଥାନ୍ତି । ଆଉ ତାହାର ଅନୁରୂପ ବ୍ୟବହାର କରିଥାନ୍ତି । ଛୁଆମାନଙ୍କୁ ଅନୁଶାସନ ଶିକ୍ଷା ଦେବା ପାଇଁ ବାଣୀର କଠୋରତା ଆବଶ୍ୟକ ହୋଇଥାଏ କିନ୍ତୁ ସାଧାରଣ ବ୍ୟବହାର ନୁହେଁ । ମନୁଷ୍ୟର ବାଣୀର ମଧୁରତା ହିଁ ତାକୁ ସମସ୍ତଙ୍କ ମୁଣ୍ଡ ଉପରେ ବିରାଜମାନ କରି ଦେଇଥାଏ ଆଉ ଏହାର କଠୋରତା ଅନ୍ୟମାନଙ୍କ ଦୃଷ୍ଟିରେ ତାକୁ ତଳକୁ ପକେଇ ଦେଇଥାଏ । ସେଥିପାଇଁ ବାଣୀକୁ ମନୁଷ୍ୟର ବାସ୍ତବିକ ଆଭୂଷଣ କୁହାଯାଇଛି ।

*ମନୋଜ କୁମାର ବେହେରା*
*ମୋ - ୭୯୭୮୮୩୦୬୧୧*



## କ୍ରିୟାହୀନତା ଗୋଟିଏ କ୍ଷଣ ବି ଅସମ୍ଭବ

ପୃଥିବୀରେ କର୍ମ ନ କରି କୌଣସି ବ୍ୟକ୍ତି ଗୋଟିଏ କ୍ଷଣ ବି ରହି ପାରିବେ ନାହିଁ । ଗୀତାରେ ଶ୍ରୀକୃଷ୍ଣ ଶରୀର, ମନ ଏବଂ ଜିହ୍ୱା ଦ୍ୱାରା କରାଯାଉଥିବା ସମସ୍ତ କ୍ରିୟାକୁ କର୍ମରୂପରେ ବିବେଚନା କରନ୍ତି । ତେଣୁ ସେ ଅର୍ଜୁନଙ୍କୁ କହୁଛନ୍ତି, ସମ୍ପୂର୍ଣ୍ଣ କ୍ରିୟାହୀନତା ଗୋଟିଏ କ୍ଷଣ ପାଇଁ ମଧ୍ୟ ଅସମ୍ଭବ । ଆମେ ଯଦି କେବଳ ବସି ରହୁ ତାହା ମଧ୍ୟ ଏକ କ୍ରିୟା । ଶୋଇପଡିଲେ ତାହା ମଧ୍ୟ ଏକ କ୍ରିୟା । ନିଦ୍ରିତ ଅବସ୍ଥାରେ ମନ ସ୍ୱପ୍ନ ଦେଖିବାରେ ବିଭୋର ରହେ । ନିଦ୍ରାବସ୍ଥାରେ ମଧ୍ୟ ଆମର ହୃତ୍‌ପିଣ୍ଡ ତଥା ଅନ୍ୟ ଅଙ୍ଗସବୁ କାର୍ଯ୍ୟ କରୁଥାଏ । ତେଣୁ ଶ୍ରୀକୃଷ୍ଣ ଘୋଷଣା କରୁଛନ୍ତି ଯେ, ମନୁଷ୍ୟ ପକ୍ଷରେ ନିଷ୍କ୍ରିୟତା ହାସଲ କରିବା ଏକ ଅସମ୍ଭବ ବ୍ୟାପାର । କାର୍ଯ୍ୟ କରିବାକୁ ହିଁ ପଡ଼ିବ । ଶ୍ରୀମଦ୍ ଭାଗବତମ୍‌ରେ ଏକ ଶ୍ଲୋକ ଅନୁଯାୟୀ ‘ନ ହି କଶ୍ଚିତ୍ କ୍ଷଣମ୍ ଅପି ଯାତୁ ତିଷ୍ଠତ୍ୟକର୍ମକୃତ । କାର୍ଯ୍ୟତେ ହ୍ୟବଶଃ କର୍ମ ଗୁଣୈଃ ସ୍ୱାଭାବିକୈର୍ ବଲାତ୍’ । ଯେ କୌଣସି ବ୍ୟକ୍ତି କ୍ଷଣିକ ପାଇଁ ମଧ୍ୟ କର୍ମ ନ କରି ରହିପାରିବେ ନାହିଁ । ସମସ୍ତେ ନିଜର ଗୁଣ ଅନୁସାରେ କାର୍ଯ୍ୟ ହିଁ କରିବେ । ଏପରି କରିବାକୁ ସେ ବାଧ ଅଟନ୍ତି ।



## ଜୀବାତ୍ମା, ପରମାତ୍ମାଙ୍କ ରହିଛି ସାମଞ୍ଜସ୍ୟ

ଭଗବାନ ଶ୍ରୀକୃଷ୍ଣ ଗୀତାରେ ଠାଏ କହିଛନ୍ତି , ହେ ପରନ୍ତପ ଅର୍ଜୁନ ! ତୁମେ ଓ ମୁଁ ଉଭୟ ଅନେକ ଜନ୍ମ ଗ୍ରହଣ କରିଅଛେ । ତୁମେ ସେସବୁ ଭୁଲିଯାଇଛ, କିନ୍ତୁ ମୋର ସବୁ ସ୍ମରଣ ଅଛି । ଶ୍ରୀକୃଷ୍ଣ କହୁଛନ୍ତି ଯେ ଅର୍ଜୁନଙ୍କ ସମ୍ମୁଖରେ ସେ ମନୁଷ୍ୟ ରୂପରେ ଛିଡ଼ା ହୋଇଛନ୍ତି, ସେଥିପାଇଁ ତାଙ୍କୁ ମନୁଷ୍ୟମାନଙ୍କ ସହିତ ସମାନ ଜ୍ଞାନରେ ମନେ କରିବା ଉଚିତ ନୁହେଁ । ଧରାପୃଷ୍ଠରେ ଭଗବାନ ଅବତରଣ କରିଥାନ୍ତି ସତ, କିନ୍ତୁ ନିଜର ଦିବ୍ୟଗୁଣ ଓ ଦିବ୍ୟଶକ୍ତି ରହିତ କେବେ ହୋଇ ନ ଥାନ୍ତି । ଜୀବାତ୍ମା ଏବଂ ପରମାତ୍ମାଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି – ଉଭୟ ସତ୍-ଚିତ୍-ଆନନ୍ଦ (ନିତ୍ୟ, ଚୈତନ୍ୟ ଏବଂ ଆନନ୍ଦ) । ତଥାପି ସେମାନଙ୍କ ମଧ୍ୟରେ ରହିଛି ଅନେକ ପାର୍ଥକ୍ୟ । ଭଗବାନ ସର୍ବବ୍ୟାପକ । ଜୀବ କେବଳ ଶରୀରରେ ବ୍ୟାପ୍ତ । ଭଗବାନ ସର୍ବଶକ୍ତିମାନ, କିନ୍ତୁ ଭଗବାନଙ୍କର କୃପା ବିନା ଜୀବର ମାୟା କବଳରୁ ମୁକ୍ତି ହୋଇପାରିବାର ଶକ୍ତି ମଧ୍ୟ ନାହିଁ । ଭଗବାନ ସୃଷ୍ଟିର ନିୟାମକ ହେତୁ ଜୀବ ନିୟମାଧୀନ । ଭଗବାନ ବା ଈଶ୍ୱର ହେଲେ ସୃଷ୍ଟିର ରକ୍ଷକ । ଜୀବ ତାଙ୍କ ଦ୍ୱାରା ରକ୍ଷିତ ହୋଇଥାଏ । ଭଗବାନ ସର୍ବଜ୍ଞ ମାତ୍ର ଆତ୍ମାର କୌଣସି ଗୋଟିଏ ବିଷୟରେ ମଧ୍ୟ ପୂର୍ଣ୍ଣଜ୍ଞାନ ନ ଥାଏ । ଶ୍ରୀକୃଷ୍ଣ ଆଲୋଚିତ ଶ୍ଲୋକରେ ଅର୍ଜୁନଙ୍କୁ ‘ପରନ୍ତପ’ ଭାବରେ ସମ୍ବୋଧନ କରିଛନ୍ତି । ଏହାର ଅର୍ଥ ଯିଏ “ଶତ୍ରୁମାନଙ୍କର ବିନାଶକାରୀ” । ଏହା ଜରିଆରେ ଅର୍ଜୁନଠାରେ ଶ୍ରୀକୃଷ୍ଣ ଆତ୍ମବିଶ୍ୱାସ ସୃଷ୍ଟି କରାଇଛନ୍ତି । ଅର୍ଜୁନ, ବହୁତ ପରାକ୍ରମୀ ଶତ୍ରୁମାନଙ୍କୁ ବଧ କରିଥିବା ଜଣେ ବୀର ଯୋଦ୍ଧା । ତେଣୁ ସେ ନିଜ ମନରେ ଉଠୁଥିବା ଶଙ୍କା ଆଗରେ ପରାସ୍ତ ହେବା ଅନୁଚିତ ।



## ଗାଁ ସାଥିମାନଙ୍କ ସହିତ ପ୍ରଶାସନର ଆଲୋଚନା

ଭାପୁର,(ନିପ୍ର): ଭାପୁର ବ୍ଲକ ଗାଁ ସାଥିମାନଙ୍କୁ ପ୍ରଶାସନିକ ଅଣଦେଖା ପ୍ରତିବାଦରେ ଗାଁ ସାଥିମାନେ ଆନ୍ଦୋଳନ ଓ ଧାରଣା ଦେବା ପାଇଁ ପ୍ରସ୍ତୁତ ହେଉଥିଲେ। ଆଜି ବ୍ଲକ ପ୍ରଶାସନ ସେମାନଙ୍କୁ ଡକାଇ ସେମାନଙ୍କ ସମାସ୍ୟା ଓ ଅଭିଯୋଗ ନେଇ ଆଲୋଚନା କରିଥିଲେ। ପ୍ରତି ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ପଞ୍ଚାୟତରେ ହେଉଥିବା ମନରେଗା ଓ ଅନ୍ୟ ଉନ୍ନତି ମୂଳକ କାର୍ଯ୍ୟ ସମୟରେ ଗାଁ ସାଥିମାନଙ୍କୁ ଅନ୍ଧାରରେ ରଖି ସେମାନଙ୍କୁ ଅଣଦେଖା କରାଯାଇଛି। ଏ ନେଇ ଗାଁ ସାଥିମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇ ସେମାନଙ୍କ ହକ ପାଇଁ ବ୍ଲକ ସମ୍ମୁଖରେ ଧାରଣା ଦେବା ପାଇଁ ସଜବାଜ ହେଉଥିବାବେଳେ ବୁଧବାର ଦିନ ବ୍ଲକ ଏପିଓ ଅରୁଣ କୁମାର ଚିନରା ସଙ୍ଘର ସଭାପତି କୈଳାସ ଚନ୍ଦ୍ର ମହାପାତ୍ର ଓ ଉପ ସଭାପତି ସନ୍ତୋଷ କୁମାର ପାତ୍ର ଓ ଅନ୍ୟ ସମସ୍ତଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ସେମାନଙ୍କୁ ପ୍ରଥମେ ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କର ସହଯୋଗ ରେ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରାଯିବାର ପ୍ରତିଶ୍ରୁତି ଦେଇଥିଲେ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୩୨୦ଟି ମାମଲା ଫଏସଲା



ନୟାଗଡ଼(ନିପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ନୟାଗଡ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଚଳିତ ବର୍ଷରର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲ୍ଲାର ଉକ୍ତ ଲୋକ ଅଦାଲତରେ ୧୧ ଟି ସାଲିସଯୋଗ୍ୟ ଫୌଜଦାରୀ ମାମଲା ଫଇସଲା କରାଯାଇଥିଲା । ୮ ଟି ଏନ.ଆଇ ଆକ୍ଟ ମାମଲାର ଫଇସଲା ହୋଇଥିଲା । ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରିନଥିବା ୧୧୭ ଜଣ ଋଣ ଗ୍ରହିତାଙ୍କଠାରୁ ୩୪,୮୭,୪୯୩ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା । ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୫୮,୧୫,୦୦୦ ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଟ୍ରାଫିକ ଚାଲାଣ ବାବଦକୁ ୧୦୩୪ ମାମଲା ଫଇସଲା କରାଯାଇ ୩୪,୨୨,୧୯୪ ଟଙ୍କା ଆଦାୟ କରଯାଇଥିଲା । ସେହିପରି ୧୯୨୩ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୯,୨୨,୯୯୮ ଟଙ୍କା ଆଦାୟ କରଯାଇଥିଲା । ୧୯ ଟି ସାଲିସଯୋଗ୍ୟ ଟେଲିଫୋନ ବିବାଦ ମାମଲାର ସମାଧାନ କରାଯାଇ, ୬୩,୦୯୯ ଟଙ୍କା ଆଦୟ କରଯାଇଥିଲା । ୧୨ ଟି ବିବାହ ଜନିତ ମାମଲାର ଫଇସଲା କରାଯାଇ ଦାମ୍ପତ୍ୟ ଜୀବନର ପୁନଃସ୍ଥାପନ କରଯାଇଥିଲା । ତତସହିତ, ୬ଟି ପ୍ରି-ଇନ୍ଷ୍ଟିଟ୍ୟୁସନ୍ କୋର୍ଟ୍ ରେଫର୍ କରାଯାଇଥିବା ପାରିବାରିକ ବିବାଦର ନିଷ୍ପତ୍ତି କରାଯାଇଥିଲା। ୨ ଟି ଉପଭୋକ୍ତା ବିବାଦର ସମାଧାନ କରାଯାଇ ୩,୪୮,୫୪୬ ଆଦାୟ କରଯାଇଥିଲା।

### ଡରାଇଲା ରେଭେନ୍ସା ଗବେଷଣା ରିପୋର୍ଟ

## କଟକ ଦେଖିବ ଭୟଙ୍କର ଜଳ ସଂକଟ

କଟକ,(ନିପ୍ର): କଟକକୁ ମାଡ଼ି ଆସୁଛି ବଡ଼ ବିପଦ। ଏପଟ ସେପଟ ହୋଇ କଟକର ଦୁଇ ପାର୍ଶ୍ୱରେ ମହାନଦୀ ଓ କାଠଯୋଡ଼ି ବହି ଯାଇଥିଲେ ହେଁ କଟକରେ ଭୀଷଣ ଜଳ ସଂକଟ ଦେଖାଦେବ। ପିଇବା ପାଣି ପାଇଁ କଟକବାସୀ ହନ୍ତସନ୍ତ ହେବେ। ବେଳ ହୁଁ ସାବଧାନ ନ ହେଲେ ଏପରି ସ୍ଥିତି ବେଶୀ ଦୂର ନୁହେଁ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂ-ତତ୍ତ୍ୱ ବିଜ୍ଞାନ ବିଭାଗର ପ୍ରଫେସର ଏପରି ସତର୍କବାଣୀ ଦେବା ସହ ପ୍ରଶାସନ, ସରକାରଙ୍କୁ ଚେତାଇ ଦେଇଛନ୍ତି। ଭୂତତ୍ତ୍ୱ ବିଜ୍ଞାନ ବିଭାଗର ପ୍ରାଧ୍ୟାପକଙ୍କ ଦ୍ୱାରା ଏକ ଗବେଷଣାରୁ ଜଣାଯାଇଛି ଯେ ସହର ଚାରିପାଖେ ବେଆଇନ ବାଲି ଖାଦାନର ସାମ୍ରାଜ୍ୟ ଏବେ କଟକର ମାଟି ତଳର ଜଳଭଣ୍ଡାରକୁ ଶୂନ୍ୟ କରିଦେଲାଣି। ଗତ ଦୁଇରୁ ୩ ବର୍ଷ ହେଲା ଜଳସ୍ତର କମି କମି ଯାଉଛି। ବିଶେଷକରି, କାଠଯୋଡ଼ି ଓ ଆଖପାଖ ଅଞ୍ଚଳରେ ଏଭଳି ସଙ୍କଟ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ସେହିଭଳି କାଠଯୋଡ଼ି ଏବଂ ମହାନଦୀରେ ବାଲିଚର କ୍ରମଶଃ ହ୍ରାସ ପାଉଛି। ଯାହାଦ୍ୱାରା ଦୁଇ ନଦୀ ମଧ୍ୟରେ ଥିବା ବଡ଼ ବଡ଼ ସେତୁଗୁଡ଼ିକ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି। ଏବେଠାରୁ ପ୍ରଶାସନ ଏଥିପ୍ରତି ସତର୍କ ନ ହେଲେ, କଟକ ସହରବାସୀ ଓ ଉପକଣ୍ଠ ଅଞ୍ଚଳରେ ଲୋକମାନେ ପିଇବା ପାଣି ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣାପଡ଼ିଛି। ରିପୋର୍ଟରେ କୁହାଯାଇଛି, ନଦୀଗୁଡ଼ିକରୁ ସୀମାହୀନ ବାଲି ଉତ୍ତୋଳନ ଯୋଗୁଁ ଜୈବିକ ପ୍ରକ୍ରିୟା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାଲି ସ୍ତର କମିବା ଦ୍ୱାରା ବର୍ଷା ଜଳ ମାଟି ଭିତରକୁ ଶୋଷି ହୋଇ ଯାଇପାରୁ ନାହିଁ। କାଠଯୋଡ଼ିରେ ୨୦୨୪ ଏବଂ ୨୦୨୫ ମସିହାରେ ସର୍ବାଧିକ ୨.୮୬୨ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବାଲି ଉତ୍ତୋଳନ କରାଯାଇଛି। ୨୦୧୭- ୨୦୧୮ରେ ୨ ବର୍ଗ କିଲୋମିଟର, ୨୦୧୯ରେ ୧.୫ରୁ ୨ ବର୍ଗ କିଲୋମିଟର, ୨୦୨୦ରେ ୧.୫ରୁ ୧.୮ ବର୍ଗ କିଲୋମିଟର, ୨୦୨୧ରେ ୧.୫ ରୁ ୧.୬ ବର୍ଗ କିଲୋମିଟର ଥିବା ବେଳେ ୨୦୨୨ରୁ ଏହା ସର୍ବାଧିକ ୨ ବର୍ଗ କିଲୋମିଟରରୁ ୨.୮୬୨ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବାଲି ଉତ୍ତୋଳନ ହୋଇଛି। ବିଶେଷକରି କାଠଯୋଡ଼ିରେ ଥିବା ସେତୁ ନିକଟବର୍ତ୍ତୀ ଅଞ୍ଚଳରୁ ଅଧିକ ବାଲି ଉତ୍ତୋଳନ କରାଯାଇଛି। ଏହାଦ୍ୱାରା ଭୂତଳ ଜଳସ୍ତର ପ୍ରଭାବିତ ହୋଇଛି। ଗବେଷଣାରୁ ଜଣାପଡ଼ିଛି ଯେ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଭୂତଳ ଜଳସ୍ତର ଷ୍ଟାଣ୍ଡାର୍ଡ ଲାଇନର ଉପରେ ରହିଥିଲା। କିନ୍ତୁ ୨୦୨୧ ଜାନୁଆରୀଠାରୁ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଯଦି ଏହି ବାଲି ଲୁଟ୍ ଉପରେ ତୁରନ୍ତ ରୋକ ନ ଲଗାଯାଏ, ତେବେ କଟକରେ ଜଳାଭାବ ପରିସ୍ଥିତି ଅତି ଭୟଙ୍କର ରୂପ ନେବ। ପ୍ରଫେସର ଡ. ସନ୍ଦୀପ ନାରାୟଣ କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ସହଯୋଗୀ ନୀହାର ରଞ୍ଜନ ସାହୁ ଏ ଦିଗରେ ଗବେଷଣା କରିଛନ୍ତି। ବିଶେଷକରି, ଉପଗ୍ରହ ଚିତ୍ର ଓ ଜିଓଗ୍ରାଫିକ୍ ଇନ୍‌ଫର୍ମେସନ୍ ସିଷ୍ଟମ (ଜିଆଇଏସ) ଦ୍ୱାରା ନଦୀର ପରିବର୍ତ୍ତନଶୀଳ ଗତିପଥ ବିଷୟରେ ଅଧ୍ୟୟନ ଜାରି ରଖିଛନ୍ତି। ସେମାନେ ନରାଜ ଓ ଯୋବ୍ରା ବ୍ୟାରେଜ୍ ମଧ୍ୟବର୍ତ୍ତୀ ସୀମିତ ଅଞ୍ଚଳରେ ନଦୀ ପଥ ପରିବର୍ତ୍ତନ ଏବଂ ବାଲିଚର ସ୍ଥାନାନ୍ତରଣ ଢାଞ୍ଚା ଉପରେ ଗବେଷଣା କରିଛନ୍ତି। ଏଠାରେ ବାଲିଚରର ଦ୍ରୁତ ପରିବର୍ତ୍ତନ ଘଟୁଥିବା ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି। ବାଲିର ଘନତ୍ୱ ହ୍ରାସ ପାଉଛି ଏବଂ ଅଳ୍ପ ସମୟ ମଧ୍ୟରେ ଦ୍ରୁତ ଜଳ ପ୍ରବାହ ବୃଦ୍ଧି ପାଉଛି। ଗତ ୩୦ ବର୍ଷ ତୁଳନାରେ ସର୍ବାଧିକ ବାଲିଚର କ୍ଷେତ୍ର ହ୍ରାସ ପାଉଛି। ବାଲିଚର ଦ୍ରୁତ କ୍ଷୟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଥିବା ସେତୁଗୁଡ଼ିକୁ ମଧ୍ୟ କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି।

## ନିମାପଡ଼ା ସହିଦ ଦିବସରେ ଗାର୍ଡ଼ ଅଫ୍ ଅନର, ମଶାଲ ଶୋଭାଯାତ୍ରା

ନିମାପଡ଼ା,(ନି.ପ୍ର): ନିମାପଡ଼ା ପୌର ପରିଷଦ ଏବଂ ନିମାପଡ଼ା ସହୀଦ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ନିମାପଡ଼ା ସହୀଦ ଦିବସ-୨୦୨୬ ଥାନା ପଡ଼ିଆରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିଜେ ଉଦ୍‌ବୋଧନ ଦେଇ ନିମାପଡ଼ାରେ ପାଇକ ବିଦ୍ରୋହ (୧୮୨୭ ମସିହା), ଅସହଯୋଗ ଆନ୍ଦୋଳନ (୧୯୨୦), ଶ୍ରମିକ ଆନ୍ଦୋଳନ (୧୯୨୫), ଆଇନ ଅମାନ୍ୟ ଆନ୍ଦୋଳନ (୧୯୩୦) ଓ ଲବଣ ସତ୍ୟାଗ୍ରହ, ହରିଜନ ଆନ୍ଦୋଳନ (୧୯୩୪), କୃଷକ ଆନ୍ଦୋଳନ (୧୯୩୫), ବାଣୀ ସତ୍ୟାଗ୍ରହ (୧୯୪୦), ଭାରତ ଛାଡ଼ ଆନ୍ଦୋଳନ (୧୯୪୨) ସଂଗଠିତ ହୋଇଥିବା ସୂଚନା ନିମାପଡ଼ା ମାଟିକୁ ସଂଗ୍ରାମୀ ମାଟି ବୋଲି ଅଭିହତ କରିଥିଲେ। ଅତିଥି ଭାବେ ଐତିହାସିକ ଯୋଗେନ୍ଦ୍ର ମିଶ୍ର, ସମାଜସେବୀ ଜଗଦାନନ୍ଦ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ସଂଗ୍ରାମୀ ମୋହନ ଦାଶ, ପଦ୍ମଚରଣ ସାମନ୍ତସିଂହାରଙ୍କ ନେତୃତ୍ୱରେ ନିମାପଡ଼ା ଆନ୍ଦୋଳନ ତ୍ୱରାନ୍ୱିତ ହୋଇଥିବା କହିଥିଲେ। ସଂସଦ ସଂପାଦକ ଡ଼. ବେଣୁଧର ସେନାପତି ସ୍ୱାଗତ ସୂଚନା ଦେବା ପରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ସହୀଦ ଦିବସ ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ।


## ଗେଭ୍ରା କୋଇଲା ଖଣି ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି

ଭୁବନେଶ୍ୱର,,୧୬।୯(ପିଆଇବି): ଛତିଶଗଡ଼ ଗସ୍ତରେ ଥିବା ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ସେମାନଙ୍କର ଆନ୍ତଃ-ରାଜ୍ୟ ଗସ୍ତର ତୃତୀୟ ଦିନରେ କୋରବା ଜିଲ୍ଲାରେ ଅବସ୍ଥିତ ସାଉଥ୍ ଇଷ୍ଟର୍ଣ୍ଣ କୋଲଫିଲ୍ଡସ ଲିମିଟେଡ୍ (ଏସଇସିଏଲ)ର ଗେଭ୍ରା ଖଣି ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ କାଳରେ ସେମାନେ ଖନନ କାର୍ଯ୍ୟର ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବା ସହ ବୃହତ୍-ସ୍କେଲ୍ କୋଇଲା ଉତ୍ପାଦନ, ବୈଷୟିକ କୌଶଳ ଏବଂ ସୁରକ୍ଷା ବ୍ୟବସ୍ଥା ବିଷୟରେ ଜାଣିବାକୁ ପାଇଥିଲେ। ଏସଇସିଏଲର ମୁଖ୍ୟ ପରିଚାଳକ ସଞ୍ଜୟ ମିଶ୍ର ଏବଂ ମୁଖ୍ୟ ପରିଚାଳକ (ପରିଚାଳନା) ଧୀରାଜ ଚୌଧୁରୀ ସାମ୍ବାଦିକ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ। ରାଷ୍ଟ୍ରର ବିକାଶରେ କୋଇଲାର ଗୁରୁତ୍ୱ ଉପରେ ଆଲୋକପାତ କରି ଏସଇସିଏଲର ମହାପ୍ରବନ୍ଧକ ସଞ୍ଜୟ ମିଶ୍ର କହିଥିଲେ, "ଯେକୌଣସି ଦେଶର ବିକାଶରେ କୋଇଲାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୋଇଲା ବିନା ଶକ୍ତି କ୍ଷେତ୍ରକୁ କଳ୍ପନା କରିବା କଷ୍ଟକର। ରୋଷେଇ ଇନ୍ଧନଠାରୁ ଆରମ୍ଭ କରି ଇଞ୍ଜିନ୍ ଓ ଶିଳ୍ପ କାର୍ଯ୍ୟକଳାପକୁ ଶକ୍ତି ଯୋଗାଇବା ପର୍ଯ୍ୟନ୍ତ ଦେଶର ଶକ୍ତି ଆବଶ୍ୟକତା ପୂରଣରେ କୋଇଲାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।" ଧୀରାଜ ଚୌଧୁରୀ ଗେଭ୍ରା ଖଣିର କାର୍ଯ୍ୟପ୍ରଣାଳୀ, କୋଇଲା ଉତ୍ପାଦନ, ସୁରକ୍ଷା ପ୍ରୋଟୋକଲ୍ ଏବଂ ନିରାପଦ ଓ ଦକ୍ଷ ଖଣି କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସାମ୍ବାଦିକମାନଙ୍କୁ ଅବଗତ କରାଇଥିଲେ।



## ଏନଟିପିସି କୋରବା ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ

ଭୁବନେଶ୍ୱର,୧୬।୯(ପିଆଇବି): ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଛତିଶଗଡ଼ ଆନ୍ତଃରାଜ୍ୟ ଗଣମାଧ୍ୟମ ପରିଦର୍ଶନ କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ, ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଏନଟିପିସି କୋରବା ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିମାନେ ଏକ ପ୍ରମୁଖ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରର କାର୍ଯ୍ୟପ୍ରଣାଳୀକୁ ପ୍ରତ୍ୟକ୍ଷ ଭାବେ ଜାଣିବା ସହ ଏହାର ପରିଚାଳନା ପଦ୍ଧତି, ବୈଷୟିକ ପଦକ୍ଷେପ, ପରିବେଶ ସୁରକ୍ଷାମୂଳକ ପଦକ୍ଷେପ ଏବଂ ସମ୍ପ୍ରଦାୟ-କେନ୍ଦ୍ରିକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ଅବଗତ ହେବାର ସୁଯୋଗ ପାଇଥିଲେ। ପ୍ରତିନିଧି ଦଳ ଏନଟିପିସି କୋରବାର କର୍ତ୍ତୃପକ୍ଷଙ୍କ ସହ ଏକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏନଟିପିସି କୋରବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ପାତ୍ରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଆଗନ୍ତୁକ ସାମ୍ବାଦିକମାନଙ୍କୁ ବିଦ୍ୟୁତ କେନ୍ଦ୍ରର ପ୍ରଦର୍ଶନ, କାର୍ଯ୍ୟପ୍ରଣାଳୀ ଏବଂ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଆଲୋଚନା ମାଧ୍ୟମରେ ସାମ୍ବାଦିକମାନେ ବିଦ୍ୟୁତ ଉତ୍ପାଦନ ଓ ଶକ୍ତି କ୍ଷେତ୍ରରେ ଏହି କେନ୍ଦ୍ରର ଅବଦାନ ସମ୍ପର୍କରେ ବାସ୍ତବ ଧାରଣା ହାସଲ କରିଥିଲେ। ୨,୬୦୦ ମେଗାୱାଟ୍ ସ୍ଥାପିତ କ୍ଷମତା ସହିତ ଏନ୍ଟିପିସି କୋରବା ୨୦୨୫-୨୬ ଆର୍ଥିକ ବର୍ଷରେ ୮୭.୭୧ ପ୍ରତିଶତ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର (ପିଏଲ୍ଏଫ) ହାସଲ କରିଥିଲା, ଯାହା ଏହି ଆର୍ଥିକ ବର୍ଷରେ ଏନଟିପିସିର ସମସ୍ତ ବିଦ୍ୟୁତ କେନ୍ଦ୍ର ମଧ୍ୟରେ ସର୍ବାଧିକ। କ୍ରମାଗତ ଛଅ ବର୍ଷ ଧରି ଏନଟିପିସିର ବିଭିନ୍ନ ବିଦ୍ୟୁତ କେନ୍ଦ୍ର ମଧ୍ୟରେ ଏହି କେନ୍ଦ୍ର ସର୍ବାଧିକ ପିଏଲଏଫ୍ ରେକର୍ଡ କରିଆସୁଛି। ଏହାଛଡ଼ା, ଚଳିତ ବର୍ଷରେ କେନ୍ଦ୍ରଟି ୯୪.୮୫ ପ୍ରତିଶତ ଘୋଷିତ କ୍ଷମତା ଏବଂ ୯୫.୩୩ ପ୍ରତିଶତ ଅନ୍-ବାର୍ ଉପଲବ୍ଧତା ହାସଲ କରିଛି।

ତିଥି :(ଷଷ୍ଠୀ ): (ଅନୁରାଧା ବିଛା, ବିଶ୍ୱକର୍ମା ପୂଜା )
ଅମୃତ ବେଳା: ପ୍ରାତଃ ୫ ।୩୭ରୁ ଘ ୭ ।୧୪ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟ ବିଭୂତି ଓ ଯୋଗକୁ
ଜାଣେ ଅବିଚଳିତ ଭକ୍ତି ଯୋଗରେ ଯୁକ୍ତ ହୋଇଯାଏ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଶିଶୁସ୍ୱାର୍ଥ ସୁରକ୍ଷା ଆଗ


ପ୍ରତ୍ୟେକ ଶିଶୁ ହେଉଛନ୍ତି ଆଗାମୀ କାଲିର ନାଗରିକ। ଏହି ବର୍ଗଙ୍କ ସୁରକ୍ଷା ବଡମାନଙ୍କ ଆନ୍ତରିକତା ତଥା ଯତ୍ନ ଉପରେ ନିର୍ଭରଶୀଳ। ଅପରପକ୍ଷେ କିଛି ଦୁଷ୍ଟତତ୍ତ୍ୱ ପଣ୍ୟବାଦ ଆଧାରିତ ଅପସଂସ୍କୃତିର ସୌଦାଗର ସାଜିବା ବେଳେ ଶିଶୁ ଯୌନ ଅଧାରିତ ଅନଲାଇନ ସାମଗ୍ରୀର ବିକ୍ରୀବଟା କରିଚାଲିଛନ୍ତି। କୁରୁଚି ସଂପନ୍ନ କିଛି ନଷ୍ଟତତ୍ତ୍ୱ ଏହାର ଗ୍ରାହକ ସାଜିଥାନ୍ତି । ତେଣୁ ଗୋପନରେ ଅନଲାଇନରେ ଧୂର୍ତ୍ତତାର ସହ ସୌଦାଗରଙ୍କ ପ୍ରତି ଆକର୍ଷିତ ହୋଇ ଏପରି ସାମଗ୍ରୀର କ୍ରୟ କରିଥାନ୍ତି,ଯାହା ଅପସଂସ୍କୃତିକୁ ଅଧିକ ବିଷାକ୍ତ କରିଥାଏ । ତାହା ଯଦି ହେଉ ନ ଥାନ୍ତା ଫେସବୁକ ଓ ଇନଷ୍ଟାଗ୍ରାମର ମାଲିକ ମେଟାକୁ ତାଗିଦା କରି ନଥାନ୍ତେ କେନ୍ଦ୍ର ସରକାର। ଭାରତୀୟ ସାଇବାର କ୍ରାଇମ କୋର୍ଡିନେସନ ସେଣ୍ଟର ତାଗିଦା ପୂର୍ବକ (୧୪ ସି) ସାଇବର କ୍ରାଇମ ପୋର୍ଟାଲକୁ ସିଧାସଳଖ ଏପରି ସାମଗ୍ରୀ ବାବଦେ ଜଣାଇବାକୁ କହିବା ପରେ ମେଟା ଏନେଇ ସହମତି ପ୍ରକାଶ କରିଛି, ଯାହା ଆଶ୍ୱସ୍ତିଜନକ।

ଅନଲାଇନରେ ଶିଶୁଙ୍କ ସୁରକ୍ଷା ଆମ ଦେଶରେ କାର୍ଯ୍ୟ କରୁଥିବା ଯେ କୌଣସି ସୋସିଆଲ ମିଡିଆ ପାଇଁ ମୌଳିକ ନୀତି। ଯିଏ ଏହାର ଉଲ୍ଲଙ୍ଘନ କରିବ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ। ତେବେ ଏପରି ବି ହୋଇପାରେ ଗଳାବାଟ ଦେଇ କିଛି ଅପପ୍ରୟାସ ହେବା ବିଚିତ୍ର ନୁହେଁ, ଏ କ୍ଷେତ୍ରରେ ନିରନ୍ତର ଛାଟ ଓ କାର୍ଯ୍ୟାନୁଷ୍ଠାନ ଲୋଡ଼ା। ଗତ ଜୁଲାଇରେ କେନ୍ଦ୍ର ସରକାର ମେଟାକୁ ଜାରି କରିଥିଲେ ଏକ ନୋଟିସ। ତାହା ହେଉଛି ସିମ୍ ବା ଚାଇଲଡ଼ ସେକ୍ସୁଆଲ ଏକ୍ସପ୍ଲଏଟିଭ ଆଣ୍ଡ ଆବ୍ୟୁଜ ସଂକ୍ରାନ୍ତ ସମସ୍ତ ଆଡ୍ ଓ ପ୍ରୋତ୍ସାହନକାରୀ ବିଷୟବସ୍ତୁକୁ ଅଚଳ କରାଯିବା ସଂପର୍କରେ। ଏ ବାବଦରେ ଇନଷ୍ଟାଗ୍ରାମକୁ ଖୋଦ୍ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ଆଧାରିତ ମନ୍ତ୍ରାଳୟ ଆଦେଶ ଦେଇଥିଲା। ଜାତୀୟ ଶିଶୁ ଅଧିକାର କମିଶନ ବା ଏନସିପିସିଆର୍‌କୁ ସମନ ଜାରି କରିଛି। ଏସବୁ କେନ୍ଦ୍ର ସରକାରଙ୍କ ସକ୍ରିୟତା । ଏହା ସତ୍ତ୍ୱେ କେଉଁଠି ଯଦି ଗଳାବାଟ ଦେଇ ଦୁଷ୍ଟତତ୍ତ୍ୱ ମାନେ କଳା କାରନାମା କରୁଥାଆନ୍ତି ତେବେ ଲୋକେ ସରକାରଙ୍କୁ ଜଣାଇବା ପାଇଁ ତତ୍ପର ହେବା ନେଇ ବ୍ୟବସ୍ଥା କରାଯିବା ଆବଶ୍ୟକ।

# ସ୍ୱପ୍ନର ପ୍ରେମିକା ଓ ବାସ୍ତବତା

**ଅଖିଳ ତରାଇ**

ମଣିଷ ଯେତେବେଳେ ପ୍ରେମରେ ପଡ଼େ, ସେତେବେଳେ ସବୁଠାରୁ ପ୍ରଥମେ ବଦଳିଯାଏ ତା'ର ଦୃଷ୍ଟି। ଦୁନିଆ ସେହି ଦୁନିଆ ଥାଏ, ଲୋକମାନେ ସେହି ଲୋକ ଥାଆନ୍ତି, ଆକାଶର ରଙ୍ଗ ମଧ୍ୟ ବଦଳେ ନାହିଁ କିନ୍ତୁ ପ୍ରେମିକର ଆଖିରେ ଜଣେ ମଣିଷ ହଠାତ୍ ସମଗ୍ର ଦୁନିଆଠାରୁ ଅଧିକ ମୂଲ୍ୟବାନ ହୋଇଯାଏ। ପ୍ରେମ ବାସ୍ତବତାକୁ ବଦଳାଏ ନାହିଁ, ବାସ୍ତବତାକୁ ଦେଖିବାର ଆମ ଦୃଷ୍ଟିକୁ ବଦଳାଇ ଦିଏ। ଏହିଠାରୁ ଆରମ୍ଭ ହୁଏ ପ୍ରେମର ସୌନ୍ଦର୍ଯ୍ୟ, ଆଉ ଅନେକ ସମୟରେ ଏହିଠାରୁ ହିଁ ଜନ୍ମ ନିଏ ଏକ ସୁନ୍ଦର ଭ୍ରମ। ପ୍ରଥମ ଦେଖାରେ ହୁଏତ ତା'ର ଚେହେରା ଭଲ ଲାଗେ, ହସ ମନକୁ ଛୁଇଁଯାଏ, କଥା କହିବାର ଶୈଳୀ ଅଲଗା ଲାଗେ। ଏକ ଛୋଟ ପରିଚୟ ଧୀରେ ଧୀରେ ଅପେକ୍ଷାରେ ପରିଣତ ହୁଏ, ଅପେକ୍ଷା ଅଭ୍ୟାସରେ ଏବଂ ଅଭ୍ୟାସ ଦିନେ ପ୍ରେମରେ। ତା'ପରେ ପ୍ରେମିକା କେବଳ ଜଣେ ଝିଅ ରହିନଥାଏ, ସେ ହୋଇଯାଏ ଚିନ୍ତାର କେନ୍ଦ୍ର, ସ୍ୱପ୍ନର ଠିକଣା ଓ ଭବିଷ୍ୟତର ଏକ କଳ୍ପିତ ଚିତ୍ର। ପ୍ରେମର ଆରମ୍ଭରେ ପ୍ରେମିକାର ପ୍ରତ୍ୟେକଟି ଜିନିଷ ଅସାଧାରଣ ଲାଗେ। ତା'ର ରାଗରେ ମଧ୍ୟ ମିଠାସ ଦିଶେ, ତା'ର ଅଭିମାନରେ ଭଲପାଇବା ଦିଶେ, ତା'ର ଜିଦ୍‌ରେ ଶିଶୁସୁଲଭତା ଦିଶେ। ତା'ର ଏକ ହସ ସାରା ଦିନର କ୍ଳାନ୍ତି ଦୂର କରିଦିଏ, ତା'ର ଏକ ଫୋନ୍‌କଲ୍ ମନକୁ ଅଜଣା ଖୁସିରେ ଭରିଦିଏ। ଯେଉଁ ଝିଅକୁ ଅନ୍ୟମାନେ ସାଧାରଣ ଭାବେ ଦେଖନ୍ତି, ପ୍ରେମିକ ସେଠାରେ ଅସାଧାରଣତା ଖୋଜି ପାଏ। ତା' ପାଇଁ ପ୍ରେମିକା ମୋତିଠାରୁ ମୂଲ୍ୟବାନ, ହୀରାଠାରୁ ଦୁର୍ଲଭ, ଚନ୍ଦ୍ରଠାରୁ ସୁନ୍ଦର ହୋଇଯାଏ। ଏହି ଅବସ୍ଥାରେ ମଣିଷ ବେଳେବେଳେ ପ୍ରେମକୁ ଜୀବନଠାରୁ ବଡ଼ କରିଦିଏ। ପ୍ରେମିକାର ଖୁସି ପାଇଁ ନିଜ ଖୁସିକୁ ତ୍ୟାଗ କରେ। ତା' ପାଇଁ ସମୟ ଦିଏ, ସ୍ୱପ୍ନ ଦେଖେ, ଅସୁବିଧା ସହେ ଏବଂ ଭବିଷ୍ୟତର ଅନେକ ଯୋଜନା ତିଆରି କରେ। କେବେ କେବେ ଏହି ଆବେଗ ଏତେ ତୀବ୍ର ହୋଇଯାଏ ଯେ ମଣିଷ ନିଜ ପରିବାର, ବନ୍ଧୁ ଏବଂ




ନିଜର ଅସ୍ତିତ୍ୱକୁ ମଧ୍ୟ ପଛକୁ ଠେଲିଦିଏ। ସେ ଭାବେ "ସେ ଥିଲେ ସବୁ ଅଛି, ସେ ନଥିଲେ କିଛି ନାହିଁ।" କିନ୍ତୁ ଜୀବନ କେବଳ ଆବେଗରେ ଚାଲେ ନାହିଁ। ସମୟ ଯେତେବେଳେ ପ୍ରେମର ଉତ୍ତାପକୁ ଧୀରେ ଧୀରେ ଶାନ୍ତ କରେ, ସେତେବେଳେ କଳ୍ପନାର ପରଦା ମଧ୍ୟ ହଟିବାକୁ ଲାଗେ। ଯେଉଁ ରାଗ ପୂର୍ବରୁ ମିଠା ଲାଗୁଥିଲା, ସେହି ରାଗ ଏବେ କଷ୍ଟ ଦିଏ। ଯେଉଁ ଜିଦ୍ ପୂର୍ବରୁ ଭଲ ଲାଗୁଥିଲା, ସେହି ଜିଦ୍ ଏବେ ଅସହ୍ୟ ଲାଗେ। ଯେଉଁ ଅଭ୍ୟାସକୁ ପ୍ରେମିକ ଦିନେ ପ୍ରେମର ଚିହ୍ନ ବୋଲି ଭାବୁଥିଲା, ସେହି ଅଭ୍ୟାସ ଦିନେ ତା'କୁ ବିରକ୍ତ କରିବାକୁ ଲାଗେ। ତା'ପରେ ପ୍ରଶ୍ନ ଉଠେ, ସେ କ'ଣ ବଦଳିଗଲା ନା, ହୁଏତ ସେତେଟା ବଦଳିନାହିଁ। ବଦଳିଯାଇଛି ତା'କୁ ଦେଖିବାର ଆଖି। ପ୍ରଥମେ ପ୍ରେମ ଯେଉଁ ରଙ୍ଗିନ ଚଷମା ପିନ୍ଧାଇ ଦେଇଥିଲା, ସମୟ ସହିତ ସେହି ଚଷମା ଖସିଯାଇଛି। ଏବେ ପ୍ରେମିକା ଦେବୀ ନୁହେଁ, ରାଜକୁମାରୀ ନୁହେଁ, ସ୍ୱପ୍ନର ଅପୂର୍ଣ୍ଣ ପାତ୍ର ମଧ୍ୟ ନୁହେଁ ସେ ଜଣେ ସାଧାରଣ ମଣିଷ। ତା'ର ଭଲ ଅଛି, ଖରାପ ଅଛି, ଗୁଣ ଅଛି, ଦୋଷ ମଧ୍ୟ ଅଛି। ଏଠି ହିଁ ପ୍ରେମର ପ୍ରକୃତ ପରୀକ୍ଷା। କାହାର ସୁନ୍ଦର ରୂପକୁ ଭଲପାଇବା ସହଜ, କାହାର ଗୁଣକୁ ପ୍ରଶଂସା କରିବା ମଧ୍ୟ ସହଜ। କିନ୍ତୁ ତା'ର ଅପୂର୍ଣ୍ଣତାକୁ ଜାଣି, ତଥାପି ତା'କୁ ଗ୍ରହଣ କରିବା ଏହା ହିଁ ପ୍ରକୃତ ପ୍ରେମ। କାରଣ ଯିଏ କେବଳ ନିଜ କଳ୍ପନାର ପ୍ରେମିକାକୁ ଭଲପାଏ, ସେ ପ୍ରକୃତରେ ଜଣେ ମଣିଷକୁ ନୁହେଁ, ନିଜ ମନରେ ତିଆରି କରିଥିବା ଏକ ଚରିତ୍ରକୁ ଭଲପାଏ।ପ୍ରେମର ସବୁଠାରୁ ବଡ଼ ଭୁଲ ହେଉଛି ଆମେ ମଣିଷକୁ ନୁହେଁ, ତା' ବିଷୟରେ ନିଜର କଳ୍ପନାକୁ ଭଲପାଇ ବସୁ। ଆଉ ସବୁଠାରୁ ବଡ଼ ପରିପକ୍ୱତା ହେଉଛି କଳ୍ପନା ଭାଙ୍ଗିଯିବା ପରେ ମଧ୍ୟ ସମ୍ପର୍କକୁ ବଞ୍ଚାଇ ରଖିବାର କାରଣ ଖୋଜିପାରିବା।

ତେଣୁ ପ୍ରେମିକା ସବୁଠାରୁ ସୁନ୍ଦର ନୁହେଁ, ପ୍ରେମିକର ଆଖି ତା'କୁ ସବୁଠାରୁ ସୁନ୍ଦର କରିଦିଏ। ସେ ସବୁଠାରୁ ଅସାଧାରଣ ନୁହେଁ, ପ୍ରେମ ତା'ର ସାଧାରଣତା ଭିତରେ ଅସାଧାରଣତା ଖୋଜିନିଏ। କିନ୍ତୁ ଦିନେ ଯେତେବେଳେ ପ୍ରେମର ମୋହ କମିଯାଏ, ସେତେବେଳେ ରହିଯାଏ କେବଳ ମଣିଷ ଓ ମଣିଷର ସତ୍ୟ।ସେହି ସତ୍ୟକୁ ଗ୍ରହଣ କରିପାରିବା ହିଁ ପ୍ରେମର ପରିପକ୍ୱତା। କାରଣ ପ୍ରେମର ଅର୍ଥ କାହାକୁ ନିଖୁଣ ଭାବିବା ନୁହେଁ, ତା'ର ଅପୂର୍ଣ୍ଣତା ଜାଣି ମଧ୍ୟ ତା' ପାଖରେ ରହିବା। ପ୍ରେମ ଆମକୁ ଯେତେବେଳେ ଭ୍ରମ ଦିଏ, ସେତେବେଳେ ଆମେ ପ୍ରେମିକ, ଆଉ ଯେତେବେଳେ ସେହି ଭ୍ରମ ଭାଙ୍ଗିଯିବା ପରେ ମଧ୍ୟ ମଣିଷକୁ ମଣିଷ ଭାବରେ ଭଲପାଇପାରୁ, ସେତେବେଳେ ଆମେ ପ୍ରକୃତରେ ପ୍ରେମକୁ ବୁଝିଥାଉ। ହୁଏତ ପ୍ରେମର ସତ୍ୟ ଏତିକି ପ୍ରେମିକା ଅସାଧାରଣ ନୁହେଁ, ପ୍ରେମିକର ପ୍ରେମ ତା'କୁ ଅସାଧାରଣ କରିଦିଏ। କଳ୍ପନାର ସ୍ୱପ୍ନମୟ ଦୁନିଆରୁ ବାହାରି ଏହି କଠିନ ସତ୍ୟକୁ ଗ୍ରହଣ କରିବା ହିଁ ଜୀବନର ପ୍ରକୃତ ପରିପକ୍ୱତା, ଯାହା ସମ୍ପର୍କକୁ ଅସ୍ଥାୟୀ ଆକର୍ଷଣରୁ ଏକ ଚିରସ୍ଥାୟୀ ବନ୍ଧନରେ ପରିଣତ କରେ।

ଗଞ୍ଜାମ, ୭୮୭୦୦୧୦୦୧

# ବିକାଶ, ସ୍ୱାଭିମାନ ଓ ଭାରତୀୟତାର ପ୍ରତୀକ: ନରେନ୍ଦ୍ର ମୋଦୀ

**ମୋହନ ଚରଣ ମାଝୀ**



ଆଜି ହେଉଛି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଜନ୍ମ ଦିବସ। ତାଙ୍କର ସାରା ଜୀବନ ଦେଶ ସେବା ଓ ସମାଜରେ ପରିବର୍ତ୍ତନ ଆଣିବା ଦିଗରେ ସମର୍ପିତ। ତେଣୁ, ତାଙ୍କର ଏହି ଜନ୍ମ ଦିବସକୁ 'ସେବା ସଂକଳ୍ପ' ଭାବେ ଏକ ମାସ ବ୍ୟାପୀ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ କେବଳ ଜଣେ ରାଜନେତାଙ୍କ ଜୀବନର ଉତ୍ସବ ନୁହେଁ, ବରଂ ଗତ ଦଶନ୍ଧି ମଧ୍ୟରେ ଭାରତର ଆତ୍ମବିଶ୍ୱାସ, ଆକାଂକ୍ଷା ଏବଂ ବିକାଶ ଦିଗକୁ ଆକାର ଦେଇଥିବା ପରିବର୍ତ୍ତନ ଉପରେ ପ୍ରତିଫଳନ କରିବାର ଏକ ସୁଯୋଗ। ଆଧୁନିକ ଭାରତ, ବିଶେଷ ଭାବେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଇତିହାସ ଯେତେବେଳେ ବି ଲେଖାହେବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର କାଳଖଣ୍ଡ ବିଶେଷ ରୂପରେ ରେଖାଙ୍କିତ ହେବ। କାରଣ ଗତ ୨୦୧୪ ମସିହା ପରବର୍ତ୍ତୀ ଭାରତରେ ରାଷ୍ଟ୍ର ଗଠନ ପାଇଁ ଯେଉଁ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳୁଛି ତାହା ଦେଶକୁ ବ୍ରିଟିଶ ଶାସକଙ୍କ ଦାଉରୁ ଦେଶକୁ ମୁକ୍ତି କରିବା ପାଇଁ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଖାଯାଇଥିଲା। ଏହା ଅତ୍ୟୁକ୍ତି ନୁହେଁ, କାରଣ ସ୍ୱାଧୀନତାର ପ୍ରଥମ ପଚାଶ ଦଶକରେ ଅଭିବୃଦ୍ଧି ଏତେ କମ୍ ଥିଲା ଯେ ପାଶ୍ଚାତ୍ୟ ଅର୍ଥଶାସ୍ତ୍ରୀମାନେ ଅପମାନ ସୂଚକ 'ହିନ୍ଦୁ ଅଭିବୃଦ୍ଧି' କହୁଥିଲେ। ଭାରତ ପରି ବିଶାଳ ଦେଶରେ ଅଭିବୃଦ୍ଧି କମ ରହୁଥିବାରୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ଦେଶ ମୁକୁଳିପାରି ନ ଥିଲା।

କିନ୍ତୁ, ୨୦୧୪ ମସିହାରେ ଦେଶର ରାଜନୈତିକ ମାନଚିତ୍ର ଯେ ବଦଳି ଥିଲା, ତାହା ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଦୁରଦୃଷ୍ଟି ସମ୍ପନ୍ନ ନୀତି ଦେଶର ବିକାଶକୁ ଏକ ନୂତନ ଦଶା ଓ ଦିଶା ପ୍ରଦାନ କରିଥିଲା। ଜୁଲାଇ ୨୦୧୬ ରେ ନୀତି ଆୟୋଗର ୧୫ ବର୍ଷୀୟ ଭିଜନ ଡକ୍ୟୁମେଣ୍ଟର ଉନ୍ମୋଚନ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କର ଦୁରଦୃଷ୍ଟି ସମ୍ପନ୍ନ ନୀତିକୁ ଲୋକ ଲୋଚନକୁ ଆଣିଥିଲେ। ଏହି ନୀତି ଅନୁସାରେ ଭାରତ ଆଉ ତାଳିପକା ବିକାଶ ଦିଗରେ ଚାଲି ପାରିବ ନାହିଁ। ଦେଶକୁ ବିକଶିତ କରିବାକୁ ହେଲେ ଦେଶର ନୀତିରେ 'ରୂପାନ୍ତରିତ ପରିବର୍ତ୍ତନ'କୁ ଆଦୃତ କରିବାକୁ ହେବ ଯାହାରର ମୂଳଦୁଆ ହେଉଛି, 'ଗତି, ପାରଦର୍ଶିତା ଓ ଉତ୍ତରଦାୟିତ୍ୱତା' । ଏହି ପରିବର୍ତ୍ତିତ ନୀତି ଓ ନୂତନ ସଂକଳ୍ପ ସହିତ ଆରମ୍ଭ ହେଲା ନୂତନ ରାଷ୍ଟ୍ର ଗଠନର ମହାଯଜ୍ଞ। ବର୍ତ୍ତମାନ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ବାର ବର୍ଷରୁ କିଛି ଅଧିକ ସମୟ ଅତିବାହିତ ହୋଇଛି। ଏହି ସମୟ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ସମସ୍ୟା ଦେଶ ସମ୍ମୁଖରେ ଉପନୀତ ହୋଇଛି। ଯେପରିକି ରୁଷିଆ-ୟୁକ୍ରେନ ଯୁଦ୍ଧ, ବର୍ତ୍ତମାନ ଚାଲୁଥିବା ମଧ୍ୟପ୍ରାଚ୍ୟରେ ଯୁଦ୍ଧ। ଆଭ୍ୟନ୍ତରୀଣ କ୍ଷେତ୍ରରେ ଚଳିତ ଶତାବ୍ଦୀର ସବୁଠାରୁ ବଡ ସଙ୍କଟ କୋଭିଡ ତଥା ଦେଶ ଗତ ପଚାଶ ଦଶନ୍ଧି ଧରି ପ୍ରଭାବିତ ହୋଇଥିବା ନକ୍ସଲବାଦ ଓ ମାଓବାଦୀ ହିଂସା। କିନ୍ତୁ, ଏହି ପ୍ରତ୍ୟେକଟି ସମସ୍ୟାର ସମ୍ମୁଖୀନ ହୋଇ ଦେଶକୁ ଦୃଢ, ସ୍ଥିର ରଖି ବିକାଶର ଗତିକୁ ବଜାୟ ରଖିବା କୌଣସି ଚମତ୍କାରରୁ କମ ନୁହେଁ। ଏହାର ସଦ୍ୟତମ ପ୍ରମାଣ ହେଉଛି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ଥିଲା। ଯେତେବେଳେ ସମଗ୍ର ବିଶ୍ୱ ନିଜ ଅର୍ଥନୀତି ମଙ୍ଗ ସଳଖିବା ପାଇଁ ସଂଗ୍ରାମ କରୁଛନ୍ତି, ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲ କରିଥିବା ବୃହତ ଅର୍ଥନୀତି ଭାବେ ଉଭା ହୋଇଛି ଯାହା କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ସୁପରିଚାଳନା ପାଇଁ ସମ୍ଭବ ହୋଇଅଛି। ଏହି ଦଶ ବର୍ଷରେ ମାନନୀୟ ପ୍ରଧାନମନ୍ତ୍ରୀ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରରେ ଭାରତକୁ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଣତ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରି ଅଗ୍ରସର ହେଉଛନ୍ତି। ଏହି ବାର ବର୍ଷରେ ମୋଦୀ ଜୀଙ୍କର ଉପଲବ୍ଧିର ତାଲିକା ବହୁତ ଲମ୍ବା। ଏହି ସଫଳତା ମଧ୍ୟରେ ୨୫ କୋଟି ଭାରତୀୟଙ୍କୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ମୁକ୍ତ କରିବା ଏକ ମାପଦଣ୍ଡ। ସ୍ୱଚ୍ଛ ଭାରତ, ଉଜ୍ଜ୍ୱଳା ଯୋଜନା, ପିଏମ କିଷାନ, ଆୟୁଷ୍ମାନ ଭାରତ, ନୂତନ ଶିକ୍ଷାନୀତି, ମେକ ଇନ ଇଣ୍ଡିଆ, ନାରୀ ଶକ୍ତି ବନ୍ଦନ ଅଧିନିୟମ, ୟୁପିଆଇ, ଜିଏସଟି, ଖେଲୋ ଇଣ୍ଡିଆ ପରି ଯୁଗାନ୍ତକାରୀ ନୀତି ଓ କାର୍ଯ୍ୟକ୍ରମ ଫଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ଜୀବନଶୈଳୀ ସୁଲଳିତ ଓ ସ୍ୱାଚ୍ଛନ୍ଦ୍ୟ ହୋଇପାରିଛି।

ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଗତ ଜୁନ, ୨୦୨୪ରେ ରାଜ୍ୟରେ ଏକ ନୂତନ ସରକାର ଆସିବା ଏହି ଭୂମିକାକୁ ସାର୍ଥକ କରିବାରେ ନିଶ୍ଚିତ ଭାବେ ସହାୟକ ହେବ। ଦୀର୍ଘଦିନ ଧରି ଓଡିଶାର ପ୍ରକୃତିକ ପ୍ରାଚୁର୍ଯ୍ୟ, ଯେପରିକି ଖଣିଜ ଦ୍ରବ୍ୟ, ସୁଦୀର୍ଘ ତଟ, ପାଣି, ଜଳ, ଜଙ୍ଗଲର ସଦୁପଯୋଗ ହୋଇପାରି ନ ଥିଲା। ଏହି କାରଣରୁ ରାଜ୍ୟର ପ୍ରକୃତ ସାମର୍ଥ୍ୟର ସୁଫଳ ଏହାର ଜନସାଧାରଣ ପାଇ ପାରି ନ ଥିଲେ। କିନ୍ତୁ, ଗତ ଦୁଇ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଓଡିଶାରେ ଏକ ପ୍ରକାର ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି। ମାତ୍ର ଦୁଇ ବର୍ଷରେ ଓଡିଶା ପାଇଁ ୨୨ ଲକ୍ଷ କୋଟି ଟଙ୍କାରୁ ବି ଅଧିକ ନିବେଶ ସମ୍ଭାବନା ସୃଷ୍ଟି ହୋଇଛି ଯାହା ମଧ୍ୟରୁ ତିନି ଲକ୍ଷ କୋଟି ଟଙ୍କାରୁ ବି ଅଧିକ ବ୍ୟୟରେ ୧୫୪ ଗୋଟି ଶିଳ୍ପର ଉଦ୍ଘାଟନ କିମ୍ବା ଗ୍ରାଉଣ୍ଡ ବ୍ରେକିଙ୍ଗ କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଅତି କମ୍‌ରେ ୧୭ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହେବାକୁ ଯାଉଛି। ଏହା ସମ୍ଭବ ହୋଇଥିଲା ମୋଦୀ ଜୀଙ୍କର ଗୋଟିଏ ଆହ୍ୱାନ, 'ଓଡିଶାରେ ନିବେଶ ପାଇଁ ଯେହି ସମୟ ହେଁ, ସହି ସମୟ ହେଁ' ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବିକାଶ ଦୃଷ୍ଟିକୋଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ ଏହା ବିକାଶ ଏବଂ ମର୍ଯ୍ୟାଦାକୁ ପରସ୍ପରଠାରୁ ପୃଥକ ବୋଲି ବିବେଚନା କରେ ନାହିଁ। ତାଙ୍କ ମତରେ ଦେଶର ବିକାଶର ଫଳ ସମାଜର ଶେଷ ପାହୁଚରେ ଥିବା ବ୍ୟକ୍ତି ପାଖରେ ପହଞ୍ଚି ପାରିବ। ତେଣୁ, ପ୍ରଧାନମନ୍ତ୍ରୀ ସବୁବେଳେ ଚାରି ବର୍ଗ ବିଶେଷ ଭାବେ 'ମହିଳା, ଗରିବ, ଅନ୍ନଦାତା ଓ ଯୁବା'ଙ୍କ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ପୂର୍ବ ବ୍ୟବସ୍ଥା ଅନୁସାରେ ଏମାନେ କେବଳ ଲାଭାର୍ଥୀ ଭାବେ ପରିଗଣିତ ହେଉଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନୂତନ ଶାସନ ପଦ୍ଧତିରେ ତାଙ୍କୁ 'ବିକାଶ ଯାତ୍ରାରେ ଅଂଶୀଦାର' ଭାବେ ଗୁରୁତ୍ୱ ଦିଏ। ଏହି ଚିନ୍ତନର ପ୍ରତିଛବି ହେଉଛନ୍ତି ଦେଶର ପ୍ରଥମ ନାଗରିକ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଯିଏ କି ସାଧାରଣ ଜନଜାତି ପଡ଼ିବାରୁ ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରି ପଡ଼ିଛନ୍ତି। ଏକ ଆଦିବାସୀ ପରିବାରରେ ଜନ୍ମିତ ହୋଇ ବ୍ୟକ୍ତିଗତ ଭାବରେ ଏହି ଭାବନାକୁ ହୃଦୟଙ୍ଗମ କରେ। କେନ୍ଦୁଝରର ଏକ ଅଖ୍ୟାତ ପଲ୍ଲୀରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ମୋର ଯାତ୍ରା ପ୍ରମାଣ କରେ ଯେ ଲୋକତନ୍ତ୍ରରେ ସର୍ବୋତ୍ତମ ସମ୍ଭାବନା ସୁଯୋଗ ସୃଷ୍ଟି କରିପାରେ। ନୂତନ ଭାରତ ଏହି ବାର୍ତ୍ତା ପ୍ରଦାନ କରେ ଯେ 'ଜନ୍ମ' ଜଣେ ବ୍ୟକ୍ତିକୁ ସୀମିତ କରେ ନାହିଁ। କଠିନ ପରିଶ୍ରମ, ସେବା, ସଚ୍ଚୋଟତା ଏବଂ ସୁଯୋଗ ସେମାନଙ୍କୁ ଅଧିକ ଦାୟିତ୍ୱରେ ପହଞ୍ଚାଇପାରେ।

ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ଦୃଷ୍ଟିକୋଣ ଏହି ବ୍ୟାପକ ଜାତୀୟ ଦୃଷ୍ଟିକୋଣର ଏକ ଅଂଶ। ଭାରତର ବିକାଶ ସେତେବେଳେ ସନ୍ତୁଳିତ ହୋଇପାରିବ ଯେତେବେଳେ ପୂର୍ବ ଭାରତ ଏହାର ପୂର୍ଣ୍ଣ ସମ୍ଭାବନାକୁ ଆଗକୁ ବଢ଼େ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଓଡ଼ିଶା ଏହି ପରିବର୍ତ୍ତନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ।

ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ନେତୃତ୍ୱର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ବିଶ୍ୱ ମହତ୍ତ୍ୱାକାଂକ୍ଷା ଏବଂ ତୃଣମୂଳ ସମ୍ବେଦନଶୀଳତାର ସନ୍ତୁଳନ। ଆଜି, ଭାରତ ବିଶ୍ୱର ପ୍ରମୁଖ ମଞ୍ଚଗୁଡ଼ିକରେ ଆତ୍ମବିଶ୍ୱାସର ସହିତ କଥା ହେଉଛି ଯାହାର ସଦ୍ୟତମ ପ୍ରମାଣ ହେଉଛି ନିକଟରେ ସମାପ୍ତ ହୋଇଥିବା ବ୍ରିକ୍ସ ୨୦୨୬ର ଆୟୋଜନ। ଅନ୍ତର୍ଜାତୀୟ ସମ୍ପର୍କ, ଆର୍ଥିକ ସହଯୋଗ ଏବଂ ବିଶ୍ୱ ନୀତି ଆଲୋଚନାରେ ଭାରତର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି। କିନ୍ତୁ ଏହି ବିଶ୍ୱ ପ୍ରତିଛବି ସହିତ ସମାନ୍ତରାଳ ଭାବରେ, ପ୍ରଧାନମନ୍ତ୍ରୀ ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ଆଲୋଚନା ମଧ୍ୟ ବଜାୟ ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ରାଜ୍ୟ ଶାସନ ପଦ୍ଧତିକୁ ବିଶେଷ ଭାବେ ପ୍ରଭାବିତ କରିଛି। ଦେଶରେ ଦ୍ରୁତ ଶିଳ୍ପାୟନ ସହିତ ସମାଜର ଆର୍ଥିକ ଓ ସାମାଜିକ ସ୍ତରରେ ଦୁର୍ବଳ ବର୍ଗଙ୍କ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଣୟନ କରୁଛନ୍ତି। ସେଥିମଧ୍ୟରୁ ମାହିଳାଙ୍କ ପାଇଁ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, କନ୍ୟା ସୁମଙ୍ଗଳ ଯୋଜନା, ଲଖ୍ ପତି ଦିଦି ଯୋଜନା, ଶିକ୍ଷା ପାଇଁ ନୂଆ ଶିକ୍ଷା ନୀତି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, କେଜିରୁ ପିଜି ନିଃଶୁଳ୍କ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ନଦାତାଙ୍କ ପାଇଁ କୃଷକ ସମୃଦ୍ଧି ଯୋଜନା ଓ ସିଏମ କିଷାନ ଯୋଜନା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କଲ୍ୟାଣକାରୀ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା ରାଜ୍ୟର ଗରିବଙ୍କ ପାଇଁ ଉତ୍ସର୍ଗୀକୃତ। ସବୁଠାରୁ ଉଲ୍ଲେଖନୀୟ ବିଷୟ ଯେ ଏହି ଯୋଜନା କେବଳ ଘୋଷଣାରେ ସୀମାବଦ୍ଧ ହୋଇ ରହିନାହିଁ, ଏହା ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ତାହାଙ୍କ ପାଖରେ ପହଞ୍ଚୁଛି।

ଅନେକ ସମୟରେ ବିଭିନ୍ନ ମହଲରେ ଆଲୋଚନା ହୁଏ ଯେ ଡବଲ ଇଞ୍ଜିନ ପରେ ଓଡିଶା ପାଇଲା କ'ଣ। ଏହାର ଏକ ଲମ୍ବା ତାଲିକା ଅଛି। ଶଙ୍ଖେପରେ କହିଲେ ଡବଲ ଇଞ୍ଜିନ ସରକାରଙ୍କ ସୁଫଳ ସ୍ୱରୂପ ଓଡ଼ିଶାକୁ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪୦ ହଜାର କୋଟି ଟଙ୍କାର ସଡ଼କ ପ୍ରକଳ୍ପ, ୨୫ ହଜାର କୋଟିର ବନ୍ଦର ପ୍ରକଳ୍ପ ଏବଂ ୨୫ ହଜାର କୋଟି ଟଙ୍କା ବ୍ୟୟରେ ଜାହାଜ ନିର୍ମାଣ ଓ ମରାମତି ପ୍ରକଳ୍ପ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର, କୋଷ୍ଟାଲ ହାଇୱେ ଆଦି ବିଶାଳ ଭିତ୍ତିଭୂମି ଯୋଗାଇ ଦିଆଯାଇଛି।

ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ କେବେ ହେଲେ କାର୍ପଣ୍ୟ ପ୍ରଦର୍ଶନ କରି ନାହାନ୍ତି। ଯେତେବେଳେ ରାଜ୍ୟରେ ବିରୋଧୀ ଦଳ ସରକାର ଥିଲା, ସେତେବେଳେ ମଧ୍ୟ ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେତେବେଳେ ଯାହା ସହାୟତା ଦାବି କରଯାଇଥିଲା, ସବୁ ଶ୍ରୀ ମୋଦୀ ଜୀ ଯୋଗାଇ ଦେଇଥିଲେ। ସେ କୋଭିଡ ମହାମାରୀ ପାଇଁ ସହାୟତା ହେଉ କି ପ୍ରକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରୀୟ ସହାୟତା ହେଉ। ଏହି ଉଦାରତା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ରାଜନେତା ଠାରୁ 'ରାଷ୍ଟ୍ରନେତା' ଭାବେ ଗଢି ତୋଳିଛି।

ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରଗଠନ ଲକ୍ଷ୍ୟରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି 'ବିକାଶ ଭି, ବିରାଶତ ଭି'। ଶ୍ରୀ ମୋଦୀ ଜୀଙ୍କର ନେତୃତ୍ୱ ଓ ପୃଷ୍ଠପୋଷକତାରେ ଦେଶରେ 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଏକ ନୂତନ ସ୍ରୋତ ପ୍ରବାହିତ ହେଉଛି, ଯାହା ଆଗରୁ କେବେ ଦେଖାଯାଇ ନ ଥିଲା। ଆଜି ପ୍ରତ୍ୟେକ ଭାରତୀୟ ଆମର ହଜାର ହଜାର ବର୍ଷର ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ଅନୁସାରେ ଆମ ସରକାର ବି ଓଡିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଗତ ଦୁଇ ବର୍ଷରେ ରାଜ୍ୟ ସରକାର ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା, ବିଶେଷ ଭାବେ ଜଗନ୍ନାଥ ସଂସ୍କୃତିକୁ ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ପରିଚିତ କରିବା ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଓ ଆଗକୁ ଜାରି ରହିବ। ଭାରତ ଆଜି ଏପରି ଏକ ସମୟରେ ଅଛି ଯେତେବେଳେ ଆକାଂକ୍ଷା ଏବଂ ସମ୍ଭାବନା ଏକାଠି ଆଗକୁ ବଢୁଛି। ଓଡ଼ିଶା ଏହି ଯାତ୍ରାରେ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଚାହୁଁଛି, କେବଳ ଏକ ଅଂଶୀଦାର ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୋର ଜନ୍ମଦିନର ଶୁଭେଚ୍ଛା କେବଳ ଆନୁଷ୍ଠାନିକ ନୁହେଁ। ତାଙ୍କ ପ୍ରତି ସବୁଠାରୁ ଅର୍ଥପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ହେବ ଏକ ବିକଶିତ, ଆତ୍ମନିର୍ଭରଶୀଳ, ଆତ୍ମବିଶ୍ୱାସୀ ଏବଂ ଅନ୍ତର୍ଭୁକ୍ତିବାଦୀ ରାଷ୍ଟ୍ର ଭାବରେ ପରିକଳ୍ପିତ ଭାରତ ଗଠନରେ ଆମର କାର୍ଯ୍ୟ ମାଧ୍ୟମରେ ଯୋଗଦାନ ଦେବା। ଓଡ଼ିଶା ଏହି ଜାତୀୟ ସଂକଳ୍ପ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଏକ ବିକଶିତ ଓଡ଼ିଶାରୁ ଏକ ବିକଶିତ ଭାରତ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆମର ସବୁଠାରୁ ସାର୍ଥକ ଇଚ୍ଛା ଏବଂ ଯଥାର୍ଥ ପ୍ରତିବଦ୍ଧତା।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଲୋକଙ୍କ ଟଙ୍କା, ଲୋକଙ୍କ ଅଧିକାର

**ସୌଭାଗ୍ୟ ରଂଜନ ମହାନ୍ତି**

**ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଦେୟରେ ଶୁଳ୍କ ନ ଲାଗିବାର ସ୍ପଷ୍ଟ ନିଷ୍ପତ୍ତି ଏହି ଦିଗରେ ଏକ ସକାରାତ୍ମକ ସନ୍ଦେଶ। ଭାରତର ଡିଜିଟାଲ ଅର୍ଥନୀତି ସେତେବେଳେ ପ୍ରକୃତ ଅର୍ଥରେ ସଫଳ ହେବ, ଯେତେବେଳେ ଦେଶର ସବୁଠାରୁ ସାଧାରଣ ନାଗରିକ ମଧ୍ୟ ନିଜ ଅଳ୍ପ ଟଙ୍କାର ଦେୟକୁ ବିନା ଭୟ, ବିନା ଅତିରିକ୍ତ ଭାର ଓ ନିରାପଦ ଭାବେ କରିପାରିବେ। ଲୋକଙ୍କ ଟଙ୍କା ଲୋକଙ୍କ ପାଖରେ ରହୁ, ଦେୟ ବ୍ୟବସ୍ଥା ସରଳ ରହୁ ଏବଂ ପ୍ରଯୁକ୍ତିର ଲାଭ ସମାଜର ଶେଷ ମଣିଷ ପର୍ଯ୍ୟନ୍ତ ପହଞ୍ଚୁ - ଏହି ହେଉ ଭାରତର ଡିଜିଟାଲ୍ ଅର୍ଥନୀତିର ପ୍ରକୃତ ଲକ୍ଷ୍ୟ।**

ଆଜିର ଭାରତରେ ଟଙ୍କା ଦେବା ଓ ନେବାର ପ୍ରଣାଳୀ ଯେପରି ବଦଳିଛି, ତାହା କେବଳ ପ୍ରଯୁକ୍ତିର ପରିବର୍ତ୍ତନ ନୁହେଁ, ବରଂ ସାଧାରଣ ମଣିଷର ଦୈନନ୍ଦିନ ଜୀବନରେ ଆସିଥିବା ଏକ ବଡ ଆର୍ଥିକ ପରିବର୍ତ୍ତନ। ଦିନେ ଦିନେ ହାତରେ ନଗଦ ଟଙ୍କା ରଖିବାର ଆବଶ୍ୟକତା କମିଛି, ଦୋକାନରେ ଖୁଚୁରା ଟଙ୍କା ଖୋଜିବାର ଯନ୍ତ୍ରଣା କମିଛି, ଦୂରରେ ଥିବା ଲୋକଙ୍କୁ କ୍ଷଣକ ମଧ୍ୟରେ ଟଙ୍କା ପହଞ୍ଚିବା ସମ୍ଭବ ହୋଇଛି। ଏହି ପରିବର୍ତ୍ତନର ମୂଳରେ ରହିଛି ଭାରତର ଏକୀକୃତ ଦେୟ ବ୍ୟବସ୍ଥା। ଏହି ବ୍ୟବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମନରେ ଦେୟ ଶୁଳ୍କ ସମ୍ପର୍କରେ ଯେଉଁ ଆଶଙ୍କା ସୃଷ୍ଟି ହୋଇଥିଲା, ସରକାରଙ୍କ ସ୍ପଷ୍ଟୀକରଣ ତାହାକୁ ଦୂର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସରକାର ଘୋଷଣା କରିଛନ୍ତି ଯେ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଏକୀକୃତ ଦେୟ ବ୍ୟବସ୍ଥା ମାଧ୍ୟମରେ ହେଉଥିବା କାରବାର ଉପରେ ବ୍ୟାଙ୍କ କୌଣସି ଶୁଳ୍କ ଲଗାଇପାରିବେ ନାହିଁ। ସେହିପରି ରୂପେ ଆଧାରିତ ଋଣପତ୍ର ମାଧ୍ୟମରେ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ହେଉଥିବା ଦେୟ ଉପରେ ମଧ୍ୟ ଶୁଳ୍କ ଆଦାୟ କରାଯାଇପାରିବ ନାହିଁ। ସରକାରୀ ରାଜପତ୍ର ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି ଯେ ଏହି ପ୍ରକାର ଦେୟ ପଠାଉଥିବା କିମ୍ବା ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ଉପରେ କୌଣସି ବ୍ୟାଙ୍କ କିମ୍ବା ପ୍ରଣାଳୀ ପ୍ରଦାନକାରୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଶୁଳ୍କ ଲଗାଇପାରିବେ ନାହିଁ। ଅର୍ଥ ମନ୍ତ୍ରଣାଳୟ ଦେୟ ଓ ନିଷ୍ପତ୍ତି ବ୍ୟବସ୍ଥା ଆଇନ ଅଧୀନରେ ଏହି ପରିବର୍ତ୍ତନ ସୂଚିତ କରି ଦେୟ ଶୁଳ୍କ ସମ୍ପର୍କିତ ନିୟମକୁ ଆହୁରି ସ୍ପଷ୍ଟ କରିଛି। ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଏକୀକୃତ ଦେୟ କାରବାର ଓ ରୂପେ ଆଧାରିତ ଋଣପତ୍ର କାରବାରକୁ ଇଲେକ୍ଟ୍ରୋନିକ୍ସ ଦେୟର ଶ୍ରେଣୀରେ ରଖାଯାଇଛି। ଏହି ନିଷ୍ପତ୍ତିର ସବୁଠାରୁ ବଡ ଲାଭ ପାଇବେ ସାଧାରଣ ଗ୍ରାହକ, ଛୋଟ ବ୍ୟବସାୟୀ, ଦିନମଜୁର, ଛୋଟ ଉଦ୍ୟୋଗୀ, ଛାତ୍ରଛାତ୍ରୀ, ଚାଷୀ ଏବଂ ଦୈନନ୍ଦିନ ଛୋଟ ଛୋଟ ଆର୍ଥିକ କାରବାର କରୁଥିବା କୋଟି କୋଟି ଲୋକ। ଆଜି ଚା ଦୋକାନରୁ ଆରମ୍ଭ କରି ପରିବା ବଜାର, ଔଷଧ ଦୋକାନରୁ ଯାତ୍ରା ଭଡା, ଛୋଟ ବ୍ୟବସାୟରୁ ଘରୋଇ ଆବଶ୍ୟକତା ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଏହି ଦେୟ ବ୍ୟବସ୍ଥା ଲୋକଙ୍କ ଜୀବନର ଅଂଶ ହୋଇଯାଇଛି। ଏଭଳି ସ୍ଥିତିରେ ପ୍ରତ୍ୟେକ ଛୋଟ କାରବାର ଉପରେ ଯଦି ଅତିରିକ୍ତ ଶୁଳ୍କ ଲାଗେ, ତାହାର ପ୍ରଭାବ ଶେଷରେ ଗ୍ରାହକଙ୍କ ଉପରେ ପଡିବାର ଆଶଙ୍କା ରହିଥାଏ। ତେଣୁ ଛୋଟ ଦେୟକୁ ଶୁଳ୍କମୁକ୍ତି ରଖିବା କେବଳ ଏକ ଆର୍ଥିକ ନିଷ୍ପତ୍ତି ନୁହେଁ,ଏହା ଡିଜିଟାଲ ଅର୍ଥନୀତିକୁ ଲୋକାଭିମୁଖୀ କରିବାର ଏକ ନୀତିଗତ ପଦକ୍ଷେପ। ଗତ ମାସରେ ସରକାର ସ୍ପଷ୍ଟ କରିଥିଲେ ଯେ ଏକୀକୃତ ଦେୟ ବ୍ୟବସ୍ଥା ମାଧ୍ୟମରେ ଦେୟ କରୁଥିବା ଗ୍ରାହକଙ୍କଠାରୁ କୌଣସି ଶୁଳ୍କ ନିଆଯିବ ନାହିଁ। ଭବିଷ୍ୟତରେ ବ୍ୟବସାୟୀଙ୍କଠାରୁ ଆଦାୟ ହେବାକୁ ଥିବା ବ୍ୟବସାୟୀ ରିହାତି ହାର ମଧ୍ୟ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ କାରବାରରେ ଚୟନିତ ଭାବେ ଲାଗୁ ହେବ ବୋଲି ସୂଚନା ଦିଆଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ବ୍ୟକ୍ତିରୁ ବ୍ୟକ୍ତିକୁ ହେଉଥିବା ସମସ୍ତ ଏକୀକୃତ ଦେୟ କାରବାର ଆଗକୁ ମଧ୍ୟ ନିଶୁଳ୍କ ରହିବ ଏବଂ ବ୍ୟବସାୟୀଙ୍କ ଉପରେ ସମସ୍ତଙ୍କ ପାଇଁ ଏକାଧାରାରେ କୌଣସି ବ୍ୟବସାୟୀ ରିହାତି ହାର ଲାଗୁ ହେବ ନାହିଁ। ସରକାରଙ୍କ ମତରେ ଏପରି ଶୁଳ୍କ ଲାଗୁ ହେଲେ ମଧ୍ୟ ତାହା ଋଣପତ୍ର କିମ୍ବା ଜମାପତ୍ର ମାଧ୍ୟମରେ ହେଉଥିବା ଦେୟରେ ପ୍ରଚଳିତ ଶୁଳ୍କଠାରୁ ଯଥେଷ୍ଟ କମ ରହିବ। ଏହି ସ୍ପଷ୍ଟୀକରଣ ଏମିତି ଏକ ସମୟରେ ଆସିଛି, ଯେତେବେଳେ ଦେୟ ଓ ନିଷ୍ପତି ବ୍ୟବସ୍ଥା ଆଇନ, ୨୦୦୭ରେ ସମ୍ପ୍ରତି ହୋଇଥିବା ସଂଶୋଧନକୁ ନେଇ ଆଲୋଚନା ଚାଲିଥିଲା ଏବଂ ଏକୀକୃତ ଦେୟ ବ୍ୟବହାରକାରୀଙ୍କଠାରୁ ଭବିଷ୍ୟତରେ ଶୁଳ୍କ ଆଦାୟ ହେବ କି ନାହିଁ ସେନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏଠାରେ ଏକ କଥା ସ୍ପଷ୍ଟ ହେବା ଦରକାର- ଶୁଳ୍କମୁକ୍ତ ଦେୟ ବ୍ୟବସ୍ଥାର ଅର୍ଥ ଏହା ନୁହେଁ ଯେ ଏହି ବ୍ୟବସ୍ଥା ଚଳାଇବାରେ କୌଣସି ଖର୍ଚ୍ଚ ନାହିଁ। ବ୍ୟାଙ୍କ, ଦେୟ ପ୍ରଣାଳୀ, ପ୍ରଯୁକ୍ତି ଭିତ୍ତିଭୂମି ଓ ସୁରକ୍ଷାବ୍ୟବସ୍ଥା ଚଳାଇବାରେ ବିପୁଳ ଖର୍ଚ୍ଚ ହୁଏ। କିନ୍ତୁ ସେହି ଖର୍ଚ୍ଚର ଭାର କାହା ଉପରେ ପଡିବ, ତାହା ଏକ ନୀତିଗତ ପ୍ରଶ୍ନ। ଯଦି ଛୋଟ କାରବାର କରୁଥିବା ସାଧାରଣ ଲୋକଙ୍କ ଉପରେ ପ୍ରତ୍ୟେକ ଦେୟ ସମୟରେ ଶୁଳ୍କ ଲାଗେ,ତେବେ ଡିଜିଟାଲ ଦେୟର ସବୁଠାରୁ ବଡ ଉଦ୍ଦେଶ୍ୟ-ସୁବିଧା, ସରଳତା ଓ ସମାବେଶୀ ଆର୍ଥିକ ବ୍ୟବସ୍ଥା-ଦୁର୍ବଳ ହୋଇପାରେ। ଅନ୍ୟପକ୍ଷରେ, ବ୍ୟବସାୟୀମାନଙ୍କୁ ମଧ୍ୟ ଏପରି ଭାରୀ ଶୁଳ୍କରୁ ସୁରକ୍ଷା ଦେବା ଆବଶ୍ୟକ, କାରଣ ଛୋଟ ଦୋକାନୀଙ୍କ ଲାଭ ମାର୍ଜିନ୍ ସୀମିତ ଥାଏ। ଦେୟ ପ୍ରଣାଳୀ ଯେତେ ସହଜ ହେବ, ବ୍ୟବସାୟ ସେତେ ଦ୍ରୁତ ହେବ ଏବଂ ଅର୍ଥନୀତିରେ ଟଙ୍କାର ଚଳାଚଳ ମଧ୍ୟ ସେତେ ସୁଗମ ହେବ। ତେଣୁ ଆଜିର ଆବଶ୍ୟକତା ହେଉଛି ଶୁଳ୍କ ନେବା କି ନେବା ନାହିଁ ଏହି ସୀମିତ ତର୍କରୁ ଉପରକୁ ଉଠି ଏକ ଦୀର୍ଘମିଆଦି, ସୁରକ୍ଷିତ ଓ ସ୍ୱଚ୍ଛ ଦେୟ ବ୍ୟବସ୍ଥା ଗଢିବା। ସାଇବର ଠକେଇ, ଭୁଲ ଖାତାକୁ ଟଙ୍କା ଯିବା, ଠକେଇପୂର୍ଣ୍ଣ ସନ୍ଦେଶ, ନକଲି ପରିଚୟ ଓ ଅନଧିକୃତ କାରବାର ଭଳି ଚ୍ୟାଲେଞ୍ଜ ଆଜି ମଧ୍ୟ ରହିଛି। ଶୁଳ୍କ ନଥିବା ଯେତେ ଜରୁରୀ, ଦେୟର ସୁରକ୍ଷା ତାହାଠାରୁ କମ୍ ଜରୁରୀ ନୁହେଁ। ଗ୍ରାମର ଜଣେ ଚାଷୀ, ସହରର ଜଣେ ଛାତ୍ର, ଛୋଟ ଦୋକାନର ଜଣେ ବ୍ୟବସାୟୀ କିମ୍ବା ଦୈନନ୍ଦିନ ଆୟରେ ଜୀବନଯାପନ କରୁଥିବା ଜଣେ ଶ୍ରମିକ ଯେତେବେଳେ ନିଜ ମୋବାଇଲ୍ ମାଧ୍ୟମରେ କିଛି ଟଙ୍କା ପଠାଉଛନ୍ତି, ସେତେବେଳେ ତାଙ୍କ ପାଇଁ ସରଳତା ସହିତ ନିରାପତ୍ତା ମଧ୍ୟ ନିଶ୍ଚିତ ହେବା ଦରକାର। ଏହି କ୍ଷେତ୍ରରେ ସଚେତନତା, ଗ୍ରାହକ ସୁରକ୍ଷା, ଅଭିଯୋଗର ଦ୍ରୁତ ସମାଧାନ ଓ ଠକେଇ ରୋକିବାର ଦୃଢ ବ୍ୟବସ୍ଥା ଅତ୍ୟନ୍ତ ଆବଶ୍ୟକ। ଭାରତ ଯେତେବେଳେ ନଗଦ ନିର୍ଭରତାରୁ ଡିଜିଟାଲ ଅର୍ଥନୀତି ଦିଗକୁ ଆଗେଇଯାଉଛି, ସେତେବେଳେ ଏହି ବ୍ୟବସ୍ଥାକୁ କେଳବ ସହର ନୁହେଁ, ଗାଁ ଓ ଦୁର୍ଗମ ଅଂଚଳର ଲୋକଙ୍କ ପାଇଁ ମଧ୍ୟ ସମାନ ଭାବେ ସୁଗମ କରିବାକୁ ହେବ। ଇଣ୍ଟରନେଟ ଦୁର୍ବଳ ଅଂଚଳ, ଡିଜିଟାଲ ଜ୍ଞାନର ଅଭାବ ଓ ଆର୍ଥିକ ଭାବେ ଦୁର୍ବଳ ବର୍ଗଙ୍କ ସମସ୍ୟାକୁ ମଧ୍ୟ ନୀତି ନିର୍ମାଣରେ ଗୁରୁତ୍ୱ ଦେବା ଆବଶ୍ୟକ। ଏକୀକୃତ ଦେୟ ବ୍ୟବସ୍ଥାର ମୂଳ ଶକ୍ତି ହେଉଛି ଏହାର ସରଳତା। ଏହି ସରଳତାକୁ ଯଦି ଅନାବଶ୍ୟକ ଶୁଳ୍କ, ଜଟିଳ, ନିୟମ କିମ୍ବା ଅସ୍ପଷ୍ଟତା ଦୁର୍ବଳ, କରିଦିଏ, ତେବେ ଡିଜିଟାଲ ଅର୍ଥନୀତିର ଲାଭ ସମାଜର ସବୁଠାରୁ ତଳସ୍ତର ପର୍ଯ୍ୟନ୍ତ ପହଞ୍ଚିବ ନାହିଁ। ତେଣୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଦେୟକୁ ଶୁଳ୍କମୁକ୍ତ ରଖିବାର ନିଷ୍ପତ୍ତିକୁ ଏକ ବ୍ୟାପକ ଜନକଲ୍ୟାଣମୂଳକ ଚିନ୍ତାଧାରାର ଅଂଶ ଭାବେ ଦେଖିବା ଉଚିତ। ଏହା ସାଧାରଣ ଲୋକଙ୍କୁ ଅଧିକ ନିର୍ଭୟ ଭାବରେ ଡିଜିଟାଲ ଦେୟ ବ୍ୟବହାର କରିବାର ଆତ୍ମବିଶ୍ୱାସ ଦେଇପାରେ। ଏହା ଛୋଟ ବ୍ୟବସାୟକୁ ଗତି ଦେଇପାରେ, ଲେନଦେନର ସ୍ୱଚ୍ଛତା ବଢାଇପାରେ ଏବଂ ଅର୍ଥନୈତିକ ସମାବେଶକୁ ଆହୁରି ଗଭୀର କରିପାରେ। କିନ୍ତୁ ସରକାରଙ୍କ ଦାୟିତ୍ୱ ଏଠାରେ ଶେଷ ହେଉନାହିଁ। ନିୟମ ସ୍ପଷ୍ଟ ହେବା ସହିତ ତାହାର କଡା ଅନୁପାଳନ ନିଶ୍ଚିତ କରିବା, ଲୁଚା ଶୁଳ୍କ ଆଦାୟ ରୋକିବା, ଗ୍ରାହକଙ୍କ ଅଭିଯୋଗ ତୁରନ୍ତ ଶୁଣିବା ଏବଂ ଡିଜିଟାଲ ଠକେଇ ବିରୋଧରେ ଆହୁରି ଶକ୍ତିଶାଳୀ ପଦକ୍ଷେପ ନେବା ମଧ୍ୟ ସମାନ ଗୁରୁତ୍ୱର। ଶେଷ ପର୍ଯ୍ୟନ୍ତ ଦେୟ ବ୍ୟବସ୍ଥାର ମୂଲ୍ୟ ତାହାର ପ୍ରଯୁକ୍ତିରେ ନୁହେଁ, ଲୋକଙ୍କ ଜୀବନକୁ କେତେ ସହଜ, ସୁରକ୍ଷିତ ଓ ସୁଲଭ କରିପାରୁଛି ତାହାରେ ରହିଛି। ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଦେୟରେ ଶୁଳ୍କ ନ ଲାଗିବାର ସ୍ପଷ୍ଟ ନିଷ୍ପତ୍ତି ଏହି ଦିଗରେ ଏକ ସକାରାତ୍ମକ ସନ୍ଦେଶ। ଭାରତର ଡିଜିଟାଲ ଅର୍ଥନୀତି ସେତେବେଳେ ପ୍ରକୃତ ଅର୍ଥରେ ସଫଳ ହେବ, ଯେତେବେଳେ ଦେଶର ସବୁଠାରୁ ସାଧାରଣ ନାଗରିକ ମଧ୍ୟ ନିଜ ଅଳ୍ପ ଟଙ୍କାର ଦେୟକୁ ବିନା ଭୟ, ବିନା ଅତିରିକ୍ତ ଭାର ଓ ନିରାପଦ ଭାବେ କରିପାରିବେ। ଲୋକଙ୍କ ଟଙ୍କା ଲୋକଙ୍କ ପାଖରେ ରହୁ, ଦେୟ ବ୍ୟବସ୍ଥା ସରଳ ରହୁ ଏବଂ ପ୍ରଯୁକ୍ତିର ଲାଭ ସମାଜର ଶେଷ ମଣିଷ ପର୍ଯ୍ୟନ୍ତ ପହଂଚୁ - ଏହି ହେଉ ଭାରତର ଡିଜିଟାଲ୍ ଅର୍ଥନୀତିର ପ୍ରକୃତ ଲକ୍ଷ୍ୟ।

ମୋ-୯୪୩୭୯୯୪୩୭୯

# ଗଣେଶ ମୂର୍ତ୍ତି ବିସର୍ଜନ: ନଦୀରେ ବୁଡ଼ି ୨ ନାବାଳକ ଛାତ୍ର ମୃତ

ହିଞ୍ଜିଳିକାଟୁ, ୧୬।୯ (ନିପ୍ର): ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ହିଞ୍ଜିଳିକାଟୁ ସ୍ଥିତ ଘୋଡ଼ାହଡ ନଦୀ ଭିତରେ ବୁଡି ୨ ନାବାଳକ ଛାତ୍ରଙ୍କ ଅକାଳ ବିୟୋଗ ଘଟିଛି। ଏଭଳି ଏକ ହୃଦୟବିଦାରକ ଘଟଣା ବୁଧବାର ସକାଳେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନାର ହିଞ୍ଜିଳିକାଟୁ ପୌରାଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଘଟଣା ମୁତାବକ, ହିଞ୍ଜିଳି ଥାନାର ହିଞ୍ଜିଳିକାଟୁ ପୌରାଞ୍ଚଳ ମାଣିକ ନଗର ଛକ ସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟର ପକ୍ଷରୁ ଗଣେଶ ପୂଜା ଉତ୍ସବ ପାଳନ ହେବା ପରେ ବୁଧବାର ସକାଳେ ବିସର୍ଜନ ପର୍ବ ଆୟୋଜନ କରାଯାଇଥିଲା। କୋଚିଂ ସେଣ୍ଟର ଶିକ୍ଷକଙ୍କ ସହ ବହୁ ଶିକ୍ଷାର୍ଥୀ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ଘୋଡାହାଡ ନଦୀକୂଳକୁ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଛାତ୍ର ମୂର୍ତ୍ତି ବିସର୍ଜନ ପାଇଁ ନଦୀ ଭିତରକୁ ପଶିଥିଲେ। ଅସାବଧାନତା ବଶତଃ ନଦୀ ଭିତରେ ୪ ଛାତ୍ର ବୁଡି ଯାଇଥିଲେ। ଉପସ୍ଥିତ ଲୋକେ ୨ ଜଣ ନାବାଳକ ଛାତ୍ରଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ୨ ନାବାଳକ ଛାତ୍ରଙ୍କ ସନ୍ଧାନ ମିଳି ପାରି ନ ଥିଲା। ଖବର ପାଇ ହିଞ୍ଜିଳି ପୁଲିସ ଓ ହିଞ୍ଜିଳିକାଟୁ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ୨ ନାବାଳକ ଛାତ୍ରଙ୍କୁ ଉଦ୍ଧାର



କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ଉଭୟ ନାବାଳକ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ମୃତ ୨ ନାବାଳକ ଛାତ୍ର ହେଲେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ବଇଞ୍ଚବଣିଆ ନେତାଜୀ ମାର୍ଗ ଅଞ୍ଚଳର କୈଳାସ ସାହୁଙ୍କ ନାବାଳକ ପୁଅ ଆଦର୍ଶ ସାହୁ (୧୪) ଓ ଗାୟତ୍ରୀ ନଗର ଅଞ୍ଚଳର ସୁଜୟ ସମେଲୀଙ୍କ ନାବାଳକ ପୁଅ ପ୍ରିତମ ସମେଲୀ (୧୪)। ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ୨ ନାବାଳକ ଛାତ୍ର ହେଲେ ସ୍ଥାନୀୟ ଅଞ୍ଚଳର ଓମ୍ ପ୍ରଧାନ ଓ ଅଂଶୁମାନ। ଖବର ପାଇ ମୃତ ନାବାଳକଙ୍କ ପରିବାର ଓ ଆତ୍ମୀୟ ହିଞ୍ଜିଳିକାଟୁ ମେଡିକାଲରେ ପହଞ୍ଚିଥିଲେ। କିଛି ସମୟ ପାଇଁ କାନ୍ଦ ବୋବାଳିରେ ମେଡିକାଲ ପରିସର ଫାଟି ପଡିଥିଲା। ହିଞ୍ଜିଳି ପୁଲିସ ମେଡିକାଲରେ ପହଞ୍ଚି ୨ ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୨୧/୨୬ ଓ ୨୨/୨୬ ରେ ୨ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଛି। ଘରୋଇ କୋଚିଂ ସେଣ୍ଟର ଶିକ୍ଷକଙ୍କ ଦାୟିତ୍ୱହୀନତା ଏବଂ ପ୍ରଶାସନିକ ନିୟମର ଖୋଲାଖୋଲି ଅଣଦେଖା କରିବା ଫଳରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଥିବା ଜଣାପଡ଼ିଛି। ମୂର୍ତ୍ତି ବିସର୍ଜନ ସମୟରେ କୋଚିଂ ସେଣ୍ଟର ଶିକ୍ଷକ ନଦୀ ବାହାରେ ଥିବା ବେଳେ ନାବାଳକ ଛାତ୍ରମାନଙ୍କୁ ନଦୀ ଭିତରକୁ ପଠାଇବା ଯୋଗୁଁ ଏଭଳି ଅଘଟଣ ଘଟିଛି ବୋଲି ମୃତ ନାବାଳକଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ମୂର୍ତ୍ତି ବିସର୍ଜନ ପାଇଁ ଜଳାଶୟକୁ ନେବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନକୁ ଅବଗତ କରିବା ନିୟମ ରହିଥିଲେ ମଧ୍ୟ ସଂପୃକ୍ତ ଘରୋଇ କୋଚିଂ ସେଣ୍ଟର ଶିକ୍ଷକ ଜଣକ ଏହାକୁ ଉଲଂଘନ କରିଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମୂର୍ତ୍ତି ବିସର୍ଜନ ପାଇଁ ହିଞ୍ଜିଳିକାଟୁ ପୌର ପ୍ରଶାସନ ପକ୍ଷରୁ ଚଳିତ ବର୍ଷ କୃତ୍ରିମ ପୋଖରୀ ବ୍ୟବସ୍ଥା କରାଯାଇନଥିବା ଅଭିଯୋଗ ହୋଇଛି। ଏହି ଅବ୍ୟବସ୍ଥା ଯୋଗୁଁ ଅକାଳରେ ୨ ଅମୂଲ୍ୟ ଜୀବନ ଲିଭିଯାଇଛି ବୋଲି ପୂର୍ବତନ ହିଞ୍ଜିଳି ବ୍ଲକ କଂଗ୍ରେସ ସଭାପତି ଶିବରାମ ପ୍ରଧାନ ଅଭିଯୋଗ କରିଛନ୍ତି। ଆସନ୍ତା ୨୦ ତାରିଖ ଦିନ ହିଞ୍ଜିଳିକାଟୁ ପୌରାଞ୍ଚଳରେ ସାମୂହିକ ବିସର୍ଜନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହ କୃତ୍ରିମ ପୋଖରୀ ଖନନ କରାଯାଇ ମୂର୍ତ୍ତି ବିସର୍ଜନ ବ୍ୟବସ୍ଥା କରାନଗଲେ ଏଭଳି ଅଘଟଣ ଘଟିବା ଆଶଙ୍କା ରହିଛି। ଘଟଣା ନେଇ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ।

## ଡାଃ ପ୍ରଶାନ୍ତଙ୍କୁ ସେବା ସମିତି ସମ୍ମାନ

ପୁରୀ, ୧୬।୯ (ନିପ୍ର); ପୁରୀସେବା ସମିତି ସଭା ଗୃହରେ ଛତିଶଗଡ଼ର ପ୍ରାକ୍ତନ ଆରକ୍ଷୀ ମହାନିର୍ଦ୍ଦେଶକ ତଥା ମାନବ ଅଧିକାର କମିସନର ଭାରପ୍ରାପ୍ତ ଆୟୁକ୍ତ ଗିରିଧାରୀ ନାୟକଙ୍କୁ ମୁରାରୀ ତ୍ରିପାଠୀଙ୍କ ୬୧ ତମ ପୁଣ୍ୟତିଥିରେ ୨୦୨୬ ବର୍ଷପାଇଁ ମୁରାରୀ ସମ୍ମାନ ଏବଂ ପୁରୀ ସହରର ଖ୍ୟାତନାମା ହୋମିଓପାଥି ଚିକିତ୍ସକ ତଥା ଦୀର୍ଘଦିନ ଧରି




ଶ୍ରୀମନ୍ଦିରକୁ ନିରବଚ୍ଛିନ୍ନ ଭାବରେ ଠାକୁରମାନଙ୍କ ପ୍ରିୟ ଗୁଳ୍ମ ଦୟଣା ଯୋଗେଇ ଆସୁଥିବା ଡାଃ ପ୍ରଶାନ୍ତ କୁମାର ପାଣିଙ୍କୁ ୨୦୨୬ ବର୍ଷପାଇଁ ପୁରୀ ସେବା ସମିତି ସମ୍ମାନ ପ୍ରଦାନ କରି ଅତିଥିମାନେ ଏକଥା ପ୍ରକାଶ କରିଛନ୍ତି । ସମାଜସେବୀ ସ୍ୱର୍ଗତ ମୁରାରୀ ତ୍ରିପାଠୀଙ୍କ ୬୧ ତମ ପୁଣ୍ୟତିଥିରେ ସଭାପତି ହିମାଂଶୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ଉପସଭାପତି ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରୀ ସେବା ସମିତି ର ବାର୍ଷିକ ଉତ୍ସବରେ ଯୋଗଦେଇ ଓଡ଼ିଶାରେ ଅଙ୍ଗଦାନ ଆନ୍ଦୋଳନର ପ୍ରବର୍ତ୍ତକ ତଥା ସମାଜର ପ୍ରାକ୍ତନ ସମ୍ପାଦକ ଡଃ ପ୍ରଭାସ ଆଚାର୍ଯ୍ୟ ଏବଂ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ୍ ଗବେଷଣା ଅଧିକାରୀ ଡଃ ସୁରେନ୍ଦ୍ର ମିଶ୍ର ମୁରାରୀ ତ୍ରିପାଠୀଙ୍କ ସ୍ମୃତି ଚାରଣ କରିଥିବା ବେଳେ,ପ୍ରାକ୍ତନ ପ୍ରଶାସକ ପଦ୍ମନାଭ ପଣ୍ଡା ପୁରୀ ସେବା ସମିତି ଏବଂ ମୁରାରୀ ତ୍ରିପାଠୀଙ୍କ ସ୍ମୃତି ଚାରଣ କରିଥିବା ବେଳେ, ସମ୍ପାଦକ ରବୀନ୍ଦ୍ରନାଥ ସେନାପତି ବିବରଣୀ ପାଠ କରିଥିଲେ।

## ବିଘ୍ନହର୍ତ୍ତା ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

ରେଢ଼ାଖୋଲ, ୧୬।୯ (ନିପ୍ର); ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଗଣେଶ ନଗର ସ୍ଥିତ ପୂଜା ମଣ୍ଡପ ଠାରେ ସୋମବାର ଶ୍ରୀବିନାୟକ କ୍ଲବ ଗଣେଶ ନଗର ପକ୍ଷରୁ ବିଘ୍ନ ବିନାଶକ ଶ୍ରୀ ଗଣେଶ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସଂଘର ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ଆୟୋଜନ ଶୁଭାରମ୍ଭ କରାଯାଇଛି। ଏଥିରେ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନୃତ୍ୟ, ଗୀତ, ଫ୍ୟାଶନ ସୋ ପ୍ରତିଯୋଗିତା ସହିତ ପରାୟଣ ଏବଂ ଭଜନ ସନ୍ଧ୍ୟା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଣ୍ଡପ ରେ ବମ୍ବେ ଡିଜାଇନ୍‌ର କାରୁକାର୍ଯ୍ୟ ସହିତ ଆକର୍ଷଣ ମୂର୍ତ୍ତି ଲାଇଟ୍ ସଜସଜା ମନମୋହୁଥିବା ବେଳେ ବାବାଙ୍କ କୃପା ପାଇବାପାଇଁ ଦୁର ଦୁରାନ୍ତରୁ ଭକ୍ତଙ୍କ ଭିଡ଼ ଜମୁଛି । ଏଥିରେ ପୂଜକ ଭାବରେ ରୁଦ୍ର ନାରାୟଣ ନନ୍ଦ ପୂଜାର୍ଚ୍ଚନା ଓ ହୋମ କାର୍ଯ୍ୟ ନିର୍ବାହ କରିଥିଲେ। ଏଥିରେ କର୍ତ୍ତା ଭାବରେ ସୁବ୍ରତ ହୋତା ତାଙ୍କ ଧର୍ମପତ୍ନୀଙ୍କ ସହିତ ସମସ୍ତ କାର୍ଯ୍ୟ ତୁଲାଇଥିଲେ।

## ବାବା ଭଙ୍ଗାରମ ପରିବାର ତରଫରୁ ନୂଆଁଖାଇ

ଡ଼ାବୁଗାଁ, ୧୬।୯ (ନିପ୍ର): ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଡାବୁଗାଁ ବ୍ଲକର ମେଦନ ଗ୍ରାମରେ ବାବା ଭଙ୍ଗାରମଙ୍କ ପରିବାର ପକ୍ଷରୁ ପାରମ୍ପରିକ ରୀତିନୀତିରେ ନୂଆଁଖାଇ ଭେଟଘାଟ ପାଳନ କରାଯାଇଛି। ସକାଳୁ ପରିବାରର ମୁଖ୍ୟ ନୂଆ ଧାନର ନବାନ୍ନକୁ ଇଷ୍ଟଦେବୀଙ୍କୁ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଏହା ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ନୂଆ ଅନ୍ନ ଗ୍ରହଣ କରିଥିଲେ।ବଡ଼ ମାନଙ୍କୁ ନୂଆଁଖାଇ ଜୁହାର ଜଣାଇ ଆଶୀର୍ବାଦ ନେବା ସହ ସାନ ମାନଙ୍କୁ ସ୍ନେହ ଓ ଭଲ ପାଇବା ଦିଆଯାଇଥିଲା। ପରିବାର ପକ୍ଷରୁ ଗ୍ରାମର ସମସ୍ତଙ୍କୁ ନୂଆଁଖାଇ ଶୁଭେଚ୍ଛା ଜଣାଇଛନ୍ତି।ଏହି ଅବସରରେ ଭଙ୍ଗାରମ ପରିବାରର ସମସ୍ତ ସଦସ୍ୟ, ଗ୍ରାମବାସୀ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ସାଂସ୍କୃତିକ ନାଚ ଗୀତ ସହ ଦିନଟି ଆନନ୍ଦ ଉଲ୍ଲାସରେ ପାଳନ ହୋଇଥିଲା।

## 'ଇଞ୍ଜିନିୟରଙ୍କ ଜ୍ଞାନ କୌଶଳରେ ଆଜି ଭାରତରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇପାରିଛି'

ଦାମନଯୋଡି, ୧୬/୯ (ନିପ୍ର): ନାଲକୋ ଦାମନଯୋଡି ଏବଂ ହାଲ ସୁନାବେଡ଼ାର ମିଳିତ ଆନୁକୂଲ୍ୟରେ ନାଲକୋ କ୍ଲବ ଠାରେ ୫୯ ତମ ଜାତୀୟ ଯନ୍ତ୍ରୀ ଦିବସ ପାଳିତ ହୋଇଯାଇଛି । ଭାରତ ରତ୍ନ ଏସ ଏମ ବିଶ୍ୱାସରାୟଙ୍କ ଫୋଟ ଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ ସହ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବ ରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି, ନାଲକୋ ମୁଖ୍ୟ ମହାପ୍ରବନ୍ଧକ ଦିଲୀପ କୁମାର ବାଗ ସମ୍ମାନିତ ଅତିଥି ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ,ନାଲକୋ ଡିନ୍ ର ସଭାପତି କୈଳାସ ସେନାପତି ଏବଂ ହାଲ ଏଡେସାର ସଭାପତି ଦେବଦତ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାୟୀ ଏବଂ ପ୍ରଯୁକ୍ତି ସାର୍ବଭୌମ ଭାରତ ପାଇଁ ବୈଷୟିକ ଉତ୍କର୍ଷତା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । ଇଞ୍ଜିନିୟରମାନଙ୍କ ଜ୍ଞାନ କୌଶଳରେ ଆଜି ଭାରତରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା ସୁନାବେଡ଼ା ଏବଂ ଦାମନଯୋଡିର ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଇଂ ନିର୍ମଳ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଡିନ୍‌ର ସାଧାରଣ ସମ୍ପାଦକ ଇଂ ପ୍ରଭାତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ହାଲ ସୁନାବେଡ଼ାର ସମସ୍ତ ଇଞ୍ଜିନିୟର ଏବଂ ଦାମନଯୋଡି ନାଲକୋର ସମସ୍ତ ଇଞ୍ଜିନିୟର ଏଥିରେ ଭାଗ ନେଇଥିଲେ ।

## ଗୁଣପୁରରେ ମା'କାଳୀପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ଗୁଣପୁର, ୧୬।୯ (ନିପ୍ର); ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଗୁଣପୁର କୋର୍ଟ ଛକରେ ମା କାଳୀ ପୂଜା ପାଇଁ ( ପବିତ୍ର ନୂଆ ଖାଇରେ) ମଙ୍ଗଳବାର ଶୁଭ ଖୁଣ୍ଟି ସ୍ଥାପନ ହୋଇଯାଇଛି । ଏହି ଅବସରରେ ମଣ୍ଡପ ରେ ପୂଜା ପାଠ କରା ଯାଇ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ପୂଜା ରେ କର୍ତ୍ତା ଭାବରେ କମିଟିର ସମ୍ପାଦକ ନରସିଂହ ଶତପଥୀ ଦାୟିତ୍ୱ ରେ ରହୁଥିବା ବେଳେ ପୁରୋହିତ ଭାବେ ଗଞ୍ଜାମର ବରିଷ୍ଠ ପୁରୋହିତ ପ୍ରକାଶ ଚନ୍ଦ୍ର ଦାସ ଉପସ୍ଥିତ ଏହି ପୂଜା ପାଠ କରିଥିଲେ। ରମେଶ ମିଶ୍ର ଏହାର ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ରାଧା କୃଷ୍ଣ ପଟ୍ଟନାୟକ, ଉପ ସଭାପତି ଜନାର୍ଦ୍ଦନ ମହାପାତ୍ର, ସାଧାରଣ ସମ୍ପାଦକ ନରସିଂହ ଶତପଥୀ ,କୋଷାଧ୍ୟକ୍ଷ ବିରଞ୍ଚି ପାଣିଗ୍ରାହୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବଂଶାଜାଲରେ ମା' ଶୁହାଣୀ ଦେବୀଙ୍କ ନୂଆମୁଣ୍ଡା ପୂଜା


ରେଢ଼ାଖୋଲ, ୧୬।୯ (ନିପ୍ର) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଂଶାଜାଲ ଗ୍ରାମ ନିକଟସ୍ଥ ଶୁହାଣୀ ପାହାଡ଼ରେ ମଙ୍ଗଳବାର ମାଁ' ଶୁହାଣୀ ଦେବୀଙ୍କ ପୂଜା ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ଗଡ଼ଜାତ ସମୟରୁ ଆରମ୍ଭ ହୋଇଥିବା ପୂଜା ଗତ କିଛି ବର୍ଷ ହେବ ବଂଶାଜାଲ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସହଯୋଗରେ ଅନୁଷ୍ଠିତ ହୋଇ ଆସୁଛି। ମଙ୍ଗଳବାର ସକାଳୁ ଗ୍ରାମରେ ଥିବା ଉଷାକୋଠିରେ ମାଁଙ୍କ ପୂଜାର୍ଚ୍ଚନା କରାଯାଇ ଶତାଧିକ ଗ୍ରାମବାସୀ ଦେବାଦେବୀଙ୍କୁ ଏକ ଶୋଭାଯାତ୍ରାରେ ଶୁହାଣୀ ପାହାଡ଼ରେ ଥିବା ଦେବୀଙ୍କ ପୀଠକୁ ନେଇଥିଲେ। ମାଁ ଶୁହାଣୀ ପୀଠରେ ମାଁଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ପୂଜକ



ପ୍ରବୀଣ ଦେହୁରୀ ସମେତ ଦେହୁରୀ ପରିବାର ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ । ଏଥିସହ ଦୀର୍ଘ ୬୦ ବର୍ଷ ଧରି ମାଁ ଙ୍କର ଶୋଭାଯାତ୍ରା ରେ ଏବଂ ପୂଜାରେ ସାମିଲ ଥିବା ମୁଖ୍ୟ ବାଦକ କୃଷ୍ଣଚନ୍ଦ୍ର ଦେହୁରୀ ଏବଂ ଟିମ ମଧ୍ୟ ଏହି ପୂଜାରେ ସାମିଲ ଥିଲେ । ରାଜା ରାଜୁଡ଼ା ଅମଳରୁ ଗଣେଶ ଚତୁର୍ଥୀ ପରେ ପ୍ରଥମ ମଙ୍ଗଳବାରରେ ମାଁ ଙ୍କ ପୂଜା ପରେ ବଂଶାଜାଲ ଅଞ୍ଚଳରେ ନୂଆଁଖାଇ ପର୍ବର ପ୍ରସ୍ତୁତି ଆରମ୍ଭ ହୁଏ। ବଂଶାଜାଲଠାରେ ଆୟୋଜିତ ଶୁହାଣି ଦେବୀ ପୂଜାକୁ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ପ୍ରଦୀପ ପ୍ରଧାନ, ପୁରୁଷୋତ୍ତମ ଅଗ୍ରୱାଲ, ଲେଖକ ଓ କବୀ ଅକ୍ଷୟ ମହାକୁଡ଼, ପୂର୍ବତନ ସରପଞ୍ଚ କସ୍ତୁରୀ ପ୍ରଧାନ, ଗୁଣନିଧି ପ୍ରଧାନ, ଏବଂ ନୃପତି ପ୍ରଧାନ ସମେତ ବଂଶାଜାଲ ଗ୍ରାମବାସୀ ସାମିଲ ଥିଲେ। ଏହି ପୂଜାରେ ମୁଖ୍ୟ ସହଯୋଗ ମାଁ ଶୁଆନୀ ଦେବୀ କଳା ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଆଇନ ମହାବିଦ୍ୟାଳୟରେ ଶ୍ରୀଗଣେଶ ପୂଜା

ରାଉରକେଲା, ୧୬।୯ (ନିପ୍ର): ରାଉରକେଲା ଆଇନ ମହାବିଦ୍ୟାଳୟଠାରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ କର୍ତ୍ତା ଭାବେ ଅନିରୁଦ୍ଧ ଶତପଥୀ ଦାୟିତ୍ୱ ତୁଲାଇଥିଲେ। ପୂଜାରମ୍ଭ ହୋଇ ପୁଷ୍ପାଞ୍ଜଳି ସହ ପ୍ରସାଦ ସେବନରେ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଅତିଥି ଭାବେ ଯୋଗଦେଇ ଥିଲାବେଳେ ସର୍ବଶ୍ରୀ ଅଧ୍ୟାପକ ଡ ଦିବ୍ୟେନ୍ଦୁ ପଣ୍ଡା, ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ଏସ କେ ବିଶି,ଛବି ମହାନ୍ତି, ଅମିତା ଜେନା, ଅକ୍ଷୟ ଦାଶ,ଏ ସାହୁ,ଆଲୁମନୀ ସଭାପତି ଡ ସୁମନ ଦତ୍ତ, ମୁଖପାତ୍ର



କୁଞ୍ଜବିହାରୀ ରାଉତ, ନନ୍ଦକିଶୋର ମହନ୍ତ,ହୃଦୟରଞ୍ଜନ ମହାନ୍ତି, ଦେବାଶିଷ ବେହେରା ପ୍ରମୁଖ ତଥା ଛାତ୍ରଛାତ୍ରୀ ସର୍ବଶ୍ରୀ ଅସୀତ କୁମାର ବେହେରା,ଅଳକାରାଣୀ ମହନ୍ତ, ରୋହିତ କୁମାର,ମହେଶ ଚୈାଧୁରୀ, ସତ୍ୟଜିତ ପାଣ୍ଡେ,ଖୁସି ଜୟସ୍ୱାଲ, ରାକ୍ଷୀ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ବେଳାଭୂମି ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିବ


ପୁରୀ, ୧୬।୯ (ନିପ୍ର): ପର୍ଯ୍ୟଟନ ସହ ପୁରୀର ଅର୍ଥନୀତି ଜଡିତ ।ତେଣୁ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ବେଳାଭୂମି ପର୍ଯ୍ୟଟନ ଶିଳ୍ପକୁ ଅଧିକ ଋଦ୍ଧିମନ୍ତ କରିବା ସହ ଅର୍ଥନୀତିକୁ ସମୃଦ୍ଧ କରିବ ବୋଲି ଆଶାପ୍ରକାଶ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ନୋଡାଲ ଅଫିସର ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ। ସର୍କିଟ ହାଉସ ଠାରେ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ଅଭିଯାନ ଅନ୍ତର୍ଗତ ଏକ ବୈଠକ ପୁରୀର ହୋଟେଲ ମାଲିକ ସଂଘ ସହ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପୁରୀ ଜିଲ୍ଲା ଉଭୟ ଆଧ୍ୟାତ୍ମିକ ଓ ପର୍ଯ୍ୟଟକମାନଙ୍କ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ ହୋଇ ଥିବାରୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ହୋଇ ଥାଏ। ମହାପ୍ରଭୁଙ୍କ ଦର୍ଶନ ସହ ସମୁଦ୍ର କୂଳ ଉପଭୋଗ କରିବାକୁ ପ୍ରତ୍ୟେକଙ୍କର ଆଗ୍ରହ ରହିଥିବାରୁ ସେଥିପାଇଁ ଆମ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ। ସମୁଦ୍ର କୂଳକୁ ପ୍ରତ୍ୟେକ ଦିନ ସ୍ୱଚ୍ଛ ଓ ସୁନ୍ଦର ରଖିବା ଦାୟିତ୍ୱ ଆମ ସମସ୍ତଙ୍କର ହେବା ଆବଶ୍ୟକ ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଶ୍ରୀ ଭୋଇ କେବଳ ପ୍ରଶାସନ ବା ମହାନଗର ନିଗମ ଦ୍ୱାରା ପୁରୀ ସହର ବା ସମୁଦ୍ର କୂଳ ପରିଷ୍କାର ହୋଇ ପାରିବ ନାହିଁ। ଏଥିପାଇଁ ସାଧାରଣ ଜନତା ହୋଟେଲ ମାଲିକ ସଂଘ, ବିଚ ପରିଚାଳନା କମିଟି ପ୍ରଭୃତି ସଂଗଠନ ମାନଙ୍କର ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ବୈଠକରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ହୋଟେଲ ମାଲିକ ସଂଘର ସଭାପତି ରାମକୃଷ୍ଣ ଦାସ ମହାପାତ୍ର, ଅନ୍ୟାନ୍ୟ ସଦସ୍ୟ,ବିଚ ପରିଚାଳନା ସଦସ୍ୟ ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ବର୍ଷ ସାରା ସମୁଦ୍ର କୂଳ ସ୍ୱଚ୍ଛତା ରଖିବା, ଏଥିପାଇଁ ସଚେତନତା ସୃଷ୍ଟି କରିବା, ପର୍ଯ୍ୟଟକଙ୍କୁ ସଚେତନ କରାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ନବ ନିଯୁକ୍ତ ପି.ସି.ସି. ସାଧାରଣ ସମ୍ପାଦକ ମନୋଜ ରାଉତଙ୍କୁ ସମ୍ବର୍ଦ୍ଧନା

ଯାଜପୁର, ୧୬।୯ (ନିପ୍ର); ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଯାଜପୁରର ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ନଗର / ବ୍ଲକ କଂଗ୍ରେସ ପକ୍ଷରୁ ରେଡ଼କ୍ରସ୍ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ଶ୍ରୀ ରାଉତଙ୍କୁ ଉପସ୍ଥିତ ସମସ୍ତ କର୍ମୀ ଏବଂ ନେତୃମଣ୍ଡଳୀ ମାନେ ଭବ୍ୟ ସ୍ୱାଗତ କରିବା ସହ ସଭା ଗୃହକୁ ନେଇଥିଲେ । ସଭାଗୃହରେ ଉପସ୍ଥିତ ନେତୃମଣ୍ଡଳୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଅଧ୍ୟକ୍ଷତା କରି ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଶ୍ରୀ ରାଉତ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ କାର୍ଯ୍ୟ କରି କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବା ସହ ସୁଚାରୁ ରୂପେ କାର୍ଯ୍ୟ ତୁଲାଇଥିଲେ ।

## ରେତ ନଦୀରେ ଅଘଟଣ: ପାଣିରେ ଭାସିଗଲେ ତିନି ବାଳକ, ଜଣେ ଗୁରୁତର

କେସିଙ୍ଗା, ୧୬/୯ (ନିପ୍ର); କେସିଙ୍ଗା ବ୍ଲକ ଅଧୀନସ୍ଥ ଯଲକୋ ରେତ ନଦୀ ପ୍ରୋଜେକ୍ଟ ବ୍ରିଜ ନିକଟରେ ସ୍ନାନ କରୁଥିବା ବେଳେ ତିନି ଜଣ ବାଳକ ପାଣି ସ୍ରୋତରେ ଭାସିଯାଇ ଗୁରୁତର ଅବସ୍ଥାରେ ପଡ଼ିଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଯଲକୋ ଗ୍ରାମର ତିନି ଜଣ ବାଳକ ରେତ ନଦୀ ପ୍ରୋଜେକ୍ଟ ବ୍ରିଜ ଉପରୁ ଡେଇଁ ଡେଇଁ ସ୍ନାନ କରୁଥିବା ସମୟରେ ହଠାତ୍ ପାଣିର ପ୍ରବଳ ସ୍ରୋତରେ ଭାସିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ଘଟଣା ସମ୍ପର୍କରେ ପ୍ରଶାସନକୁ ଖବର ଦେଇଥିଲେ । ଖବର ପାଇ କେସିଙ୍ଗା ତହସିଲଦାର, ପୋଲିସ ବିଭାଗ ଓ ରେସ୍କ୍ୟୁ ଟିମ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ପ୍ରୟାସ ପରେ ତିନି ଜଣ ବାଳକଙ୍କୁ ପାଣିରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ତେବେ ତିନି ଜଣଙ୍କ ମଧ୍ୟରୁ ଜଣେ ବାଳକଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ



ଉନ୍ନତ ଚିକିତ୍ସା ପାଇଁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ଅନ୍ୟ ଦୁଇ ଜଣ ବାଳକ ବିପଦମୁକ୍ତ ଥିବା ସୂଚନା ମିଳିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଉଦ୍ଧାର ହୋଇଥିବା ତିନି ଜଣ ବାଳକ ଯଲକୋ ଗ୍ରାମର ବାସିନ୍ଦା। ଘଟଣା ପରେ ଅଞ୍ଚଳବାସୀ ନଦୀ ଓ ଜଳାଶୟ ନିକଟରେ ସୁରକ୍ଷା ବ୍ୟବସ୍ଥା ଜୋରଦାର କରିବା ସହ ଅଭିଭାବକମାନଙ୍କୁ ନିଜ ସନ୍ତାନଙ୍କ ଉପରେ ଅଧିକ ନଜର ରଖିବାକୁ ଆହ୍ୱାନ କରିଛନ୍ତି।

## ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା

ରାଉରକେଲା, ୧୬।୯ (ନିପ୍ର): ରାଉରକେଲାର ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍ ଠାରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାର ଜୁନିୟର ବର୍ଗର ବିଭିନ୍ନ ବିଭାଗର ପ୍ରତିଯୋଗିତା ସମ୍ପନ୍ନ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିଭାବାନ ତୀରନ୍ଦାଜମାନେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇ ପଦକ ହାସଲ କରିଛନ୍ତି। ଜୁନିୟର ବର୍ଗର ବିଜେତାମାନଙ୍କ ତାଲିକାରେ କମ୍ପାଉଣ୍ଡ ରାଉଣ୍ଡର ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜେତା କେଶବା ବାନାରା ହୋଇଥିଲା ବେଳେ, ରୌପ୍ୟ ପଦକ ବିଜେତା ହୋଇଛନ୍ତି ସାଗର ରାଇତା ଏବଂ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି ଧନେଶ୍ୱର ବେହେରା। ସେହିପରି ମହିଳା ବିଭାଗରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି ମୋନାଲିସା ନାୟକ, ରୌପ୍ୟ ପଦକ ବିଜେତା ହୋଇଛନ୍ତି ସୀତା ହେମ୍ବ୍ରମ ଏବଂ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି ସ୍ୱପ୍ନାରାଣୀ ବେହେରା। ଇଣ୍ଡିଆନ୍ ରାଉଣ୍ଡ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି ଗୋବିନ୍ଦ ମାଝୀ, ରୌପ୍ୟ ପଦକ ବିଜେତା ହୋଇଛନ୍ତି ପ୍ରତାପ ରୂପାମାଝୀ ଏବଂ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି ଚନ୍ଦ୍ରମୋହନ ଟୁଡୁ। ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ଆର୍ଯ୍ୟସ୍ମିତା ନାୟକ ହୋଇଥିଲା ବେଳେ, ରୌପ୍ୟ ପଦକ ବିଜେତା ପୂର୍ଣ୍ଣିମା ପୂର୍ତ୍ତି ଏବଂ ବ୍ରୋଞ୍ଜ ପଦକ ବିଜେତା ସନମ ନାଏକ ହୋଇଛନ୍ତି। ରିକର୍ଭ ରାଉଣ୍ଡର ପୁରୁଷ ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ରସାନନ୍ଦ ବିରୁଆ ହୋଇଥିଲା ବେଳେ ରୌପ୍ୟ ପଦକ ବିଜେତା ସାତାରୀ ହୋ ଏବଂ ବ୍ରୋଞ୍ଜ ପଦକ ବିଜେତା ତ୍ରିଦେବ ମୁଣ୍ଡା ହୋଇଛନ୍ତି।ମହିଳା ବିଭାଗରେ ସ୍ୱର୍ଣ୍ଣ ପଦକ ବିଜେତା ସାବିତ୍ରୀ ପାତ୍ର ହୋଇଥିବା ବେଳେ ରୌପ୍ୟ ପଦକ ବିଜେତା ମମିତା ଓରାମ ଏବଂ ବ୍ରୋଞ୍ଜ ପଦକ ବିଜେତା ମାନସ୍ୱରୀ ହାଁସଦାକ ହୋଇଛନ୍ତି।

# ରାୟଗଡ଼ା ଜିଲ୍ଲାରେ ଗତ ୩ମାସରେ ୧୭୭ ଶିଶୁଙ୍କ ମୃତ୍ୟୁ !

ରାୟଗଡା, ୧୬।୯ (ନିପ୍ର): ତିନି ମାସରେ ୧୮୦ ଶିଶୁଙ୍କ ମୃତ୍ୟୁ ହୋଇଥିବା ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ହୋଇଥିବା ଅବ୍ୟବସ୍ଥାର ଗୁମର ଖୋଲି ଦେଇଛି ଅଡିଟ ରିପୋର୍ଟ। ରାୟଗଡା ଜିଲ୍ଲାରେ ଗତ ୩ମାସ ମଧ୍ୟରେ ୧୭୭ ଶିଶୁଙ୍କ ମୃତ୍ୟୁ ହୋଇଥିବା ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ,ରାୟଗଡା ଜିଲ୍ଲା ଏକ ଆକାଂକ୍ଷା ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାରେ କାର୍ଯ୍ୟରତ ସମାଜ ମଙ୍ଗଳ ବିଭାଗର ଭୂମିକା ଅନେକ ଗୁରୁତ୍ୱବହନ କରେ। କିନ୍ତୁ ବିଡମ୍ବନାର ବିଷୟ ହେଲା ୨୦୨୬ ମେ ମାସ ୨୬ ତାରିଖରେ ଏକ ଅଡିଟ ରିପୋର୍ଟ କୁ ଆଧାର କରି ଏକ ଚିଠି ଡ଼ିଏସଡାବଲିଓଙ୍କ ନାମରେ ଜାରି ହୋଇଛି। ଓଡ଼ିଶା ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଉକ୍ତ ଚିଠି ସିଧାସଳଖ ଡ଼ିଏସଡାବଲିଓଙ୍କ ନାମରେ ଦିଆଯାଇଛି। ଓଡ଼ିଶା ମହିଳା ଓ ଶିଶୁ ବିଭାଗ ନିକଟରୁ ଏହି ଚିଠି ଡ଼ିଏସଡାବଲିଓଙ୍କ ନାମରେ ଜାରି କରାଯାଇ କାରଣ ଦର୍ଶାଅ ବୋଲି ଚିଠିରେ ଜବାବ ମଗାଯାଇଛି। ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରାଯାଇ ଚିଠିରେ ଲେଖାଯାଇଥିବା ରାୟଗଡା ସମାଜ ମଙ୍ଗଳ କାର୍ଯ୍ୟାଳୟର ବ୍ୟବସ୍ଥାଗତ ତ୍ରୁଟି, ତଥ୍ୟ ସଠିକ ଭାବେ ପରିଚାଳନା କରାଯାଇନଥିବା ଏଥିରେ ରହିଥିବା ଗୁରୁତର ପରିଚାଳନଗତ ଅନିୟମିତତା ଦର୍ଶା ଯାଇଥିବା ଉଲ୍ଲେଖ କରାଯାଇଥିବା ବେଳେ ତଦାରଖରେ ଚରମ ଅବହେଳା କଥା ମଧ୍ୟ ଦର୍ଶାଯାଇଥିବା କୁହାଯାଇଛି।

ଏହାର ପରିଣାମ ସ୍ୱରୂପ ଜିଲ୍ଲାରେ ଗତ ତିନି ମାସରେ ୧୭୭ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଇଛି ।ଜଣେ ମା ଗର୍ଭ ଧାରଣ କରି, ଗର୍ଭରୁ ଏକ ସୁସ୍ଥ ଶିଶୁ ଜନ୍ମଦେବା ଏବଂ ଉଭୟ ମା ଓ ଶିଶୁକୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ସହିତ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ଯୋଗାଇ ଦେବା ପାଇଁ ସମାଜ ମଙ୍ଗଳ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସରକାର ସୃଷ୍ଟି କରି ଏହାର ସୁପରିଚାଳନା ପାଇଁ ଅନେକ କର୍ମଚାରୀ ମଧ୍ୟ ନିୟୋଜିତ କରିଥିବା ବେଳେ ଏହାପାଇଁ ରହିଛି ଅନେକ ଯୋଜନା। କିନ୍ତୁ ଶିଶୁଟିର ଶାରୀରିକ ବୃଦ୍ଧିକୁ ନେଇ ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ତାହା ସତ୍ୟ ଆଧାରିତ ହୋଇନଥିବା ଦର୍ଶାଯାଇଛି। ଶିଶୁର ଉଚ୍ଚତା ଓ ଓଜନ ଅସଂଗତି ଦେଖାଯିବା ଦ୍ୱାରା ପ୍ରକୃତରେ କୌଣସି ମାପ କରାନଯାଇ ଅନୁମାନ ଆଧାରରେ ତଥ୍ୟ ପଞ୍ଜିକରଣ କରାଯାଇ ରିପୋର୍ଟ ପ୍ରଦାନ କରାଯାଉଛି ବୋଲି କୁହାଯାଇଛି। ଶାରୀରିକ ବୃଦ୍ଧି ପରିମାପକ ଉପକରଣ ଉପଲବ୍ଧ ନଥିବା ବେଳେ ଏହା କିପରି ସମ୍ଭବ ହେଇଅଛି ବୋଲି କାରଣ ଦର୍ଶାଅ ନୋଟିସରେ ପ୍ରଶ୍ନ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟ ଚକିତ ଭଳି ଘଟଣା ହେଲା ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇନାହିଁ ବୋଲି ସୂତ୍ରରୁ ଜଣାପଡିଛି। ଟେକ ହୋମ ରାସନ (ଟିଏଚ ଆର)ବଣ୍ଟନ ଓ ରେକର୍ଡ଼ ସଂରକ୍ଷଣରେ ଯେଉଁ ତଥ୍ୟ ରହିଛି ତାହା ସନ୍ଦେହ ଜନକ ଯାହାକି ଭୁଲ ରିପୋର୍ଟକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଖାଦ୍ୟର ମାନ, ଆର୍ଥିକ ଅନିୟମିତତା ସାମ୍ନାକୁ ଆସିଥିବା ମଧ୍ୟ ନୋଟିସରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ ଗୁରୁତର ଭାବେ ଭୀତିଭୂମି ତ୍ରୁଟି ଯୋଗୁଁ ସଠିକ ସମୟରେ ପିଲା ଓ ମାଆଙ୍କୁ ସେବା ପ୍ରଦାନ ଅନୁପାଳନରେ ବ୍ୟାହତ, ବ୍ୟାଘାତ ହେଉଥିବା ବିଷୟ ସ୍ଥାନିତ ହୋଇଛି, ଅନୁଧ୍ୟାନ କମିଟି ସ୍କ୍ୱାଡ଼ ଗଠନ ନହେବା ବିଭାଗୀୟ ଅବହେଳା ବୋଲି ଚର୍ଚ୍ଚା ହେଉଛି। ପୋଷଣ ଟ୍ରାକ ତଥ୍ୟର ନିୟାମକ ଆଧାରରେ ପରିଚାଳନା ଗତ ତ୍ରୁଟି, ଆବଶ୍ୟକ ପରିମାଣର ତଥ୍ୟ ପ୍ରଦାନରେ ସ୍ୱଳ୍ପତା, ଏବଂ ଅବିଶ୍ୱାସନୀୟ ତଥ୍ୟ ପ୍ରଦାନର ସମୀକ୍ଷା କରାଯିବା ପରେ ଏହର ବାସ୍ତବତା ପ୍ରତି ସନ୍ଦେହ ଘନୀଭୂତ ହୋଇ ଅବାସ୍ତବ ରିପୋର୍ଟିଂ ହୋଇଥିବା ସ୍ପଷ୍ଟ ହେଉଛି। କରାଯାଇଥିବା ଅବହେଳା, ତ୍ରୁଟି ଆଦିର ସିଧାସଳଖ ହିତାଧିକାରୀ ପ୍ରଭାବିତ ହେଉଥିବା ବେଳେ ପ୍ରଶାସନିକ ତ୍ରୁଟି, ସତର୍କତାର ଅଭାବ, ସରକାରୀ କର୍ତ୍ତବ୍ୟ ପାଳନରେ ଘୋର ଅବହେଳା, ଏଥିସହ ପ୍ରଦତ୍ତ ସରକାରୀ ନିୟମାବଳୀର ଏବଂ ଅନୁଶାସନର ଉଲ୍ଲଂଘନ କରାଯାଇଥିବା ଦର୍ଶାଉଛି ବୋଲି କାରଣ ଦର୍ଶାଅ ନୋଟିସରେ ସ୍ଥାନିତ ହୋଇଛି। ହେଲେ ଜିଲ୍ଲାରେ ଯେଉଁ ଶିଶୁ ମୃତ୍ୟୁ ଭଳି ଘଟଣା ସାମ୍ନାକୁ ଆସିଛି ତାର କାରଣ ଏହି ଚରମ ଅବହେଳା ବୋଲି ମତ ପ୍ରକାଶ ପାଇଛି। ଶିଶୁ ଓ ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଅବ୍ୟବସ୍ଥା, ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଭାରତୀୟ ନୌସେନା ଜାହାଜ ସହ ପାକିସ୍ତାନୀ ଜାହାଜ ଧକ୍କା



ନୂଆଦିଲ୍ଲୀ, ୧୬।୯: ଭାରତୀୟ ନୌସେନା ଜାହାଜକୁ ଧକ୍କା ଦେଲା ପାକ୍ ନୌସେନା ଜାହାଜ। ଗତକାଲି ଆରବ ସାଗରରେ ଅନ୍ତର୍ଜାତୀୟ ଜଳସୀମାରେ ଭାରତୀୟ ନୌସେନା ଜାହାଜକୁ ଧକ୍କା ଦେଇଛି ପାକିସ୍ତାନୀ ନୌସେନା ଜାହାଜ। ଘଟଣାକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଭାରତ। ଏନେଇ ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ହାଇକମିଶନରଙ୍କୁ ସମନ୍ କରି ଦୃଢ଼ ପ୍ରତିବାଦ ଜଣାଇଛି ନୂଆଦିଲ୍ଲୀ। ବୈଦେଶିକ ମନ୍ତ୍ରଣାଳୟର କହିବା ଅନୁସାରେ, ପାକିସ୍ତାନୀ ନୌସେନା ୟୁନିଟ୍ ର ଆଚରଣ ଅଗ୍ରହଣୀୟ ଥିଲା। ଏହା ୧୯୯୧ ମସିହାର ଭାରତ-ପାକିସ୍ତାନ ଚୁକ୍ତିର ଆର୍ଟିକଲ୍-୧୦ ବ୍ୟବସ୍ଥାର ଉଲ୍ଲଂଘନ କରୁଛି । ଚୁକ୍ତି ଅନୁସାରେ ସାମରିକ ଅଭ୍ୟାସ, ଯୁଦ୍ଧାଭ୍ୟାସ ଏବଂ ସୈନ୍ୟ ଗତିବିଧି ସମ୍ପର୍କରେ ପୂର୍ବ ସୂଚନା ଦେବା ନେଇ ବ୍ୟବସ୍ଥା ରହିଛି। ଭବିଷ୍ୟତରେ ଏଭଳି ଘଟଣା ଯେପରି ପୁଣି ନଘଟେ, ସେଥିପାଇଁ ସମସ୍ତ ସାମରିକ ୟୁନିଟ୍‌କୁ ସମୁଦ୍ରରେ ଅଧିକ ସତର୍କତା ଅବଲମ୍ବନ କରିବା ସହ ଦ୍ୱିପାକ୍ଷିକ ଚୁକ୍ତିର ବ୍ୟବସ୍ଥାକୁ ସମ୍ମାନ କରିବାକୁ ଭାରତ ପକ୍ଷରୁ କୁହାଯାଇଛି। ଏପଟେ ଇସଲାମାବାଦରେ ଥିବା ଭାରତୀୟ ଚାର୍ଜ ଡି'ଆଫେୟାର୍ସଙ୍କୁ ମଧ୍ୟ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ନିକଟରେ ସମାନ ପ୍ରତିବାଦ ଜଣାଇବାକୁ ନିର୍ଦ୍ଦେଶ ଦେଇଛି ନୂଆଦିଲ୍ଲୀ। ତେବେ ଏଥିରେ କୌଣସି ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ।

# ଲସ୍ ଏଞ୍ଜେଲ୍ସରେ ଏନବିସିର ନ୍ୟୁଜ୍ ହେଲିକପ୍ଟର ଦୁର୍ଘଟଣା, ୩ ମୃତ



ୱାସିଂଟନ, ୧୬।୯: ଆମେରିକାଲସ୍ ଏଞ୍ଜେଲ୍ସର ଚାଟ୍ସୱର୍ଥ ଅଞ୍ଚଳରେ ଏନବିସିର ନ୍ୟୁଜ୍ ହେଲିକପ୍ଟର 'ନ୍ୟୁଜଚପର୍ ୪' ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହୋଇ ୩ ଜଣଙ୍କ ମୃତ୍ୟୁ ହୋଇଛି। ଘଟଣାରେ ଆଉ ଜଣେ ଆହତ ହୋଇଥିବାବେଳେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ଆହତଙ୍କ ସ୍ଥିତି ସମ୍ପର୍କରେ ତତ୍କାଳ କିଛି ଜଣାପଡ଼ିନାହିଁ। ଏନବିସି ଆଙ୍କର୍ କଲିନ୍ ୱିଲିୟମ୍ସ ବୁଧବାର ଲାଇଭ୍ ପ୍ରସାରଣ ସମୟରେ ହେଲିକପ୍ଟରଟି ଏନବିସିର 'ନ୍ୟୁଜଚପର୍ ୪' ବୋଲି ସ୍ପଷ୍ଟ କରିଥିଲେ। ହେଲିକପ୍ଟରରେ ଥିବା କର୍ମଚାରୀଙ୍କ ସହ ଯୋଗାଯୋଗ ହୋଇପାରୁନଥିବା ନେଇ ପୂର୍ବରୁ ଷ୍ଟେସନ୍ ପକ୍ଷରୁ ଚିନ୍ତା ପ୍ରକାଶ କରାଯାଇଥିଲା। ପରେ ଦୁର୍ଘଟଣାର ନିଶ୍ଚିତ ସୂଚନା ମିଳିଥିଲା। ସ୍ଥାନୀୟ ସମୟ ଅନୁସାରେ ସନ୍ଧ୍ୟା ପ୍ରାୟ ୭ଟାରେ ସାନ୍ ଫର୍ଣ୍ଣାଣ୍ଡୋ ଭ୍ୟାଲିର ଚାଟ୍ସୱର୍ଥ ଅଞ୍ଚଳର ୯୧୫୧ ଏନ୍ ମେସନ୍ ଆଭେନ୍ୟୁରେ ଥିବା ଏକ ଏକମହଲା ବାଣିଜ୍ୟିକ କୋଠା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ହେଲିକପ୍ଟରଟି ଦୁଇଟି ବାଣିଜ୍ୟିକ କୋଠା ମଧ୍ୟରେ ଥିବା ଅଞ୍ଚଳରେ ଖସିପଡ଼ିଥିଲା। ଏଥିରୁ ନିଆଁ ଲାଗି ଅତି କମରେ ୪ଟି କାର୍ ଓ ୨ଟି ଷ୍ଟୋରେଜ୍ କଣ୍ଟେନର୍ କ୍ଷତିଗ୍ରସ୍ତ ହୋଇଥିଲା। ଲସ୍ ଏଞ୍ଜେଲ୍ସ ଅଗ୍ନିଶମ ବିଭାଗର କ୍ୟାପଟେନ୍ ବ୍ରାଣ୍ଡେନ୍ ସିଲଭରମ୍ୟାନ୍ କହିଛନ୍ତି, ମୃତକଙ୍କ ମଧ୍ୟରୁ ଅତି କମରେ ଜଣେ ହେଲିକପ୍ଟର ବାହାରେ ଏକ ପାର୍କିଂ ସ୍ଥାନରେ ଥିଲେ। ଅନ୍ୟ ଦୁଇ ମୃତକ ହେଲିକପ୍ଟର ଭିତରେ ଥିଲେ କି ଭୂମିରେ ଥିଲେ, ତାହା ତତ୍କାଳ ସ୍ପଷ୍ଟ ହୋଇନଥିଲା। ଦୁର୍ଘଟଣା ସମୟରେ ହେଲିକପ୍ଟରରେ କେତେ ଜଣ ଥିଲେ, ତାହା ଜାଣିବା ପାଇଁ ଭଗ୍ନାବଶେଷ ଯାଞ୍ଚ କରାଯାଉଛି।

# ସୁନା ଖଣି ଧସି ୬୦ ମୃତ, ଅନେକ ନିଖୋଜ



ନୂଆଦିଲ୍ଲୀ, ୧୬।୯ : ସୁଡାନର ୱେଷ୍ଟ କର୍ଡୋଫାନ୍ ଅଞ୍ଚଳରେ ଏକ ବଡ଼ ସୁନା ଖଣି ଦୁର୍ଘଟଣା ଘଟିଛି। ଅଲ୍-ନୁହୁଦ ସହରର ଉତ୍ତରରେ ଥିବା ଏକ ଖଣି ଧସିପଡ଼ିବାରୁ ଅତି କମ୍‌ରେ ୬୦ ଜଣଙ୍କ ମୃତ୍ୟୁ ହୋଇଛି । ଏବେ ମଧ୍ୟ ଅନେକ ଲୋକ ନିଖୋଜ ଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି। ଗତ ରବିବାର ଏହି ଖଣି ଧସିଥିବା ବେଳେ ବୁଧବାର ସୁଦ୍ଧା ୬୦ଟି ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ତିନିଜଣ ସ୍ଥାନୀୟ ସୂତ୍ର ଏହି ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଉଦ୍ଧାରକାର୍ଯ୍ୟ ଜାରି ରହିଥିବାରୁ ଖଣି ଭିତରେ ଆହୁରି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି।ସୁଡାନ ଆଫ୍ରିକାର ପ୍ରମୁଖ ସୁନା ଉତ୍ପାଦନକାରୀ ଦେଶ ମଧ୍ୟରୁ ଅନ୍ୟତମ। ଦେଶରେ ସୁନାର ଏକ ବଡ଼ ଅଂଶ ପାରମ୍ପରିକ ଓ ଅନିୟମିତ ଖଣି ମାଧ୍ୟମରେ ଉତ୍ତୋଳନ କରାଯାଏ । ଅନେକ ଖଣିରେ ଆଧୁନିକ ସୁରକ୍ଷା ବ୍ୟବସ୍ଥା, ଉପକରଣ ଓ ଉଦ୍ଧାର ପ୍ରଣାଳୀର ଅଭାବ ଥିବାରୁ ଏଭଳି ଦୁର୍ଘଟଣାର ଆଶଙ୍କା ଅଧିକ ରହିଥାଏ । ସୁନାର ଏକ ଅଂଶ ଅବୈଧ ଭାବେ ବିକ୍ରି ଓ ଚୋରାଚାଲାଣ ହେଉଥିବା ନେଇ ମଧ୍ୟ ରିପୋର୍ଟ ରହିଛି ।


## ଜନ୍ମଦିନରେ ମୋଦିଙ୍କ ଭେଟି

# ଇପିଏଫଓ ଦରମା ସୀମା ୨୫,୦୦୦ଟଙ୍କାକୁ ବୃଦ୍ଧି




ନୂଆଦିଲ୍ଲୀ, ୧୬।୯ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ 'କର୍ମଚାରୀ ଭବିଷ୍ୟ ନିଧି ସଂଗଠନ' (ଇପିଏଫଓ) ଅଧୀନରେ ବାଧ୍ୟତାମୂଳକ ଅନ୍ତର୍ଭୁକ୍ତିକରଣ ପାଇଁ ବେତନ ସୀମାକୁ ମାସିକ ୧୫,୦୦୦ ଟଙ୍କାରୁ ବୃଦ୍ଧି କରି ୨୫,୦୦୦ ଟଙ୍କା କରିବା ସମ୍ବନ୍ଧୀୟ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଥିଲା। ଏକ ଏହି ନିଷ୍ପତ୍ତି ଫଳରେ ୫୧ ଲକ୍ଷରୁ ଅଧିକ ଅତିରିକ୍ତ କର୍ମଚାରୀ ବାଧ୍ୟତାମୂଳକ ଇପିଏଫଓ ପରିସର ମଧ୍ୟକୁ ଆସିବେ ବୋଲି ଆଶା କରାଯାଉଛି। ଏହା ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବ। ୨୦୦୪ରୁ ୨୦୧୪ ମଧ୍ୟରେ ଇପିଏଫଓ ବେତନ ସୀମାରେ କୌଣସି ପରିବର୍ତ୍ତନ ହୋଇନଥିଲା। କିନ୍ତୁ ସେପ୍ଟେମ୍ବର ୨୦୧୪ରେ ଏହାକୁ ବୃଦ୍ଧି କରି ୧୫,୦୦୦ ଟଙ୍କା କରାଯାଇଥିଲା। ବର୍ତ୍ତମାନର ନିଷ୍ପତ୍ତି କାରଣରୁ ସେହି ପ୍ରକ୍ରିୟା ଆଗକୁ ବଢ଼ି ବେତନ ସୀମା ୨୫,୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହା ଗତ କିଛି ବର୍ଷ ମଧ୍ୟରେ ବେତନରେ ନିରନ୍ତର ବୃଦ୍ଧି, ଆୟରେ ଉନ୍ନତି ଏବଂ ଆନୁଷ୍ଠାନିକ ନିଯୁକ୍ତିର କ୍ରମାଗତ ସମ୍ପ୍ରସାରଣକୁ ପ୍ରତିଫଳିତ କରୁଛି। ବର୍ତ୍ତମାନ, ଯଦି ଜଣେ ନୂତନ କର୍ମଚାରୀ ମାସିକ ୧୫,୦୦୦ ଟଙ୍କାରୁ ଅଧିକ ବେତନରେ ନିଯୁକ୍ତି ପାଆନ୍ତି, ତେବେ ସେମାନେ ସ୍ୱତଃ ଇପିଏଫ୍ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୁଅନ୍ତି ନାହିଁ । ବାଧ୍ୟତାମୂଳକ ଭବିଷ୍ୟ ନିଧି, ପେନସନ୍ ଓ ଆନୁଷଙ୍ଗିକ ବୀମା ସୁରକ୍ଷା ପରିସର ବାହାରେ ରହିଯାଆନ୍ତି। ସୀମାକୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିବା ଦ୍ୱାରା ୧୫,୦୦୦ ରୁ ୨୫,୦୦୦ ଟଙ୍କା ବେତନ ବର୍ଗରେ ଥିବା କର୍ମଚାରୀଙ୍କ ଏକ ବଡ଼ ଅଂଶ ଆଇନଗତ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଧୀନକୁ ଆସିପାରିବେ। ଏହି ଅନୁମୋଦନ ଫଳରେ ପ୍ରଯୁଜ୍ୟ ଯୋଜନା ବ୍ୟବସ୍ଥା ଅନୁଯାୟୀ ଭବିଷ୍ୟ ନିଧି ସଞ୍ଚୟ, 'କର୍ମଚାରୀ ପେନସନ ଯୋଜନା' (ଇପିଏସ୍) ଅଧୀନରେ ପେନସନ ସୁରକ୍ଷା ଏବଂ 'କର୍ମଚାରୀ ଜମା-ସଂଯୁକ୍ତ ବୀମା ଯୋଜନା' (ଇଡିଏଲଆଇ) ଅଧୀନରେ ବୀମା ସୁରକ୍ଷା ପାଇବାର ସୁଯୋଗ ବୃଦ୍ଧି ପାଇବ। ଏହା ସହିତ, ଏହା ଆଇନଗତ ଅବଦାନ ଏବଂ ପେନସନ-ଯୋଗ୍ୟ ବେତନ ବ୍ୟବସ୍ଥାକୁ ବର୍ତ୍ତମାନର ବେତନ ସ୍ତର ସହିତ ଅଧିକ ଉପଯୁକ୍ତ ଭାବରେ ସମାନ୍ତରାଳ କରିବାରେ ସହାୟକ ହେବ। ସେପ୍ଟେମ୍ବର ୨୦୧୪ରେ ଶେଷ ଥର ପାଇଁ ବେତନ ସୀମା ସଂଶୋଧିତ ହେବା ପରଠାରୁ, ଭାରତରେ ବେତନରେ କ୍ରମାଗତ ବୃଦ୍ଧି, ଆୟରେ ଉନ୍ନତି ଏବଂ ଆନୁଷ୍ଠାନିକ ନିଯୁକ୍ତିର କ୍ରମାଗତ ସମ୍ପ୍ରସାରଣ ଦେଖିବାକୁ ମିଳିଛି। ଅନେକ ରାଜ୍ୟ ଏବଂ ବୃତ୍ତି କ୍ଷେତ୍ରରେ, ସର୍ବନିମ୍ନ ବେତନ ମଧ୍ୟ ବିଦ୍ୟମାନ ସୀମା ନିକଟତର ହୋଇଛି। ତେଣୁ, ଏହି ସୀମାକୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିବା ଦ୍ୱାରା ବଢୁଥିବା ବେତନ ସ୍ତର ଅନୁଯାୟୀ ଇପିଏଫଓ ବ୍ୟବସ୍ଥାର ଅପଡେଟ୍ ହେବ ଏବଂ କର୍ମଜୀବୀଙ୍କ ଏକ ବୃହତ୍ତର ବର୍ଗଙ୍କ ପାଇଁ ଆନୁଷ୍ଠାନିକ ସାମାଜିକ ସୁରକ୍ଷା ସୁବିଧା ଉପଲବ୍ଧ ହେବ। ଏହି ପଦକ୍ଷେପ ଦ୍ୱାରା ନିଯୁକ୍ତିକୁ ଆନୁଷ୍ଠାନିକ ରୂପ ଦେବା, କର୍ମଚାରୀଙ୍କୁ ଅନୁଷ୍ଠାନ ସହ ବଜାୟ ରଖିବା ଏବଂ ଅବସର ପରବର୍ତ୍ତୀ ଦୀର୍ଘକାଳୀନ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ସମ୍ଭବ ହେବ ବୋଲି ଆଶା କରାଯାଉଛି।ଏହି ପ୍ରସ୍ତାବ ଉପରେ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ବିସ୍ତୃତ ପରାମର୍ଶ କରାଯାଇଥିଲା ଏବଂ ୧୬ ଜୁନ୍ ୨୦୨୬ରେ ଅନୁଷ୍ଠିତ ବୈଠକରେ ବ୍ୟୟ ଅର୍ଥ କମିଟି ଦ୍ୱାରା ଏହାକୁ ସୁପାରିଶ କରାଯାଇଥିଲା। ବର୍ତ୍ତମାନର ବାର୍ଷିକ ବଜେଟ୍ ସହାୟତା ପ୍ରାୟ ୧୦,୨୫୦ କୋଟି ଟଙ୍କା ଥିବାବେଳେ, ସରକାରଙ୍କ ଉପରେ ପଡ଼ିବାକୁ ଥିବା ବାର୍ଷିକ ବ୍ୟୟ ପ୍ରାୟ ୧୧,୩୩୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# ଅନନ୍ତ ନାଗଙ୍କୁ ଦାଦା ସାହେବ୍ ଫାଲକେ ପୁରସ୍କର



ନୂଆଦିଲ୍ଲୀ, ୧୬।୯: ବରିଷ୍ଠ ଅଭିନେତା ଅନନ୍ତ ନାଗ ୨୦୨୪ ବର୍ଷ ପାଇଁ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନୀତ ହେବେ । ଦାଦା ସାହେବ ଫାଲକେ ପୁରସ୍କାର ଚୟନ କମିଟି ପକ୍ଷରୁ ଏକ ପ୍ରେସ ବିବୃତିରେ ଏକଥା କୁହାଯାଇଛି । ଆସନ୍ତା ସେପ୍ଟେମ୍ବର ୨୨ ତାରିଖ, ଗୁଜୁରାଟର ଏକତାନଗରରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମ୍ମାନ ସମାରୋହରେ ଶ୍ରୀ ନାଗଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ଏହି ଭେଟେରାନ ଅଭିନେତା ଜଣକ ୨୫୦ରୁ ଊର୍ଦ୍ଧ୍ୱ କନ୍ନଡ଼ ଫିଲ୍ମରେ ଅଭିନୟ କରିବା ସହ ହିନ୍ଦୀ, ତେଲୁଗୁ, ତାମିଲ, ମାଲାୟାଲାମ ଆଦି ସିନେମାରେ ମଧ୍ୟ ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ପରିଛନ୍ତି । ୯୦ଦଶକରେ ଦୂରଦର୍ଶନରେ ପ୍ରସାରିତ ଲୋକପ୍ରିୟ ସିରିଏଲ ମାଲ୍ଗୁଡି ଡେକ୍ରେ ମଧ୍ୟ ସେ ଅଭିନୟ କରିଥିଲେ । ୨୦୨୫ ମସିହାରେ ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

# ପାକିସ୍ତାନୀ ଗ୍ୟାଙ୍ଗଷ୍ଟରଙ୍କ ଅନଲାଇନ୍ କାର୍ଯ୍ୟକଳାପ ନେଇ ଉତ୍ତରାଖଣ୍ଡରେ ସତର୍କତା

ଡେରାଡୁନ, ୧୬।୯: ପାକିସ୍ତାନରେ ଥିବା ଗ୍ୟାଙ୍ଗଷ୍ଟର ଶେହଜାଦ ଭଟ୍ଟି ସୋସିଆଲ୍ ମିଡିଆ ମାଧ୍ୟମରେ ଯୁବକମାନଙ୍କୁ ଉଗ୍ରପନ୍ଥୀ କରିବାକୁ ଉଦ୍ୟମ କରୁଥିବା ନେଇ ତଥ୍ୟ ମିଳିବା ପରେ ଉତ୍ତରାଖଣ୍ଡରେ ସୁରକ୍ଷା ନଜରଦାରି ବଢ଼ାଯାଇଛି। ଡେରାଡୁନସ୍ଥିତ ଗୁଇନ୍ଦା ଓ ସୁରକ୍ଷା ମୁଖ୍ୟାଳୟରେ ସମୀକ୍ଷା ବୈଠକ କରି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦୀପମ ସେଠ୍ ଗୁଇନ୍ଦା ଓ ସୁରକ୍ଷା ଏଜେନ୍ସିଗୁଡ଼ିକୁ ନଜରଦାରି ବଢ଼ାଇବାକୁ କହିଛନ୍ତି। ଭଟ୍ଟିଙ୍କ କଥିତ ସହଯୋଗୀମାନଙ୍କ ମଧ୍ୟରୁ କେତେକ ଦେଶର ବିଭିନ୍ନ ସ୍ଥାନରୁ ଗିରଫ ହେବା ପରେ ଜିଲ୍ଲା ପୁଲିସକୁ ବିଶେଷ ସତର୍କ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆତଙ୍କବାଦ, ସୀମାପାର ଅନୁପ୍ରବେଶ, ଅନଲାଇନରେ ବିଭ୍ରାନ୍ତିକର ତଥ୍ୟ, ବଡ଼ ଧାର୍ମିକ ସମାବେଶ ଓ ଆଗାମୀ ବିଧାନସଭା ନିର୍ବାଚନ ସମୟର ସୁରକ୍ଷା ଆହ୍ୱାନ ନେଇ ଆଲୋଚନା ହୋଇଥିଲା।

# ମଣିପୁରରେ କୁକି ଉଗ୍ରବାଦୀଙ୍କ ଆକ୍ରମଣ: ୫ ଘର ଓ ଦୋକାନ ଜାଳିଦେଲେ



ଇମ୍ଫାଲ, ୧୬।୯: ଜାତିଗତ ହିଂସାପ୍ରଭାବିତ ମଣିପୁରର କାଙ୍ଗପୋକପି ଜିଲ୍ଲାର ଚାଓ୍ୱାଙ୍ଗକିନିଙ୍ଗ ନାମକ ଏକ ନାଗା ଗାଁରେ ସନ୍ଦିଗ୍ଧ କୁକି ଉଗ୍ରବାଦୀମାନେ ମଙ୍ଗଳବାର ରାତିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଅତି କମରେ ୫ଟି ଘର ଓ ଜଣଙ୍କ ଦୋକାନ ଜାଳିଦିଆଯାଇ ଥିବାବେଳେ ଗୁଳିବିନିମୟ ମଧ୍ୟ ହୋଇଛି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିଛି। ତେବେ ଆକ୍ରମଣର ଦାୟିତ୍ୱ କୌଣସି ସଂଗଠନ ନେଇନାହିଁ। ଗାଁର ବାସିନ୍ଦା ଡାନିଏଲ ଚାରେନାମାଇଙ୍କ କହିବା ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୧୦ଟା ୩୦ରେ ଭାରୀ ଅସ୍ତ୍ରଶସ୍ତ୍ରଧାରୀ କୁକି ଉଗ୍ରବାଦୀମାନେ ଗାଁରେ ଆକ୍ରମଣ କରିଥିଲେ। ବୁଧବାର ସକାଳ ପ୍ରାୟ ୫ଟା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିଥିଲା। ପ୍ରାୟ ୧୦୦ ଜଣ ସଶସ୍ତ୍ର ବ୍ୟକ୍ତି ଆକ୍ରମଣରେ ସାମିଲ ଥିବା ଡାନିଏଲ ଅଭିଯୋଗ କରିଛନ୍ତି। ତାଙ୍କ ଦୋକାନ ସମେତ ଅତି କମରେ ୫ଟି ଘର ଜାଳିଦିଆଯାଇଥିଲା। କାଙ୍ଗପୋକପି ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୧୩ କିଲୋମିଟର ଦୂରରେ ଥିବା ଚାଓ୍ୱାଙ୍ଗକିନିଙ୍ଗ ଏକ ନାଗା ଲିଆଙ୍ଗମାଇ ଗାଁ। ନାଗା ଓ କୁକି ଗାଁ ମଧ୍ୟରେ ଥିବା ଏହି ଗାଁରେ ନେପାଳୀ, ମାଓ, ରୋଙ୍ଗମେଇ ଓ ପାଓମେଇ ସମ୍ପ୍ରଦାୟର ଲୋକ ମଧ୍ୟ ରହୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଆକ୍ରମଣ ସମୟରେ ସୁରକ୍ଷାବଳ ପହଞ୍ଚି ନ ଥିଲେ। ନିଆଁ ଲିଭାଇବା ପାଇଁ ସେମାନେ ବୁଧବାର ସକାଳେ ଗାଁରେ ପହଞ୍ଚିଥିଲେ। ଗାଁରେ ସୁରକ୍ଷାବଳର ଏକ ଶିବିର ସ୍ଥାପନ ପାଇଁ ଲୋକେ ଦାବି କରିଛନ୍ତି। ଗାଁର ନାଗା ପ୍ରହରୀମାନେ ଆକ୍ରମଣର ପ୍ରତିରୋଧ କରିଥିବା ଜଣାପଡ଼ିଛି। ଏଥିରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି। ଗତ ଫେବ୍ରୁଆରିରୁ ନାଗା-କୁକି ଉତ୍ତେଜନା ବଢ଼ିବା ପରଠାରୁ ଉଭୟ ସମ୍ପ୍ରଦାୟର ଅତି କମରେ ୩୦ ଜଣଙ୍କ ମୃତ୍ୟୁ ହୋଇଛି।

# ୨୭ କେଜି ହେରୋଇନ ଜବତ: ୪ ଗିରଫ

ଅମୃତସର, ୧୬।୯ : ନିଶାଦ୍ରବ୍ୟ ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନରେ ପଞ୍ଜାବ ପୋଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ଟିମ୍ ସୀମା ଆରପଟୁ ଚାଲୁଥିବା ଏକ ଚୋରାଚାଲାଣ ନେଟୱାର୍କର ପର୍ଦ୍ଦାଫାସ କରିଛି। ଏହି ଅପରେସନରେ ଚାରି ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୨୭ କେଜି ବିଦେଶୀ ନିର୍ମିତ ହେରୋଇନ୍ ଜବତ ହୋଇଛି। ଏକ ୩୦ ବୋରର ପିଏକ୍ସ୫ ପିସ୍ତଲ ଏବଂ ତିନୋଟି ଗୁଳି ଜବତ କରାଯାଇଛି।ପ୍ରାଥମିକ ତଦନ୍ତରୁ ପୁଲିସକୁ ସୂଚନା ମିଳିଛି ଯେ ଗିରଫ ଅଭିଯୁକ୍ତମାନେ ସୀମା ଆରପାର୍ଶ୍ୱରେ ବସିଥିବା ଚୋରା ଚାଲାଣକାରୀଙ୍କ ସହ ଯୋଗାଯୋଗରେ ଥିଲେ ଏବଂ ନିଶାଦ୍ରବ୍ୟ ସାମଗ୍ରୀ ପହଞ୍ଚାଇବା ପାଇଁ ସେମାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ।

## ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

# ନ୍ୟୁଜିଲ୍ୟାଣ୍ଡ ସଂସଦରେ ମଞ୍ଜୁରି



ୱେଲିଂଟନ, ୧୬।୯: ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ନ୍ୟୁଜିଲ୍ୟାଣ୍ଡ ସଂସଦରେ ଅନୁମୋଦନ କରାଯାଇଛି। ଭାରତ ସହିତ ଚୁକ୍ତିନାମା ସପକ୍ଷରେ ୯୩ ଭୋଟ୍ ପଡ଼ିଥିବାବେଳେ ଏହା ବିରୋଧରେ ୨୯ ଭୋଟ୍ ଦିଆଯାଇଥିଲା। ଏହି ସୂଚନା ବାଣିଜ୍ୟ ଏବଂ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକଲେ ଦେଇଛନ୍ତି। ମ୍ୟାକଲେ କହିଛନ୍ତି ଯେ, ଚୁକ୍ତିନାମା ଏବଂ ଏଥିରୁ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆର୍ଥିକ ଲାଭ ପାଇଁ ସଂସଦର ଦୃଢ଼ ସମର୍ଥନ ମିଳିଛି। ଏହା ସହିତ ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଏହା ଉପରେ ଖୁସି ପ୍ରକାଶ କରିଛନ୍ତି। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରି କହିଛନ୍ତି, ଲୋକେ ମୋତେ କହିଥିଲେ ଯେ ଭାରତ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସମ୍ଭବ ନୁହେଁ। କିନ୍ତୁ ଆଜି, ସେହି ଚୁକ୍ତିକୁ ସଂସଦରେ ବହୁମତ ମିଳିଛି। ଏହା ଏବେ ସତରେ ପରିଣତ ହେବାକୁ ଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ନ୍ୟୁଜିଲ୍ୟାଣ୍ଡବାସୀଙ୍କ ପାଇଁ ଅଧିକ ନିଯୁକ୍ତି ଏବଂ ଉତ୍ତମ ଆୟ ସୃଷ୍ଟି କରିବ। ଏହାର ଅର୍ଥ ହେଉଛି ୧୪୦ କୋଟି ଭାରତୀୟ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଦ୍ୱାରା ଭାରତରେ ଅଧିକ ନ୍ୟୁଜିଲ୍ୟାଣ୍ଡ ଉତ୍ପାଦ ବିକ୍ରି ହୋଇପାରିବ।

# ମିସାଇଲ ମାଡ଼ରେ ଥରିଲା ସାଉଦି: ମକ୍କାରେ ହାଇଆଲର୍ଟ, ଭାରତର ନିନ୍ଦା

ନୂଆଦିଲ୍ଲୀ, ୧୬।୯: ୟେମେନ ଯୁଦ୍ଧର ନିଆଁ ଏବେ ଆରବ ଭୂଖଣ୍ଡକୁ ଘେରିବାରେ ଲାଗିଛି। ଇରାନ ସମର୍ଥିତ ହୁତି ବିଦ୍ରୋହୀମାନଙ୍କ ତାଣ୍ଡବରେ ସାଉଦି ଆରବର ପ୍ରମୁଖ ସହର ଗୁଡ଼ିକରେ ଏବେ ରୀତିମତ ତାଣ୍ଡବ। ଆକାଶମାର୍ଗରୁ ବର୍ଷୁଥିବା ଡ୍ରୋନ ଓ ବାଲିଷ୍ଟିକ ମିସାଇଲ ଆକ୍ରମଣ ଯୋଗୁଁ ଇତିହାସରେ ପ୍ରଥମଥର ପାଇଁ ପବିତ୍ର ସହର ମକ୍କା ସମେତ ଜେଦାହ ଓ ତୈଫରେ ଜାରି ହୋଇଛି ଜରୁରୀକାଳୀନ ରେଡ୍ ଆଲର୍ଟ । ବଡ଼ ବଡ଼ ଅଟ୍ଟାଳିକାରୁ ଦୂରେଇ ରହିବାକୁ ନାଗରିକଙ୍କୁ ସିଭିଲ୍ ଡିଫେନ୍ସ ପକ୍ଷରୁ ସତର୍କ କରାଯାଇଛି । ଖାମିସ ମୁସୈଟ ସ୍ଥିତ ଏହି ପ୍ରମୁଖ ସାମରିକ ଘାଟି ଉପରେ ଏକାସଙ୍ଗେ ୧୨ରୁ ଅଧିକ ମିସାଇଲ ଓ ବିସ୍ଫୋରକ ଡ୍ରୋନ ମାଡ଼ ହୋଇଛି, ଯାହା ଫଳରେ ବିମାନବନ୍ଦର ପରିସରରେ ଭୟଙ୍କର ଅଗ୍ନିକାଣ୍ଡ ଓ ବିସ୍ଫୋରଣ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି । ହୁତି ଡ୍ରୋନ ଆକ୍ରମଣରେ ସାଉଦିର ଏକ ମୁଖ୍ୟ ତୈଳ ପାଇପଲାଇନ କ୍ଷତିଗ୍ରସ୍ତ ହେବା ପରେ ଦେଶର ତୈଳ ଯୋଗାଣ ପ୍ରକ୍ରିୟା ସାମୟିକ ଭାବେ ବନ୍ଦ ହୋଇପଡ଼ିଛି । ଖାମିସ ମୁସୈଟ, ଆଭା ଓ ତୈଫର ଜନବସତି ଉପରେ ହୋଇଥିବା ପ୍ରହାରରେ ୧୩ ଜଣ ସାଧାରଣ ନାଗରିକ ଗୁରୁତର ଆହତ ହୋଇଥିବା ବେଳେ ବହୁ ଅଟ୍ଟାଳିକା ଓ ଗାଡ଼ି ଭାଙ୍ଗିରୁଜି ଯାଇଛି। ଏହାର ପୂର୍ବଦିନ ୫୦ରୁ ଅଧିକ ମିସାଇଲ ମାଡ଼ରେ ୭୩ ଜଣ ରକ୍ତାକ୍ତ ହୋଇଥିଲେ। ହୁତିର ଏହି ଅତର୍କିତ ଏୟାର ଷ୍ଟ୍ରାଇକକୁ ପ୍ରତିହତ କରିବାରେ ସାଉଦି ଏୟାର ଡିଫେନ୍ସ ବାରମ୍ବାର ବିଫଳ ସାବ୍ୟସ୍ତ ହେଉଛି।

## ଝିରମ୍ ଘାଟି ନକ୍ସଲ ଆକ୍ରମଣ ଘଟଣା

# ୧୦ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ, ୧୬/୯: ଛତିଶଗଡ଼ରେ ୨୦୧୩ରେ ନକ୍ସଲଙ୍କ ଦ୍ୱାରା ଏକ ଏଭଳି ଆକ୍ରମଣ କରାଯାଇଥିଲା ଯାହାକୁ ଆଜି ପର୍ଯ୍ୟନ୍ତ ମନେ ପକାଯାଉଛି। ଏଥିରେ କେତେକ ବଡ଼ କଂଗ୍ରେସ ନେତା ଏବଂ ସୁରକ୍ଷାକର୍ମୀଙ୍କୁ ନିଜ ଜୀବନ ଦେବାକୁ ପଡ଼ିଥିଲା । ୫ ସେପ୍ଟେମ୍ବରରେ ଏନଆଇଏର ସ୍ୱତନ୍ତ୍ର କୋର୍ଟ ୧୦ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଏବେ ସେମାନଙ୍କ ଦଣ୍ଡାଦେଶ ଘୋଷଣା କରିଛନ୍ତି। କୋର୍ଟ ସମସ୍ତଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏନଆଇଏ କୋର୍ଟର ବିଚାରପତି ଅଜୟ ସିଂହ ରାଜପୁତ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଏହି ରାୟ ଶୁଣାଇଛନ୍ତି। କୁହାଯାଉଛି ଯେ, ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ୨୪ଧାରା ଲଗାଯାଇଥିଲା । ଯେଉଁଥିରେ ୭ ଧାରାରେ ମୃତ୍ୟୁଦଣ୍ଡର ସଜା ଦିଆଯାଇଛି । ଏବେ, ୧୩ବର୍ଷ ପରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଯାହା ନ୍ୟାୟର ଅନ୍ତ ଘଟାଇଛି। ଛତିଶଗଡ଼ରେ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ପୂରା ରାଜ୍ୟରେ ପରିବର୍ତ୍ତନ ଯାତ୍ରା ବାହାର କରୁଥିଲା। ଯେତେବେଳେ କଂଗ୍ରେସର ଶୋଭାଯାତ୍ରା ଝିରମ ଘାଟି ପହଞ୍ଚିଥିଲା ସେତେବେଳେ ନକ୍ସଲମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ । ଚାରିପାଖରୁ ଗୁଳି ବର୍ଷାରେ ୨୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଯେଉଁଥିରେ ମୋଟ ୧୫ଜଣ ଆହତ ହୋଇଥିଲେ। ଏହି ଆକ୍ରମଣ ରାଜ୍ୟ ନେତାମାନଙ୍କର ଏକ ସମ୍ପୂର୍ଣ୍ଣ ଧାଡ଼ିକୁ ନିଶ୍ଚିହ୍ନ କରିଦେଇଥିଲା । ଏହି ଆକ୍ରମଣରେ ଛତିଶଗଡ଼ର ତତ୍କାଳୀନ କଂଗ୍ରେସ ରାଜ୍ୟ ସଭାପତି ନନ୍ଦକୁମାର ପଟେଲ ଏବଂ ତାଙ୍କ ପୁଅ ଦିନେଶ ପଟେଲଙ୍କ ମୃତ୍ୟୁ ହୋଇଥିଲା । ବିଦ୍ୟାଚରଣ ଶୁକ୍ଳା ଏବଂ ଉଦୟ ମୁଦଲିୟାରଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା । ସେହିଭଳି ସଲୱା ଜୁଡୁମ୍ ଆନ୍ଦୋଳନର ଜଣେ ପ୍ରମୁଖ ବ୍ୟକ୍ତି ମହେନ୍ଦ୍ର କର୍ମାଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ଏହି ନକ୍ସଲ ଆକ୍ରମଣକୁ ଛତିଶଗଡ଼ରେ ଏକ ବଡ଼ ଆକ୍ରମଣ ଭାବେ ବିବେଚନା କରାଯାଇଥିଲା।

# ନାଗରିକଙ୍କୁ ସାଉଦି ଆରବ ଯାତ୍ରା ପୁନଃବିଚାର କରିବାକୁ ପରାମର୍ଶ ଦେଲା ଆମେରିକା



ନୂଆଦିଲ୍ଲୀ, ୧୬।୯: ଇରାନୀ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ, ସଶସ୍ତ୍ର ସଂଘର୍ଷ, ଆତଙ୍କବାଦ, ପ୍ରସ୍ଥାନ ନିଷେଧ ଓ ସାମାଜିକ ଗଣମାଧ୍ୟମ କାର୍ଯ୍ୟକଳାପ ସମ୍ବନ୍ଧୀୟ ସ୍ଥାନୀୟ ଆଇନର ବିପଦ ଦର୍ଶାଇ ଆମେରିକା ଏହାର ନାଗରିକମାନଙ୍କୁ ସାଉଦି ଆରବ ଯାତ୍ରା ସମ୍ପର୍କରେ ପୁନଃବିଚାର କରିବାକୁ ପରାମର୍ଶ ଦେଇଛି। ଆମେରିକା ବିଦେଶ ମନ୍ତ୍ରଣାଳୟ ସାଉଦି ଆରବ ଗସ୍ତ ନେଇ ପୁନଃବିଚାର କରିବାକୁ ପରାମର୍ଶ ଜାରି କରିଥିଲା। ଆମେରିକା ନାଗରିକଙ୍କୁ ୟେମେନରେ କେତେକ ଅଞ୍ଚଳକୁ ମଧ୍ୟ ଯାତ୍ରା ନ କରିବାକୁ ପରାମର୍ଶ ଜାରି କରିଛି। ସାଉଦି ଆରବଠାରୁ ୟେମେନରେ ଅଧିକ ବିପଦ ଥିବା ଦର୍ଶାଇଛି। ଆମେରିକା ପକ୍ଷରୁ କୁହାଯାଇଛି ଯେ, ୨୮ ଫେବ୍ରୁଆରି, ୨୦୨୬ରେ ଆମେରିକା ଓ ଇରାନ ମଧ୍ୟରେ ଶତ୍ରୁତା ଆରମ୍ଭ ହେବା ପରେ ଇରାନୀ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣ ବିପଦ ଯୋଗୁଁ ସୁରକ୍ଷା ପରିସ୍ଥିତି ପ୍ରଭାବିତ ହୋଇଛି। ବିଦେଶ ମନ୍ତ୍ରଣାଳୟ ଏହା ମଧ୍ୟ ଚେତାବନୀ ଦେଇଛି ଯେ, ୟେମେନରେ ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ପୁଣି ଥରେ ସାଉଦି ଆରବ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଏପରିସ୍ଥିତିରେ ଆକାଶରୁ ଡ୍ରୋନ୍ ଓ କ୍ଷେପଣାସ୍ତ୍ରରୁ ଭଗ୍ନାବଶେଷ ପଡ଼ିବା ଆଶଙ୍କା ରହିଛି।

### ମହଙ୍ଗା ପଡ଼ିଲା ମୋବାଇଲରେ ଉଚ୍ଚସ୍ୱରରେ କଥା ହେବା

# ବଡ଼ଭାଇର ବୋମାମାଡ଼ରେ ସାନ ଭାଇର ଜୀବନ ଗଲା

ଭୁବନେଶ୍ୱର(ନିପ୍ର): ମୋବାଇଲରେ ଉଚ୍ଚସ୍ୱରରେ କଥା ହେବା ସାନ ଭାଇ ଲାଗି ମହଙ୍ଗା ପଡ଼ିଲା। ନିଶାସକ୍ତ ଥିବା ବଡ଼ଭାଇର ବୋମାମାଡ଼ରେ ସାନଭାଇର ମୁଣ୍ଡ ଗଣ୍ଡିରୁ ସଂପୂର୍ଣ୍ଣ ଭାବେ ଅଲଗା ହୋଇଗଲା, ଆଉ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ଏପରି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି ଭୁବନେଶ୍ୱର ଅର୍ବାନ ପୋଲିସର ଚନ୍ଦକା ଥାନା ଅନ୍ତର୍ଗତ ମହୁଲ ଗାଁରେ। ଏନେଇ ଜଗନ୍ ପାଢ଼ୀ (ବଡ଼ ଭାଇ) ଙ୍କ ଲିଖିତ ଏତଲା ଆଧାରରେ ଚନ୍ଦକା ଥାନା ଅନ୍ତର୍ଗତ ମହୁଲ ଗାଁରେ ମୋବାଇଲ୍ ରେ ଉଚ୍ଚସ୍ୱରରେ କଥା ହେବାକୁ କେନ୍ଦ୍ର କରି ଦୁଇ ଭାଇଙ୍କ ମଧ୍ୟରେ ହାତତିଆରି ବୋମା ମାଡ଼ ହୋଇ ଜଣଙ୍କର ମୃତ୍ୟୁ ହେବା ଏବଂ ଅନ୍ୟ ଜଣେ ଗୁରୁତର ଆହତ ହେବା ଘଟଣାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ମହୁଲ ଗାଁରେ ରହୁଥିବା ଦୁଇ ଭାଇ ମୋହନ ପାଢ଼ୀ ଏବଂ ମଦନ ପାଢ଼ୀ ନିଶାସକ୍ତ ଅବସ୍ଥାରେ ଥିଲେ। ଘର ଭିତରେ ସାନ ଭାଇ ମଦନ ଉଚ୍ଚସ୍ୱରରେ ମୋବାଇଲରେ କଥା ହେଉଥିବାରୁ ବଡ଼ ଭାଇ ମୋହନ ଏହାକୁ ବିରୋଧ କରିଥିଲେ। ଏହି ଛୋଟ କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ରାଗିଯାଇ ପ୍ରଥମେ ମୋହନ ଘର ଭିତରୁ ଏକ ହାତତିଆରି ବୋମା ଆଣି ମଦନ ଉପରକୁ ଫିଙ୍ଗିଥିଲେ। ବିସ୍ଫୋରଣରେ ମଦନଙ୍କ ଡାହାଣ ହାତ ପାପୁଲି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇ ପ୍ରାୟ ଛିଣ୍ଡି ଯାଇଥିଲା। ଏହାର ପ୍ରତିଶୋଧ ନେଇ ମଦନ ମଧ୍ୟ ମୋହନଙ୍କ ଉପରକୁ ୨ ଟି ବୋମା ଫିଙ୍ଗିଥିଲା, ଯାହା ମୋହନଙ୍କ ମୁଣ୍ଡରେ ବାଜିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ମଦନଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ଏବଂ ପରେ ଉନ୍ନତ ଚିକିତ୍ସା ପାଇଁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ହାତୀ ଓ ବାର୍ହା ପରି ବନ୍ୟଜନ୍ତୁଙ୍କୁ ଘଉଡ଼ାଇବା ପାଇଁ ସେମାନେ ଘରେ ବୋମା ଗଚ୍ଛିତ ରଖିଥିଲେ। ତେବେ ପୋଲିସ ଘରେ ସର୍ଚ୍ଚ କରିବା ପରେ କୌଣସି ବୋମା ତିଆରି ସାମଗ୍ରୀ ଘରୁ ମିଳିନଥିଲା। ଏତେ ଶକ୍ତିଶାଳୀ ବୋମା କେଉଁଠୁ ଆସିବା ନେଇ ସେ ଦିଗରେ ମଧ୍ୟ ତଦନ୍ତ କରାଯାଉଛି। ଏହାବ୍ୟତୀତ ଉକ୍ତ ପରିବାର ଦେଶୀ ମଦ କାରବାରରେ ସଂପୃକ୍ତ ଥିବା ନେଇ ଗାଁରେ ହେଉଥିବା ଚର୍ଚ୍ଚାକୁ ମଧ୍ୟ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି। ବରିଷ୍ଠ ପୋଲିସ ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶବଦାହ ସମୟରେ ବା ପରବର୍ତ୍ତୀ ସମୟରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଯେପରି ନଉପୁଜେ, ସେଥିପାଇଁ ପୋଲିସ ପକ୍ଷରୁ ନଜର ରଖାଯାଇଛି।

## ମୋବାଇଲ ଚୋର ଗିରଫ

ଭୁବନେଶ୍ୱର(ନିପ୍ର): ନୟାପଲ୍ଲୀ ଥାନା ପୋଲିସ ବୁଧବାର ଜଣେ ପେସାଦାର ମୋବାଇଲ ଚୋରକୁ ଗିରଫ କରିଛି। ଗିରଫ ମୋବାଇଲ ଚୋର ନାମ ବସନ୍ତ ମଲ୍ଲିକ (୨୮) ଓ ତାଙ୍କ ଘର ଜିଜିପି କଲୋନୀରେ ବୋଲି ଜଣାପଡ଼ିଛି। ତଦନ୍ତରୁ ଜଣାପଡ଼ିଛି ଯେ, ବୁଧବାର ଭୋର ପ୍ରାୟ ୫ଟା୧୫ରେ ନୟାପଲ୍ଲୀ ଥାନା ପୋଲିସ ଏଏସଆଇ ସୁଲେମାନ ଖାନ୍ ଓ ତାଙ୍କ ଟିମ୍ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଖବର ପାଇଥିଲେ ଯେ ନୀଳକଣ୍ଠ ନଗରସ୍ଥିତ ସିଆରପି ମୁଣ୍ଡାସାହିରେ ସ୍ଥାନୀୟ ଲୋକେ ଜଣେ ମୋବାଇଲ୍ ଚୋରକୁ ଧରି ନିସ୍ତୁକ ମାଡ଼ ମାରୁଛନ୍ତି। ଖବର ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟକ୍ତି ଅଭିଯୁକ୍ତ ବସନ୍ତ ମଲ୍ଲିକକୁ ଲୋକଙ୍କ କବଳରୁ ଉଦ୍ଧାର କରିଥିଲେ। ପୋଲିସ ତା'ର ତଲାସୀ କରିବାରୁ ପକେଟରୁ ୨ଟି ଦାମୀ ମୋବାଇଲ୍ ବାହାରିଥିଲା। ପଚରାଉଚରା ବେଳେ ସେ ସ୍ୱୀକାର କରିଥିଲା ଯେ, ସେ ମଙ୍ଗଳବାର ସନ୍ଧ୍ୟାରେ ଜୟଦେବ ବିହାର ବସ୍ ଷ୍ଟପରୁ ଗୋଟିଏ ମୋବାଇଲ୍ ଏବଂ ଆଜି ସକାଳେ ସିଆରପି ବସ୍ ଷ୍ଟପରୁ ଆଉ ଗୋଟିଏ ମୋବାଇଲ୍ ଚୋରି କରିଥିଲା। ସେ ଜଣେ ଅଭ୍ୟାସଗତ ଚୋର ଏବଂ ରାଜଧାନୀର ବିଭିନ୍ନ ଭିଡ଼ ସ୍ଥାନରୁ ମୋବାଇଲ୍ ଚୋରି କରି କମ୍ ଦାମରେ ବିକ୍ରି କରିଆସୁଥିଲା। ନୟାପଲ୍ଲୀ ପୋଲିସ ଉକ୍ତ ୨ଟି ଚୋରା ମୋବାଇଲକୁ ଜବତ କରିଛି। ଲୋକଙ୍କ ଆକ୍ରମଣରେ ଆହତ ହୋଇଥିବା ଅଭିଯୁକ୍ତ ବସନ୍ତକୁ ପୋଲିସ ୟୁନିଟ୍-୪ ସିଏଚସି ରେ ଚିକିତ୍ସା କରାଇଥିଲା।

### ଅବକାରୀ ବିଭାଗର ବଡ଼ ଧରଣର ଚଢ଼ାଉ

## ୧୪.୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ଜଣେ ଗିରଫ



ଧାମନଗର (ନିପ୍ର): ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇ ବିପୁଳ ପରିମାଣର ଧଳା ଜହର (ବ୍ରାଉନସୁଗାର) ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଅବକାରୀ ବିଭାଗ ମୁଖ୍ୟ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଭ୍ରାମ୍ୟମାଣ ଅବକାରୀ ଟିମ୍ ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ଉଚ୍ଚପଦା-କାକୁଡ଼ିଗଡ଼ିଆ ରାସ୍ତା ନିକଟସ୍ଥ ତଳ ବିଲରେ ଥିବା ଏକ କୁକୁଡ଼ା ଫାର୍ମ ପାଖରେ ହଠାତ୍ ଚଢ଼ାଉ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ସର୍ଚ୍ଚ ଅପରେସନ୍ ବେଳେ ୧୪.୫ ଗ୍ରାମ ଧଳା ଜହର ଜବତ ହୋଇଥିଲା, ଯାହାର ଆନୁମାନିକ ବଜାର ମୂଲ୍ୟ ୧୪ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ସହିତ ଘଟଣାସ୍ଥଳରୁ ଗୋଟିଏ ସ୍କୁଟି ମଧ ଜବତ କରାଯାଇଛି। ଏହି କାରବାରରେ ସଂପୃକ୍ତ ଥିବା ଗୋବିନ୍ଦପୁର ଅଞ୍ଚଳର ତନ୍ମୟ ବାଇଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେ ଦୀର୍ଘଦିନ ଧରି ଏହି ଧଳା ଜହର ବ୍ୟବସାୟରେ ଲିପ୍ତ ଥିବା ଜଣାପଡ଼ିଛି। ଏହି ବିଶେଷ ଅପରେସନ୍‌ରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ମୁଖ୍ୟ ରାଜ କିଶୋର ଜେନା, ନଟବର ମଲ୍ଲିକ, ମିଥୁନ ଜେନା, ବିଭୁ ପ୍ରସାଦ ମଲ୍ଲିକ, ଶୁଭ୍ରା ମିନି ଦାସଙ୍କ ସମେତ ଧାମନଗର ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଅଭିଯୁକ୍ତଙ୍କ ବିରୋଧରେ କେସ ନମ୍ବର ୨୭୯/୨୬ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଡିଜେ ବଜାଇବାକୁ ବାରଣ କରିବାରୁ ପୋଲିସକୁ ଆକ୍ରମଣ: ୬ ଗିରଫ




ନିଆଳି/କଟକ(ନିପ୍ର): ଗଣେଶ ମୂର୍ତ୍ତି ଭସାଣି ଉତ୍ସବରେ ଡିଜେ ବଜାଇବାକୁ ବାରଣ କରିବାରୁ ନିଆଳି ପୋଲିସ ଉପରେ ସଂଘବଦ୍ଧ ଆକ୍ରମଣ ଯୋଗୁଁ କେତେକ ପୋଲିସ କର୍ମଚାରୀ ଆହତ ହୋଇପଡିଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ, ନିଆଳି ଥାନା ଅଧିନ ଗୁଣ୍ଡର ଗ୍ରାମରେ ବାବା ବିନାୟକ ଗଣେଶପୂଜା କମିଟି ପକ୍ଷରୁ ମଙ୍ଗଳବାର ସଂଧ୍ୟାରେ ଗଣେଶ ମୂର୍ତ୍ତି ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଚଣ୍ଡ ଶବ୍ଦଯୁକ୍ତ ଡିଜେ ବାଜୁଥିବା ଦେଖି ନିଆଳି ପୋଲିସ ଡିଜେ ବଜାକୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଭସାଣି ଉତ୍ସବରେ ସାମିଲ୍ ଥିବା କେତେକ ମଦ୍ୟପ ଯୁବକ ଉପସ୍ଥିତ ପୋଲିସ ଉପରେ ଆକ୍ରମଣ କରିଥିଲେ। ଯାହା ଫଳରେ ଜଣେ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଥିବା ପ୍ରକାଶ। ପୋଲିସ ଏ ସଂପର୍କରେ ଏକ ମାମଲା ରୁଜୁକରି ଡିଜେ ଗାଡିକୁ ଜବତ କରିବା ସହ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡିଛି। ଡିଜେ ବଜାଇବାକୁ କଟକ ଜିଲ୍ଲା ପୋଲିସ ପକ୍ଷରୁ ସଂପୂର୍ଣ୍ଣ ବାରଣ କରାଯାଇଥିବା ବେଳେ କିଛି ଅମାନିଆ ଏଭଳି ଉତ୍କଟ ଶବ୍ଦ ସୃଷ୍ଟିକାରୀ ଡିଜେ ବଜାଇବା ଦୁର୍ଭାଗ୍ୟଜନକ ବୋଲି ପୋଲିସ କହିଛି। ଖୁବ୍ ଶୀଘ୍ର ଅନ୍ୟ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ନିଆଳି ପୋଲିସ ପକ୍ଷରୁ ଚଢାଉ ଜାରି ରହିଥିବା ଜଣାଯାଇଛି।

## ଏମ୍ସରେ ରୋଗୀଙ୍କ ଟିକେଟ କରାଇବା ନାଁରେ ଠକେଇ

ଭୁବନେଶ୍ୱର(ନିପ୍ର): ଏମ୍ସରେ ରୋଗୀଙ୍କର ଟିକେଟ କରାଇ ଦେବା ନାଁରେ ଠକେଇ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ବୁଧବାର ନିର୍ଲୋଭ୍ ରାୟ (୨୭)ଙ୍କୁ ଗିରଫ କରିଛି। ତାଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡ଼ିଛି। ଏନେଇ ଏମ୍ସ ହସ୍ପିଟାଲର ସିକ୍ୟୁରିଟି ଇନଚାର୍ଜ ରବୀନ୍ଦ୍ର କୁମାର ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ବୁଧବାର ସକାଳ ପ୍ରାୟ ୮ଟାରେ ଅଭିଯୁକ୍ତ ନିର୍ଲୋଭ୍ ରୟ ଏମ୍ସ ହସ୍ପିଟାଲର ରେଜିଷ୍ଟ୍ରେସନ୍ କାଉଣ୍ଟର ନିକଟରେ ଧାଡ଼ି ଭାଙ୍ଗି ଜୋରଜବରଦସ୍ତ ଆଗରେ ପଶିବାକୁ ଚେଷ୍ଟା କରୁଥିଲା। ସେଠାରେ ଠିଆ ହୋଇଥିବା ଲୋକେ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ସେମାନଙ୍କୁ ହସ୍ପିଟାଲ୍ ବାହାରେ ଜୀବନରୁ ମାରିଦେବାର ଧମକ ଦେଇଥିଲା। ଡିଉଟିରେ ଥିବା ସିକ୍ୟୁରିଟି ଗାର୍ଡମାନେ ବାରଣ କରିବାରୁ ଅଭିଯୁକ୍ତ ସେମାନଙ୍କୁ ଠେଲାପେଲା କରି ଖସି ପଳାଇବାକୁ ଉଦ୍ୟମ କରିଥିଲା। ମାତ୍ର ସିକ୍ୟୁରିଟି ଷ୍ଟାଫ୍ ମିଳିତ ଭାବେ ତାକୁ କାବୁ କରି ପୋଲିସର ଜିମା ଦେଇଥିଲେ। ଖଣ୍ଡଗିରି ପୋଲିସର ପ୍ରାଥମିକ ତଦନ୍ତରୁ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ, ଅଭିଯୁକ୍ତ ଏକ ଠକ ଗ୍ୟାଙ୍ଗର ସଦସ୍ୟ ତଥା ଦଲାଲ। ସେ ଦୂରଦୂରାନ୍ତରୁ ଏମ୍ସକୁ ଆସୁଥିବା ନିରୀହ ରୋଗୀ ଏବଂ ସେମାନଙ୍କ ସଂପର୍କୀୟଙ୍କୁ ସୁବିଧାରେ ଟିକେଟ୍ କରାଇଦେବା, ଭଲ ଡାକ୍ତର ଦେଖାଇବା ଏବଂ କମ୍ ଖର୍ଚ୍ଚରେ ଟେଷ୍ଟ କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ମୋଟା ଅଙ୍କର ଟଙ୍କା ଠକୁଥିଲା। ପୋଲିସ ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରା କରିବା ବେଳେ ସେ ନିଜର ଦୋଷ ସ୍ୱୀକାର କରିଛି। ତା' ପକେଟରୁ ୩ ଜଣ ରୋଗୀଙ୍କ ଆଧାର କାର୍ଡ ଜେରକ୍ସ ଜବତ କରାଯାଇଛି। ଅଧିକ ଯାଞ୍ଚ ରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜଣେ ପେସାଦାର ଦଲାଲ ଏବଂ ତା' ନାମରେ ଖଣ୍ଡଗିରି ଥାନାରେ ପୂର୍ବରୁ ଏକାଧିକ ଠକେଇ ଓ ଚୋରି ମାମଲା ରହିଛି। ସଂଗୃହୀତ ବଳିଷ୍ଠ ପ୍ରମାଣ ଏବଂ ସାକ୍ଷୀମାନଙ୍କ ବୟାନ ଆଧାରରେ ଅଭିଯୁକ୍ତକୁ ଆଜ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଜଙ୍କିଆ ପଲ୍ଲୀ ଉତ୍ସବ ତୃତୀୟ ସନ୍ଧ୍ୟା କଟକ 'ଶ୍ରୀ କଳା ମନ୍ଦିର'ର ମନମୁଗ୍ଧକର ନୃତ୍ୟ ଦର୍ଶକଙ୍କ ମନ ମୋହିଲା

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଓଁ ଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆଠାରେ ୧୫ତମ ପଲ୍ଲୀ ଉତ୍ସବ ୨୦୨୬ର ତୃତୀୟ ସନ୍ଧ୍ୟା ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ସଭାପତି ସୁନିଲ କୁମାର ନରେନ୍ଦ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଯୁବ ନେତା ମନ୍ମଥ ରାଉତରାୟ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶୁଭମ ଦାଶ ଏବଂ ସମାଜସେବୀ ଅବନୀକାନ୍ତ ଜେନା ଯୋଗଦାନ କରିଥିଲେ। ମଞ୍ଚ ପରିଚାଳନା କମଲେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଟକର ପ୍ରସିଦ୍ଧ ନୃତ୍ୟ ଅନୁଷ୍ଠାନ 'ଶ୍ରୀ କଳା ମନ୍ଦିର' ର କଳାକାରମାନଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ନୃତ୍ୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ସେମାନଙ୍କର ଉଚ୍ଚକୋଟୀର କଳା ନୈପୁଣ୍ୟ ଓ ମନମୁଗ୍ଧକର ପରିବେଷଣ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିବା ସହ ସମ୍ପୂର୍ଣ୍ଣ ପ୍ରାଙ୍ଗଣକୁ ମୁଖରିତ କରିରଖିଥିଲା। ଏହା ସହିତ କଟକର 'ମାତୃଶକ୍ତି ଡ୍ୟାନ୍ସ ଏକାଡେମୀ' ଏବଂ ଭୁବନେଶ୍ୱରର ଟୁଇକିଲ ଡ୍ୟାନ୍ସ ଏକାଡେମୀ' ର କଳାକାରମାନେ ମଧ୍ୟ ନିଜ ନିଜର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ।ଉତ୍ସବ ପଡ଼ିଆରେ ଘରକରଣା ସାମଗ୍ରୀ ଓ ଖାଦ୍ୟ ଷ୍ଟଲଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପିଣ୍ଟୁ ପାଟଳସିଂହ, ଇନ୍ଦ୍ରଜିତ୍ ମାଟି, ସୁରେନ୍ଦ୍ର ନାଥ ଜେନା, ଅରୁଣ ଶ୍ରୀଚନ୍ଦନ, କେଦାର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ, ବଣ୍ଟି ଜେନା ଓ ରାକେଶ ଜେନା ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ମନ୍ତ୍ରୀ ରବିନାରାୟଣ ନାଏକଙ୍କ ମା'ଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



କୁଚିଣ୍ଡା(ନିପ୍ର): ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସ୍ୱର୍ଗତା ମା'ଶୁଭ ନାଏକଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ ତଥା ଶ୍ରଦ୍ଧାଞ୍ଜଳୀ ସଭା ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ନିଜ ପୈତୃକ ଗ୍ରାମ ଖଣ୍ଡୋକଟାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେଇ ସ୍ୱର୍ଗତା ନାଏକଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।ଏଥିସହ ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ,ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ,ଭଦ୍ରକ ସାଂସଦ ଅଭିମନ୍ୟୁ ସେଠି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ,ଅରିନ୍ଦମ ରାୟଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ବିଧାୟକ, ପୂର୍ବତନ ବିଧାୟକ ଯୋଗଦେଇଥିଲେ। ଏହାଛଡା ଭାଜପାର ପଦାଧିକାରୀ,କାର୍ଯ୍ୟକର୍ତ୍ତା ଏବଂ ବହୁ ସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ମାଝି ହେଲିକପ୍ଟରରେ ଆସି କୁଚିଣ୍ଡା ସ୍ଥିତ କଲେଜ ପଡିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରି ସଡ଼କ ପଥରେ ଖଣ୍ଡୋକଟାରେ ପହଞ୍ଚିଥିଲେ। ରାଜ୍ୟରେ ଭାଜପା ସରକାରକୁ ଆସିବା ପରଠାରୁ ମୁଖ୍ୟମନ୍ତ୍ରୀଙ୍କ ଏହା ହେଉଛି ପ୍ରଥମ କୁଚିଣ୍ଡା ଗସ୍ତ। ଏଥି ନିମନ୍ତେ ପ୍ରଶାସନ ଓ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## କଂଗ୍ରେସ କର୍ମୀ ସମ୍ମିଳନୀ ଓ ପୌର ନିର୍ବାଚନ ପ୍ରସ୍ତୁତି

ଜଟଣୀ(ନି.ପ୍ର) : ଜଟଣୀ କଂଗ୍ରେସ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସଜବାଜ ହେଉଛି। ଜଟଣୀ କଂଗ୍ରେସ ପକ୍ଷରୁ ଜଟଣୀ ବ୍ଲକର ଗଙ୍ଗପଡ଼ା ଠାରେ ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଏବଂ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଜଟିଆଣୀ ମନ୍ଦିର ପରିସରରେ ଜଟଣୀ ପୌରାଞ୍ଚଳ ସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଥିଲା। ନଗର କଂଗ୍ରେସ ସଭାପତି ଶିବ ପ୍ରସାଦ ଦାସ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ,ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଯୋଗ ଦେଇ ଜଟଣୀ ପୌରପାଳିକାରେ ବିଭିନ୍ନ ୱାର୍ଡ଼ରେ ତୃଣ ମୂଳ ସ୍ତରରେ କଂଗ୍ରେସ ସଙ୍ଗଠନକୁ ମଜବୁତ କରିବା ଏବଂ ବୁଥ୍ କମିଟି ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ସ୍ୱାମୀଙ୍କୁ ଅପହରଣ ସହ ମା'-ଝିଅଙ୍କୁ ମାରିଦେବାକୁ ଧମକ: ଥାନାର ଦ୍ୱାରସ୍ଥ ହେଲେ ପୀଡ଼ିତା




ମହାକାଳପଡ଼ା(ନିପ୍ର) ଥାନା ଅନ୍ତର୍ଗତ ବରକନ୍ଧା ପଞ୍ଚାୟତ ତେନ୍ତୁଳିକନ୍ଧା ଗ୍ରାମରେ ଏକ ସଂଗୀନ ମାମଲା ସାମ୍ନାକୁ ଆସିଛି। ସ୍ୱାମୀଙ୍କୁ ପ୍ରଲୋଭନ ଦେଇ ନେଇଯିବା ସହ ମା'-ଝିଅଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ଗ୍ରାମର ଦୀପକ କୁମାର ପ୍ରଧାନଙ୍କ ସ୍ତ୍ରୀ ଅନୁପମା ରାଉତ। ସୂଚନା ଅନୁଯାୟୀ, ଦୁଇ ପରିବାରର ସହମତିରେ ତେନ୍ତୁଳିକନ୍ଧା ଗ୍ରାମର ଦୀପକ ଏବଂ ଅନୁପମା ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ଗୋଟିଏ ବର୍ଷ ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେବେ ପରିବାର ହସଖୁସିରେ ଚାଲିଥିବା ବେଳେ ସେହି ଗ୍ରାମର ସ୍ୱର୍ଗତ ଗଗନ ସେନାପତିଙ୍କ ବିଧବା ସ୍ତ୍ରୀ ଅମାନି, ଦୀପକଙ୍କୁ ଚକ୍ରାନ୍ତ କରି ଓଡ଼ିଶା ବାହାରକୁ ନେଇଯାଇଥିବା ଅନୁପମା ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ବରୁ ଅନୁପମା ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ପରେ ସେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବା ପରେ ପୋଲିସ ୧୮/୯/୨୦୨୩ ରିଖରେ ମାମଲା ରୁଜୁ (କେସ୍ ନଂ- ୦୨୬୫) କରି ତଦନ୍ତ ଚାଲିଛି କହି ଦୀର୍ଘ ଦିନ ଧରି ଚାପି ରଖିଥିବା ସେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ 'ଶିକ୍ଷା ଅଧିକାର ଆଇନ' ସ୍କିମରେ ଝିଅ କେନ୍ଦ୍ରାପଡ଼ାର ଏକ ବେସରକାରୀ ସ୍କୁଲରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏଥିପାଇଁ ଦୀପକ ଝିଅର ଆଡମିଶନ ବାବଦକୁ କିଛି ଟଙ୍କା ପଠାଇଥିଲେ। ଏହା ଜାଣିବା ପରେ ଅମାନି ସାମଲ, ଦୀପକଙ୍କୁ ନିର୍ଯାତନା ଦେବା ସହ ପରିବାର ସହ ସମ୍ପର୍କ ନ ରଖିବାକୁ ବାଧ କରୁଛନ୍ତି। ଏପରିକି ଫୋନ୍ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମା'-ଝିଅଙ୍କୁ ହତ୍ୟା କରିବାକୁ ଧମକ ଦେଉଥିବା ନେଇ ଅନୁପମା ଏତଲାରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ, ସମ୍ପୃକ୍ତ ମହିଳା ଜଣକ ମଧ ଦୀପକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣା ସମ୍ପର୍କରେ ମହାକାଳପଡ଼ା ଥାନା ଅଧିକାରିଣୀ ବନ୍ଦନା ପାତ୍ର କହିଛନ୍ତି ଯେ, ସମସ୍ତ ଅଭିଯୋଗର ଚିକିନିଖି ତଦନ୍ତ କରାଯାଉଛି ଏବଂ ଖୁବଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦହିବରା, ଆଳୁଦମ୍ ଓ ଗୁପଚୁପ୍ ଖାଇ ଶତାଧିକ ଅସୁସ୍ଥ

### ■ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ■ ଖାଦ୍ୟର ମାନ ଯାଞ୍ଚ ନେଇ ଉଠିଲା ପ୍ରଶ୍ନ



କାକଟପୁର(ନିପ୍ର): କାକଟପୁର ଅଞ୍ଚଳରେ ଦହିବରା, ଆଳୁଦମ୍ ଓ ଗୁପଚୁପ୍ ଖାଇ ଶତାଧିକ ଲୋକ ଅସୁସ୍ଥ ହୋଇଥିବା ଘଟଣାକୁ ନେଇ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି। ଅସୁସ୍ଥମାନଙ୍କ ମଧ୍ୟରେ ବହୁ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଲୋକ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୫୦ରୁ ଉର୍ଦ୍ଧ୍ୱଙ୍କୁ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଘଟଣା ପରେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ରାସ୍ତାକଡ଼ର ଠେଲାଦୋକାନ, ଜଳଖିଆ ଦୋକାନ, ହୋଟେଲ ଓ ରେଷ୍ଟୁରାଣ୍ଟରେ ବିକ୍ରି ହେଉଥିବା ଖାଦ୍ୟର ଗୁଣବତ୍ତା ଓ ନିରାପତ୍ତା ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଖାଦ୍ୟ ପ୍ରସ୍ତୁତିରେ ସ୍ୱଚ୍ଛତା, ବ୍ୟବହୃତ ତେଲ, ମସଲା, ରଙ୍ଗ, ଦୁଗ୍ଧଜାତ ପଦାର୍ଥ ଏବଂ ଦୀର୍ଘ ସମୟ ଧରି ରଖାଯାଇଥିବା ଖାଦ୍ୟର ମାନ ଯାଞ୍ଚ ନେଇ ଗ୍ରାହକମାନେ ଚିନ୍ତା ପ୍ରକାଶ କରିଛନ୍ତି। ଏହା ସହିତ ଛେନା, ପନିର, କ୍ଷୀର ଓ ବିଭିନ୍ନ ମିଠା ପ୍ରସ୍ତୁତିରେ ବ୍ୟବହୃତ କଞ୍ଚାମାଲର ଗୁଣବତ୍ତା ନେଇ ମଧ୍ୟ ଅଭିଯୋଗ ରହିଛି। ଚିନିର ବିକଳ୍ପ ଭାବେ ସାକାରିନ୍‌ର ବ୍ୟବହାର, ମିଠା ଓ କେକ୍‌ରେ ଅନୁମୋଦିତ ନଥିବା କୃତ୍ରିମ ରଙ୍ଗର ବ୍ୟବହାର ଏବଂ ପନିପରିବାକୁ ସତେଜ ଦେଖାଇବା ପାଇଁ ରାସାୟନିକ ପଦାର୍ଥ ବ୍ୟବହାର ଭଳି ଅଭିଯୋଗ ସାଧାରଣ ଲୋକଙ୍କ ମନରେ ଖାଦ୍ୟ ନିରାପତ୍ତା ନେଇ ଆଶଙ୍କା ସୃଷ୍ଟି କରିଛି। ଅନ୍ୟପକ୍ଷରେ, ଦୁଗ୍ଧଜାତ ଖାଦ୍ୟ ପ୍ରସ୍ତୁତିରେ କ୍ଷୀର ପାଉଡର ବ୍ୟବହାରକୁ ନେଇ ମଧ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। କେତେକ ବ୍ୟବସାୟୀ ବହୁ ପରିମାଣରେ କ୍ଷୀର ପାଉଡର ମହଜୁଦ ରଖି ଛେନା, ପନିର ଓ ଦୁଗ୍ଧଜାତ ପଦାର୍ଥ ପ୍ରସ୍ତୁତକାରୀଙ୍କୁ ଯୋଗାଇ ଦେଉଥିବା ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗର ସତ୍ୟତା, ବ୍ୟବହୃତ ପଦାର୍ଥର ମାନ ଓ ଖାଦ୍ୟ ନିରାପତ୍ତା ନିୟମ ପାଳନ ହେଉଛି କି ନାହିଁ, ତାହା ସରକାରୀ ଯାଞ୍ଚ ପରେ ସ୍ପଷ୍ଟ ହେବ। ଅଞ୍ଚଳରେ ଖାଦ୍ୟ ନିରାପତ୍ତା ଯାଞ୍ଚ ନିୟମିତ ଭାବେ ହେଉନଥିବା ନେଇ ମଧ କେତେକ ବ୍ୟବସାୟୀ ଓ ଖାଉଟି ଅଭିଯୋଗ କରିଛନ୍ତି। ନିୟମିତ ଯାଞ୍ଚ, ଖାଦ୍ୟ ନମୁନା ସଂଗ୍ରହ, ଲାବୋରେଟୋରୀ ପରୀକ୍ଷା ଏବଂ ନିୟମ ଉଲ୍ଲଂଘନ କରୁଥିବା ପ୍ରତିଷ୍ଠାନ ବିରୋଧରେ ଆଇନିଗତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ବିଶେଷକରି ଆଜିର ଅସୁସ୍ଥତା ଘଟଣାର ପ୍ରକୃତ କାରଣ କ'ଣ, କେଉଁ ଖାଦ୍ୟ ଖାଇବା ପରେ କେତେ ଜଣ ଅସୁସ୍ଥ ହୋଇଛନ୍ତି ଏବଂ ଖାଦ୍ୟରେ କୌଣସି ଅପମିଶ୍ରଣ ଥିଲା କି ନାହିଁ ଏସବୁ ନେଇ ବୈଜ୍ଞାନିକ ଯାଞ୍ଚର ଆବଶ୍ୟକତା ରହିଛି। ଅସୁସ୍ଥମାନଙ୍କ ଖାଦ୍ୟ ଇତିହାସ ଯାଞ୍ଚ ସହ ସନ୍ଦିଗ୍ଧ ଖାଦ୍ୟର ନମୁନା ସଂଗ୍ରହ କରି ପରୀକ୍ଷା କରାଗଲେ ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆସିପାରିବ। ଏଭଳି ସମ୍ବେଦନଶୀଳ ଘଟଣା ପରେ ପୁରୀ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ କରାଯାଇ ହୋଟେଲ, ଜଳଖିଆ ଦୋକାନ, ମିଠା ଦୋକାନ, ଠେଲା ଓ ରେଷ୍ଟୁରାଣ୍ଟରୁ ଖାଦ୍ୟ ନମୁନା ସଂଗ୍ରହ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ପ୍ରମାଣିତ ହେଲେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯିବା ନେଇ ମଧ ଦାବି ହୋଇଛି। ଜନସ୍ୱାସ୍ଥ୍ୟ ସହ ସିଧାସଳଖ ଜଡ଼ିତ ଏହି ପ୍ରସଙ୍ଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଘଟଣାର ସତ୍ୟତା ଉଦ୍‌ଘାଟନ କରିବା ସହ ଅଞ୍ଚଳରେ ଖାଦ୍ୟ ନିରାପତ୍ତା ଯାଞ୍ଚକୁ ଅଧିକ କଡ଼ାକଡ଼ି କରିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ସମରଜିତ ମଲ୍ଲିକଙ୍କୁ ପଚାରିବାରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଉଛି ଏବଂ ସମସ୍ତେ ସୁସ୍ଥ ଥିବା ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଆଇଆଇଟି ଭୁବନେଶ୍ୱର ଏବଂ ଆଇଆଇଟି ଧାନବାଦ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୬/୯: ଖୋର୍ଦ୍ଧା, ସେମିକଣ୍ଡକ୍ଟର ଏବଂ ମୌଳିକ ବିଜ୍ଞାନ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଗବେଷଣାଗତ ସହଯୋଗ ବୃଦ୍ଧି ଏବଂ ଶିକ୍ଷାଗତ ତଥା ପାଣ୍ଡିତ୍ୟପୂର୍ଣ୍ଣ ଆଦାନପ୍ରଦାନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା (ଆଇଆଇଟି) ଭୁବନେଶ୍ୱର ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା (ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ) ଧାନବାଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ୧୬ ସେପ୍ଟେମ୍ବର ୨୦୨୬ ରେ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ଏବଂ ଆଇଆଇଟି (ଆଇଏସଏମ) ଧାନବାଦର ନିର୍ଦ୍ଦେଶକ ପ୍ରଫେସର ସୁକୁମାର ମିଶ୍ର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ପ୍ରଫେସର ଶୁଭ୍ରାଂଶୁ ଆର ସାମନ୍ତରାୟ, ପ୍ରଫେସର ବିଜୟ ଶଙ୍କର ପଶୁପୁରେଡ୍ଡି, ପ୍ରଫେସର ଅନିମେଶ ମଣ୍ଡଳ, ପ୍ରଫେସର ଶ୍ୟାମଳ ଚାଟାର୍ଜୀ, ପ୍ରଫେସର ଉମାପ୍ରସନ୍ନ ଓଝା, ପ୍ରଫେସର ଚନ୍ଦ୍ରଶେଖର ଏନ୍ ଭେଣ୍ଟେ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ଖୋଲିବ ସୁଭଦ୍ରା ପୋର୍ଟାଲ

ଭୁବନେଶ୍ୱର, ୧୬।୯: ସେପ୍ଟେମ୍ବର ୧୭ରେ ସୁଭଦ୍ରା ଯୋଜନାକୁ ୨ ବର୍ଷ ପୂରିବ । ଏହାକୁ ଭବ୍ୟ ଏବଂ ଦିବ୍ୟ ଢଙ୍ଗରେ ପାଳନ କରାଯିବ । ଘରେ ଘରେ ଦୀପ ଜାଳିବା ପାଇଁ ଆହ୍ୱାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଜିଲ୍ଲା ସ୍ତରରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସେଣ୍ଟ୍ରାଲ ପ୍ରୋଜେକ୍ଟ ଅଙ୍ଗନୱାଡି ଅଫିସରେ ରଙ୍ଗୋଲି କାର୍ଯ୍ୟକ୍ରମ କରାଯିବ । ୩୩୮ ଜାଗାରେ ପ୍ରତିଯୋଗିତା ଏବଂ ସେଲିବ୍ରେସନ କରାଯିବ । ୨୦୨୪ ସେପ୍ଟେମ୍ବର ୧୭ ତାରିଖରେ ଆରମ୍ଭ ହୋଇଥିଲା ସୁଭଦ୍ରା ଯୋଜନା । ୨ ବର୍ଷରେ ୨୫ ହଜାର ୮ ଶହ କୋଟି ହିତାଧିକାରୀଙ୍କୁ ଦିଆଯାଇଛି ୧ କୋଟି ୩ ଲକ୍ଷ ମହିଳା ଏହାର ଲାଭ ପାଇଛନ୍ତି । ଆସନ୍ତା ବର୍ଷ ଏପ୍ରିଲ ୧ରୁ ମାସେ ପାଇଁ ପୁଣି ଖୋଲିବ ସୁଭଦ୍ରା ପୋର୍ଟାଲ । ନୂଆ ଆବେଦନକାରୀ ପଂଜୀକୃତ କରିପାରିବେ ।

# ୧୪ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଅଭିଯୋଗ

ବଲାଙ୍ଗିର, ୧୬/୯: ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ଥାନା ଅନ୍ତର୍ଗତ କୁଲିଆଦରୋ ଗାଁରେ ଘଟିଛି ଏକ ଦୁଃଖଦ ଘଟଣା । ମୋବାଇଲ୍ ରିଚାର୍ଜ ପାଇଁ ଟଙ୍କା ମାଗିବା ପରେ ଜଣେ ୧୪ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତ ନାବାଳକ ହେଉଛନ୍ତି କୁଲିଆଦରୋ ଗାଁ ବସ୍ତିପଡ଼ାର ଦେବେନ୍ଦ୍ର ବନଛୋର । ସୂଚନା ଅନୁସାରେ, ଦେବେନ୍ଦ୍ର ମୋବାଇଲ୍ ରିଚାର୍ଜ ପାଇଁ ଘରେ ପ୍ରାୟ ୩୦୦ରୁ ୩୫୦ ଟଙ୍କା ମାଗିଥିଲେ । ତେବେ ଘର ପକ୍ଷରୁ ଟଙ୍କା ଦେବାକୁ ମନା କରାଯାଇ ଥିବା ପରେ ସେ ଘରୁ ବାହାରି ଯାଇଥିବା ଜଣାପଡ଼ିଛି । ପରେ ଗାଁ ନିକଟସ୍ଥ ଏକ ଗଛରେ ରଶି ଲଗାଇଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା । ଗୁରୁତର ଅବସ୍ଥାରେ ଦେବେନ୍ଦ୍ରଙ୍କୁ କଂଟାବାଞ୍ଜି ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ସାମୁଦ୍ରିକ ଜୀବଙ୍କ ଜୀବାଶ୍ମ ବୁଢ଼ାବଳଙ୍ଗ ନଦୀ ଶଯ୍ୟାରେ



ବାରିପଦା, ୧୬।୯(ନିପ୍ର): ପ୍ରଥମ ଦୃଷ୍ଟିରେ, ମୟୂରଭଞ୍ଜ ଜିଲ୍ଲାର ବୁଢ଼ାବଳଙ୍ଗ ନଦୀ ଶଯ୍ୟାରେ ବିଛାଡ଼ି ହୋଇ ପଡ଼ିଥିବା ସାଧାରଣ ପଥର ବ୍ୟତୀତ ଏଗୁଡ଼ିକ ଆଉ କିଛି ମନେହୁଏ ନାହିଁ। କିନ୍ତୁ ନିକଟରୁ ଲକ୍ଷ୍ୟ କଲେ, ଏହି ପଥରଗୁଡ଼ିକ ଅତ୍ୟନ୍ତ ଆକର୍ଷଣୀୟ ତଥ୍ୟ ପ୍ରକାଶ କରେ - ଯେପରିକି ସାର୍କ (ହାଙ୍ଗର), ରେ (ଏକ ପ୍ରକାର ଚେପଟା ମାଛ), କଙ୍କଡ଼ା, କୁମ୍ଭୀର ଜାତୀୟ ପ୍ରାଣୀ, ମାଛ, ମୋଲ୍ୟୁସ୍କ (ଶାମୁକା-ଝିଙ୍କୁଲି ଜାତୀୟ ପ୍ରାଣୀ) ଏବଂ ଆଣୁବୀକ୍ଷଣିକ ସାମୁଦ୍ରିକ ଜୀବଙ୍କ ଜୀବାଶ୍ମ, ଯାହାକି ଲକ୍ଷ ଲକ୍ଷ ବର୍ଷ ଧରି ସୁରକ୍ଷିତ ରହିଆସିଛି। ସ୍ଥାନୀୟ ଭାଷାରେ 'ଅସୁର ହାଡ଼' (ଅର୍ଥାତ୍ ରାକ୍ଷସର ହାଡ଼) ନାମରେ ପରିଚିତ ଏହି ସ୍ଥାନଟି ବୈଜ୍ଞାନିକ ଭାବେ 'ବାରିପଦା ଫସିଲ୍ ବେଡ୍ସ' ବା 'ମାୟୋସିନ୍ ବାରିପଦା ବେଡ୍ସ' ଭାବେ ଜଣାଶୁଣା। ସତପଉଟିଆ, ଉସୁରୁଡିହି, ଇଟାମୁଣ୍ଡିଆ ଏବଂ ମୁକୁରାମାଟିଆ ଗ୍ରାମରେ ବ୍ୟାପି ରହିଥିବା ଏହି ସ୍ଥାନରେ ମାୟୋସିନ୍ ଯୁଗର ସାମୁଦ୍ରିକ ଜୀବାଶ୍ମ ଦେଖିବାକୁ ମିଳେ; ଏହା ଭୂ-ତାତ୍ତ୍ୱିକ ଇତିହାସର ଏକ ସମୟଖଣ୍ଡ ଯାହା ପ୍ରାୟ ୨୩ ନିୟୁତ ବର୍ଷ ପୂର୍ବେ ଆରମ୍ଭ ହୋଇ ୫.୩ ନିୟୁତ ବର୍ଷ ପୂର୍ବେ ଶେଷ ହୋଇଥିଲା। ଏହି ଜୀବାଶ୍ମଗୁଡ଼ିକ ଆଜି ଦେଖାଯାଉଥିବା ଭୂ-ପ୍ରକୃତି ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏକ କାହାଣୀ ବର୍ଣ୍ଣନା କରେ। ଏଗୁଡ଼ିକ ସୂଚିତ କରେ ଯେ ବର୍ତ୍ତମାନର ବାରିପଦା ଆଖପାଖ ଅଞ୍ଚଳର ଏକ ବଡ଼ ଅଂଶ କୌଣସି ଏକ ସମୟରେ ଏକ ଅଗଭୀର ସମୁଦ୍ର ଦ୍ୱାରା ଆଚ୍ଛାଦିତ ଥିଲା। ମୁକୁରାମାଟିଆ ଏବଂ ଇଟାମୁଣ୍ଡିଆ ଅଞ୍ଚଳରୁ ବର୍ତ୍ତମାନ ସୁଦ୍ଧା ସାର୍କ ଏବଂ ରେ ମାଛର ନଅଟି ପରିବାର (ବର୍ଗ) ଚିହ୍ନଟ କରାଯାଇଛି।

# ଜିଲ୍ଲା କାରାଗାରରେ କଏଦୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ମାଲକାନଗିରି, ୧୬।୯: ମାଲକାନଗିରି ଜିଲ୍ଲା କାରାଗାରରେ ପୁଣି ଜଣେ କଏଦୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ମୃତ କଏଦୀ ହେଲେ ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ପଞ୍ଚାୟତର କଳାଗୁଡ଼ା ଗ୍ରାମର ଲକିନାଥ ବେହେରା। ସୂଚନା ଅନୁସାରେ, ପ୍ରାୟ ତିନି ମାସ ତଳେ କୌଣସି ଏକ ମାମଲାରେ ସେ ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ।ପରିବାରର କହିବା ଅନୁଯାୟୀ, ଲକିନାଥ ପ୍ରତିଦିନ ଭଳି ଆଜି ମଧ୍ୟ ପରିବାର ସଦସ୍ୟଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ସେତେବେଳେ ତାଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ନେଇ କୌଣସି ସୂଚନା ମିଳିନଥିଲା। ତେବେ ସନ୍ଧ୍ୟା ସମୟରେ ପରିବାର ଲୋକଙ୍କ ନିକଟକୁ ଜେଲ୍ ପକ୍ଷରୁ ଫୋନ୍ ଆସିଥିଲା। ଲକିନାଥଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିବାରୁ ତାଙ୍କୁ ତୁରନ୍ତ ମାଲକାନଗିରି ମେଡିକାଲକୁ ନିଆଯାଇଥିବା ଜଣାଯାଇଥିଲା।ପରିବାର ଲୋକେ ମେଡିକାଲରେ ପହଞ୍ଚିବା ବେଳକୁ ଲକିନାଥଙ୍କ ମୃତ୍ୟୁ ଘଟିସାରିଥିଲା। ଏହା ଜାଣିବା ପରେ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

## ସପ୍ତମ ଦିନରେ ପହଞ୍ଚିଲା ସମବାୟ ଚିନିଶିଳ୍ପର ଅନିର୍ଦ୍ଦିଷ୍ଟକାଳ ଧାରଣା

# ତ୍ରିପାକ୍ଷିକ ଚୁକ୍ତି ଓ କେ-ଫର୍ମର ଲିଖିତ ପ୍ରତିଶ୍ରୁତି ପାଳନ ବିଳମ୍ବକୁ ନିନ୍ଦା



ଆସିକା, ୧୬/୯(ନିପ୍ର): ଶ୍ରମିକମାନଙ୍କ ଅନିର୍ଦ୍ଦିଷ୍ଟକାଳ ଧାରଣା ବୁଧବାର ସପ୍ତମ ଦିନରେ ପହଞ୍ଚିଛି । ତ୍ରିପାକ୍ଷିକ ଚୁକ୍ତି ଏବଂ କେ-ଫର୍ମରେ ଦିଆଯାଇଥିବା ଲିଖିତ ପ୍ରତିଶ୍ରୁତି ପାଳନର ବିଳମ୍ବକୁ ନିନ୍ଦା କରାଯାଇଛି । ଏହାର ପ୍ରତିବାଦ ସ୍ୱରୂପ ଦୀର୍ଘ ସାତଦିନ ହେଲା ପ୍ରାୟ ଶତାଧିକ ଶ୍ରମିକ ମୁଖ୍ୟ ଗେଟ ସମ୍ମୁଖରେ ଧାରଣା ଦେଇ ଆସୁଛନ୍ତି । ସମବାୟ ଚିନିଶିଳ୍ପର ସମସ୍ତ ଶ୍ରମିକ ଏକାଠି ହୋଇ ଗେଟ ସମ୍ମୁଖରେ ଧାରଣା ଦେବା ସହିତ ଦାବି ପୂରଣ ନେଇ ନାରାବାଜି ଏବଂ ପ୍ରତିବାଦ ସ୍ୱରୂପ ପ୍ରତିଶ୍ରୁତି ପାଳନ ପାଇଁ ଦାବି କରିଛନ୍ତି । ଆସନ୍ତାକାଲି ବିଶ୍ୱକର୍ମା ପୂଜା ଯୋଗୁଁ ଗୋଟିଏ ଦିନ ଧାରଣା ବନ୍ଦ ରଖିବା ପାଇଁ ସୂଚନା ପ୍ରଦାନ କରିଛନ୍ତି । ଏହାର ପରବର୍ତ୍ତୀ ଦିନରେ ଧାରଣା ପୁଣି ଆରମ୍ଭ ହେବା ନେଇ ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି। ଚିନିଶିଳ୍ପ ପରିସରରେ ଶ୍ରମିକ ଆନ୍ଦୋଳନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ କର୍ମଚାରୀ ସଂଘର ପ୍ରମୁଖ ଦାବି ଗୁଡିକ କେବେ ପୂରଣ ହେବ ତାକୁ ନେଇ ଏବେ ଆଲୋଚନା ଓ ପର୍ଯ୍ୟାଲୋଚନା ଲାଗି ରହିଛି। ସଂଘ ଦାବି ଗୁଡିକ ମଧ୍ୟରେ ଏନଏମଆର ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ଗତ ୪ ବର୍ଷର ବକେୟା ପ୍ରୋତ୍ସାହନ ରାଶି ପ୍ରଦାନ ଏବଂ ଯୋଗ୍ୟ ଶ୍ରମିକଙ୍କୁ ପଦୋନ୍ନତି ଦେବା ପ୍ରମୁଖ ରହିଛି । ସଂଘର ଅଭିଯୋଗ ଅନୁଯାୟୀ ଏସବୁ ପ୍ରସଙ୍ଗରେ ଚୁକ୍ତି ଓ ଲିଖିତ ପ୍ରତିଶ୍ରୁତି ରହିଥିବା ସତ୍ତ୍ୱେ ତାହାର ସମ୍ପୂର୍ଣ୍ଣ ପାଳନ ହୋଇନାହିଁ ବୋଲି ଧାରଣା ସ୍ଥଳରେ ଅଭିଯୋଗ କରାଯାଇଥିଲା । ତ୍ରିପାକ୍ଷିକ ଚୁକ୍ତି ଏବଂ କେ-ଫର୍ମରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଦାବିଗୁଡିକୁ ତୁରନ୍ତ ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବା ନେଇ ଚେତାବନୀ ପ୍ରଦାନ କରାଯାଇଥିଲା । ଏପରିସ୍ଥିତିରେ ଶ୍ରମିକ ଆନ୍ଦୋଳନର ସମାଧାନ ପାଇଁ ଚିନିଶିଳ୍ପ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର । ପ୍ରକାଶ ଥାଉକି ଧାରଣା ସ୍ଥଳରେ ଶ୍ରମିକମାନେ ସାତଦିନ ଧରି ବସିଥିଲେ ମଧ୍ୟ ଧାରଣା ସ୍ଥଳରେ ଚିନି କାରଖାନା ପରିଚାଳନା ନିର୍ଦ୍ଦେଶକ, ଜିଲ୍ଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ ନପହଞ୍ଚିବା ଘଟଣାକୁ ଶ୍ରମିକ ନେତା ତଥା ଶ୍ରମିକମାନେ ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟପଟେ ଆସିକା ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ଆସିକା ସହକାରୀ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ଜେନା ପହଞ୍ଚି ଆନ୍ଦୋଳନ ଶ୍ରମିକମାନଙ୍କ ସହିତ ଆଲୋଚନା କରି ଫେରିଛନ୍ତି।

# ବାଘମାରୀ-ଡାଲଟୋଲା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ବେଗୁନିଆ, ୧୬/୯(ନିପ୍ର):** ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନୁମୋଦନ କ୍ରମେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ବାଘମାରୀ ଗ୍ରାମଠାରୁ ଡାଲଟୋଲା ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ କାର୍ଯ୍ୟ ବୁଧବାର ଦିନ ବାଲିପାଟଣା ଗ୍ରାମଠାରେ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବେଗୁନିଆ -ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ, ବେଗୁନିଆ -ବୋଲଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳି ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ୨୩ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଅନାଦି ସାହୁ, ଖୋର୍ଦ୍ଧା ଜିଲ୍ଲା ବିଜେପି ଅଧିବକ୍ତା ଲୋତକ ବିନ୍ଦୁ ପଟ୍ଟନାୟକ କୁଞ୍ଜୁରୀ ଗ୍ରା.ପ ସରପଞ୍ଚ ପ୍ରଣତୀ ସାହୁ ଓ ସମିତି ସଭ୍ୟା ସୁବାସିନୀ ସାହୁ ପ୍ରମୁଖ ଯୋଗଦେଇ ଶୁଭ ଭିତ୍ତି ପ୍ରସ୍ତର ଉଦ୍‌ଘାଟନ କରିଥିଲେ। ଏହି ରାସ୍ତା ପାଇଁ ରାଜ୍ୟ ବିଜେପି ସରକାର ୧୪ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଭିତ୍ତି ପ୍ରସ୍ତର ସ୍ଥାପନ ସମୟରେ ଶହ ଶହ ଜନସାଧାରଣ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ବାଜା ବଜାଇ ସ୍ୱାଗତ କରି ଭିତ୍ତିପ୍ରସ୍ତର ସ୍ଥାନକୁ ପାଛୋଟି ନେଇଥିଲେ। ଶିଳାନ୍ୟାସ ଅବସରରେ ଆୟୋଜିତ ସଭାରେ ଡବଲ ଇଞ୍ଜିନ ସରକାର କଥାରେ ନୁହେଁ କାମରେ ବିଶ୍ୱାସ କରେ।



ବେଗୁନିଆ ବ୍ଲକ ଅଞ୍ଚଳର ରାସ୍ତା ଘାଟକୁ ଦେଖିଲେ ୨୪ ବର୍ଷର ସରକାର କିପରି ବିକାଶ କରିଛି ତାହା ଜଳଜଳ ହୋଇ ଦେଖାଯାଉଛି। ରାସ୍ତା ଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି। ଯାହାଫଳରେ ଗମନା ଗମନ ସୁଗମ ହୋଇପାରି ନି ଏବଂ ଆସନ୍ତା କାଲି ୧୭ ତାରିଖରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସମସ୍ତେ କ୍ୟାଣ୍ଡେଲ ଜାଳି ତାଙ୍କର ଦୀର୍ଘାୟୁ କାମନା କରିବାକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସମସ୍ତଙ୍କୁ ସୂଚନା ଦେଇଥିଲେ। ଜନସାଧାରଣ ମାନଙ୍କର ଆର୍ଥିକ, ଶିକ୍ଷା, ବାଣିଜ୍ୟ ବ୍ୟବସ୍ଥା ସୁଦୃଢ଼ ହେବା ସହ ଗମନାଗମନ ସୁଗମ ଓ ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହେବବୋଲି ବିଧାୟକ ପ୍ରଦୀପ କୁମାର ସାହୁ କହିଥିଲେ।

# ସିବିଏଫସିରେ ନୀଳ ମାଧବ ପଣ୍ଡା

## ଫିଲ୍ମ ଜଗତର ବହୁ ହସ୍ତୀ ସାମିଲ




ନୂଆଦିଲ୍ଲୀ, ୧୬/୯: କେନ୍ଦ୍ର ସରକାର କେନ୍ଦ୍ରୀୟ ଫିଲ୍ମ ପ୍ରମାଣନ ବୋର୍ଡ (ସିବିଏଫସି) ର ପୁନର୍ଗଠନ କରିଛନ୍ତି। ବୁଧବାର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଅଧିସୂଚନା ଅନୁସାରେ ନୂଆ ବୋର୍ଡ ତତ୍କାଳ ପ୍ରଭାବରୁ ତିନି ବର୍ଷ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ, ଯାହା ପ୍ରଥମେ ହେବ, ପ୍ରଭାବୀ ରହିବ। ନୂଆ ବୋର୍ଡରେ ଫିଲ୍ମ ଏବଂ କଳା ଜଗତ ସହ ଜଡ଼ିତ ୧୮ ଜଣ ସଦସ୍ୟଙ୍କୁ ସାମିଲ କରାଯାଇଛି। ଏଥିରେ ଅଭିନେତା ମନୋଜ ଯୋଶୀ, ସୁନୀଲ ଶେଟ୍ଟୀ, ପ୍ରୀତି ଜିଂଟା, ପଙ୍କଜ ତ୍ରିପାଠୀ, ରୂପାଲୀ ଗାଙ୍ଗୁଲୀ, ପଲ୍ଲବୀ ଯୋଶୀ, ପ୍ରୋସେନଜିତ ଚଟ୍ଟୋପାଧ୍ୟାୟ ଏବଂ ପ୍ରିୟଦର୍ଶନଙ୍କ ସମେତ ଅନେକ ପ୍ରମୁଖ ନାମ ସାମିଲ ଅଛନ୍ତି। ମନ୍ତ୍ରଣାଳୟ କହିଛି ଯେ ୧୮ ସଦସ୍ୟୀୟ ବୋର୍ଡରେ ସାମିଲ ଅଭିନେତାମାନଙ୍କ ମଧ୍ୟରେ ବିନୋଦ ଅନୁପମ, ମନୋଜ ଯୋଶୀ, ଅଭିଷେକ ଜୈନ, ରିକି କେଜ, ପ୍ରିୟଦର୍ଶନ, ସୁନୀଲ ଶେଟ୍ଟୀ, ହଂସରାଜ ହଂସ, ସୁପ୍ରିୟା ୟାର୍ଲାଗଡ୍ଡା, ଯତୀନ୍ଦ୍ର ମିଶ୍ର, ରୂପାଲୀ ଗାଙ୍ଗୁଲୀ, ପ୍ରୀତି ଜିଂଟା, ନୀଳ ମାଧବ ପଣ୍ଡା, ପଙ୍କଜ ତ୍ରିପାଠୀ, ପ୍ରୋସେନଜିତ ଚଟ୍ଟୋପାଧ୍ୟାୟ, ପଲ୍ଲବୀ ଯୋଶୀ, ନିଶିଗନ୍ଧା ୱାଡ, ରମେଶ ପତାଙ୍ଗେ ସାମିଲ ଅଛନ୍ତି। ସରକାର ଏହି ପୁନର୍ଗଠନ ସିନେମାଟୋଗ୍ରାଫ ଅଧିନିୟମ, ୧୯୫୨ର ଧାରା ୩(୧) ଏବଂ ସିନେମାଟୋଗ୍ରାଫ (ସାର୍ଟିଫିକେସନ) ନିୟମ, ୨୦୨୪ର ନିୟମ ୩ ଅନୁଯାୟୀ କରିଛନ୍ତି।

# ସମାଜସେବୀ ସରୋଜିନୀଙ୍କ ବିୟୋଗ



କାକଟପୁର, ୧୬।୯ (ନିପ୍ର): ସ୍ଥାନୀୟ ଅଞ୍ଚଳର ଜଣାଶୁଣା ସମାଜସେବୀ ତଥା ଧର୍ମପରାୟଣା ମହିଳା ସରୋଜିନୀ ଦୀକ୍ଷିତ (୮୯)ଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ବରିଷ୍ଠ ସେବାୟତ ସ୍ୱର୍ଗତ ସାଧୁଚରଣ ଦୀକ୍ଷିତଙ୍କ ସେ ଥିଲେ ଧର୍ମପତ୍ନୀ। ବୁଧବାର ଅପରାହ୍ନରେ ତାଙ୍କ ବିୟୋଗ ଖବର ପାଇ ଶେଷ ଦର୍ଶନ ଲାଗି ମା' ମଙ୍ଗଳା ମନ୍ଦିର ସେବାୟତ ନିୟୋଗର ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ସମ୍ପାଦକ ପବିତ୍ର ମୋହନ ଦୀକ୍ଷିତ,ପୂର୍ବତନ ସରପଞ୍ଚ ତପନ କୁମାର ଦୀକ୍ଷିତ, କାକଟପୁର ସରପଞ୍ଚ ଅଭୟ କୁମାର ସେଠୀ, ସଞ୍ଜୟ ସାମଲ, ଅପୁ ଦୀକ୍ଷିତ, ସେବକ ସମିତି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ଅଞ୍ଜନ କୁମାର ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତଙ୍କ ସମେତ ବହୁ ବନ୍ଧୁବାନ୍ଧବ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ।ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଆଶିଷ ଓ କନିଷ୍ଠ ପୁତ୍ର ମାନସ ମୁଖାଗ୍ନି ଦେଇଥିଲେ।

# ଖୋଲା ଆକାଶତଳେ ବାଘୁଆରି ଅଙ୍ଗନବାଡ଼ି କେନ୍ଦ୍ର, ବିପଦରେ ୩୦ ଶିଶୁଙ୍କ ଭବିଷ୍ୟତ

ଧାମନଗର, ୧୬/୯(ନିପ୍ର): ରାଜ୍ୟ ସରକାର ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକର ବିକାଶ ଓ ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ବାଘୁଆରି ଅଙ୍ଗନବାଡ଼ି କେନ୍ଦ୍ରରେ ଏହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ଦୃଶ୍ୟମାନ ହେଉଛି। ନିଜସ୍ୱ ଗୃହଟିଏ ନ ଥିବାରୁ ପ୍ରାୟ ୩୦ ଜଣ କୋମଳମତୀ ଶିଶୁଙ୍କ ପାଠପଢ଼ା ଏବେ ବାଟବଣା ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ଏହି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଗୃହ ନିର୍ମାଣ ହୋଇପାରି ନାହିଁ। ଫଳରେ ଛୋଟ ପିଲାମାନେ କେତେବେଳେ ଲୋକଙ୍କ ଦ୍ୱାରମୁହଁ ପିଣ୍ଡାରେ ତ କେତେବେଳେ ଗଛମୂଳେ କିମ୍ବା ରାସ୍ତାକଡ଼ରେ ବସି ପାଠ ପଢ଼ିବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ବର୍ଷା ଓ ଖରାକୁ ଆଖି ଆଗରେ ରଖି ପିଲାମାନେ ରାସ୍ତାକଡ଼ରେ ଥିବା ଏକ ଅର୍ଦ୍ଧନିର୍ମିତ ଗଣେଶ ମନ୍ଦିର ପରିସରରେ ବସି ପାଠ ପଢୁଥିବା ଦେଖିବାକୁ ମିଳୁଛି। ଏହା କେବଳ ପିଲାମାନଙ୍କ ପାଠପଢ଼ାକୁ ବାଧାପ୍ରାପ୍ତ କରୁନାହିଁ, ବରଂ ସେମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଏକ ବଡ଼ ବିପଦ ସୃଷ୍ଟି କରିଛି। ତେବେ କେନ୍ଦ୍ର ପାଇଁ ଆବଣ୍ଟିତ ଅର୍ଥ ଏବଂ ଗୃହ ନିର୍ମାଣ କାହିଁକି ଅଟକି ରହିଛି, ତାହାର କାରଣ ପଚାରିବାରୁ ସ୍ଥାନୀୟ କର୍ମୀ ଜଣକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ରାଜନୈତିକ ଛକାପଞ୍ଝା ଓ ସ୍ଥାନୀୟ ସ୍ୱାର୍ଥାନ୍ୱେଷୀ ମହଲର ଜାଗା ବିବାଦ ଯୋଗୁଁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ସେ କହିଛନ୍ତି। ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାମାଜିକ ଓ ରାଜନୈତିକ ହସ୍ତକ୍ଷେପ ଯୋଗୁଁ କେନ୍ଦ୍ର ପାଇଁ ନିର୍ଦ୍ଦିଷ୍ଟ ଜାଗା ଚିହ୍ନଟ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ସରକାରଙ୍କ 'ସମୃଦ୍ଧ ଅଙ୍ଗନବାଡ଼ି' ଯୋଜନା ଏଠାରେ କେବଳ କାଗଜ କଲମରେ ସୀମିତ ରହିଯାଇଥିବା ଅନୁଭବ କରୁଛନ୍ତି ଅଞ୍ଚଳବାସୀ। ତୁରନ୍ତ ଏହି ଜାଗା ବିବାଦର ସମାଧାନ କରାଯାଇ ବାଘୁଆରି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଏକ ସ୍ଥାୟୀ ଗୃହ ନିର୍ମାଣ କରା ନଗଲେ ଆଗାମୀ ଦିନରେ ଗ୍ରାମବାସୀ ଏବଂ ଅଭିଭାବକମାନେ ବ୍ଲକ ପ୍ରଶାସନର କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରଶାସନ ଏଥିପ୍ରତି କେବେ ଦୃଷ୍ଟି ଦେଉଛି, ତାହାହିଁ ଦେଖିବାକୁ ବାକି ରହିଲା।



# 'ଅଶୁଭ' ବୁଧବାର: ପାଣିରେ ବୁଡି ଯାଇ ୧୧ ମୃତ

ଜଗତସିଂହପୁର, ୧୬।୯ :ବୁଧବାର 'ଅଶୁଭ' ସାଜିଥିବା ଚର୍ଚ୍ଚା ହୋଇଛି। ଭିନ୍ନ ଭିନ୍ନ ସ୍ଥାନରେ ବୁଡିଯାଇ ୧୧ ଜଣଙ୍କ ମୃତ୍ୟୁ ଘଟିଛି । ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ବୃଦ୍ଧା ନଦୀର ଗଭୀର ପାଣିରେ ଭାସିଯାଇ ୪ ଯୁବକଙ୍କ ପ୍ରାଣହାନି ଘଟିଛି। ଜଗତସିଂହପୁର ଜିଲ୍ଲା ଏରସମା ଥାନା ପଣ୍ଡୁଆ ଗୋପାଳପୁର ନିକଟରେ ଘଟିଛି ଏହି ଦୁଃଖଦ ଘଟଣା । ଓରନାଳ ଗ୍ରାମର କିଛି ଯୁବକ ବୁଧବାର ଅପରାହ୍ନରେ ଘର ପାଖ ବୃଦ୍ଧା ନଦୀକୁ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିଲେ । ବିସର୍ଜନ ସମୟରେ ଅସାବଧାନତା ହେତୁ ୪ ଜଣ ଯୁବକ ନଦୀର ପ୍ରବଳ ସ୍ରୋତରେ ଭାସିଯାଇଥିଲେ । ମୃତ ଯୁବକମାନେ ହେଲେ ସୁଶୀଲ ପଲେଇ, ମନୋଜିତ ସ୍ୱାଇଁ ଏବଂ ସ୍ୱପ୍ନଜିତ ବାରିକ ଓ ରଶ୍ମିରଞ୍ଜନ ନାୟକ। ଗଞ୍ଜାମ ହିଞ୍ଜିଳିରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଘୋଡ଼ାହାଡ଼ ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି ୨ ଛାତ୍ର। ସେମାନେ ହେଲେ ପ୍ରୀତମ ସାମଲ ଓ ଆଦର୍ଶ ସାହୁ। ସେହିପରି ଦିଗପହଣ୍ଡି ବ୍ଲକ କୋଟିନଡ୍ଡା ପଞ୍ଚାୟତ ସିଦ୍ଧିଖଣ୍ଡି କିଛି ଛାତ୍ର ଗାଁ ପୋଖରୀକୁ ଗଜାନନଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିଲେ। ମୋରମ ଜେନାଙ୍କ ପୁଅ ସୀତାଂଶୁ ଜେନା ସେମାନଙ୍କ ସହ ପୋଖରୀକୁ ବିସର୍ଜନ ପାଇଁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି ସୀତାଂଶୁ। ସେହିପରି ସୁନ୍ଦରଗଡ଼ ଶଙ୍ଖ ନଦୀରେ ବୁଡ଼ି ୩ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଝିଅମାନଙ୍କ ବୟସ ୮ ରୁ ୧୦ ବର୍ଷ ହେବ। ଓରାମ ସମାଜର କରମ ପୂଜା ପାଇଁ ନଦୀରୁ ପାଣି ଆଣିବାକୁ ଯାଇଥବା ବେଳେ ହଠାତ୍ ନଦୀରେ ପାଣି ଆସିଯିବାରୁ ୫ଜଣ ଭାସି ଯାଇଥିଲେ। ସ୍ଥାନୀୟ ଲୋକମାନେ ୨ ଜଣଙ୍କୁ ଉଦ୍ଧାର କରିଥିଲେ। ସେହିପରି କୋରାପୁଟରେ ପୋଖରୀ ଗାଧୋଇବା ବେଳେ ବୁଡ଼ି ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। ମୃତକ ହେଲେ ଲିମ ଦିଶାରୀ ।

# ନିର୍ମାଣାଧୀନ ଲଜ୍‌ର କାନ୍ଥ ପଡ଼ି ଶ୍ରମିକ ମୃତ

ପୁରୀ, ୧୬।୯(ନିପ୍ର) : ନିର୍ମାଣାଧୀନ କାନ୍ଥ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ପୁରୀ ଚକ୍ରତୀର୍ଥ ରୋଡରେ ଘଟିଛି ଏପରି ଅଭାବନୀୟ ଘଟଣା । ନିର୍ମାଣାଧୀନ ଏକ ଲଜ୍‌ର କାନ୍ଥ ପଡି ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର ପୂର୍ବକ ତଦନ୍ତ ଆରମ୍ଭ କରିଛନ୍ତି। ମୃତ ଶ୍ରମିକ ଜଗତସିଂହପୁର ଅଞ୍ଚଳର ପପୁ ବୋଲି ଜଣାପଡିଛି । ପୁରୀ ଚକ୍ରତୀର୍ଥ ରୋଡ ନିକଟରେ ଥିବା ଦୁର୍ଗା ଲଜରେ କାମ କରୁଥିଲେ ଶ୍ରମିକମାନେ । ନିର୍ମାଣଧୀନ ଲଜ କାମ ଚାଲିଥିବାବେଳେ କାନ୍ଥ ପଡିଯାଇଥିଲା ବୋଲି କୁହାଯାଇଛି।

# ବେଆଇନ୍ ବାଣ ଗଚ୍ଛିତ ଅଭିଯୋଗରେ ପୁଲିସର ଚଢ଼ାଉ,ଗୋଦାମ ସିଲ୍

ପାରଳାଖେମୁଣ୍ଡି, ୧୬/୯(ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହର ଠାରୁ କାଶୀନଗର ଯିବା ରାସ୍ତାରେ ଅବସ୍ଥିତ ଏକ ବାଣ ଗୋଦାମ ଉପରେ ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ଲାଡି ଶାମ୍ବାମୂର୍ତ୍ତି ଆଣ୍ଡ ସନ୍ସ ନାମକ ଏହି ଗୋଦାମରେ ବେଆଇନ୍ ଭାବେ ବାଣ ମହଜୁଦ ଓ ବ୍ୟବସାୟ କରାଯାଉଥିବା ନେଇ ସୂଚନା ପାଇବା ପରେ ପାରଳାଖେମୁଣ୍ଡି ପୁଲିସ ଏହି ଚଢ଼ାଉ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୋଦାମରେ ବାଣ ମହଜୁଦ ରଖାଯାଇଥିବା ନେଇ ପୁଲିସକୁ ଖବର ମିଳିବା ପରେ ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଗୋଦାମରେ ବାଣ ମହଜୁଦ ଓ ବ୍ୟବସାୟ ସମ୍ପର୍କିତ ବିଭିନ୍ନ ଦିଗକୁ ପୁଲିସ ତଦନ୍ତ କରିଥିଲା। ପରବର୍ତ୍ତୀ ସମୟରେ ଗୋଦାମକୁ ପୁଲିସ ପକ୍ଷରୁ ସିଲ୍ କରାଯାଇଥିବା ଜଣାପଡ଼ିଛି।ବାଣ ଭଳି ବିସ୍ଫୋରକ ସାମଗ୍ରୀ ମହଜୁଦ, ପରିବହନ ଓ ବିକ୍ରୟ ପାଇଁ ନିର୍ଦ୍ଦିଷ୍ଟ ଆଇନଗତ ନିୟମ ଓ ଅନୁମତିର ଆବଶ୍ୟକତା ରହିଥାଏ। ଏହି ଗୋଦାମରେ ବାଣ ରଖିବା ଓ ବ୍ୟବସାୟ କରିବା ପାଇଁ ଆବଶ୍ୟକ ଲାଇସେନ୍ସ କିମ୍ବା ଅନୁମତି ରହିଥିଲା କି ନାହିଁ, ତାହା ପୁଲିସ ଯାଞ୍ଚ କରୁଥିବା ସୂଚନା ମିଳିଛି। ଏଥିସହ ଗୋଦାମରେ କେତେ ପରିମାଣର ବାଣ ମହଜୁଦ ଥିଲା ଏବଂ ମହଜୁଦ ବାଣ ନିୟମାନୁସାରେ ରଖାଯାଇଥିଲା କି ନାହିଁ, ସେନେଇ ମଧ୍ୟ ତଦନ୍ତ ଚାଲିଛି। ଗୋଦାମର ଦଲିଲପତ୍ର, ବାଣ ବ୍ୟବସାୟ ସମ୍ପର୍କିତ ଅନୁମତିପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ପୁଲିସ ପକ୍ଷରୁ ଯାଞ୍ଚ କରାଯାଉଥିବା ଜଣାପଡ଼ିଛି। ବାଣ ଗୋଦାମରେ ସୁରକ୍ଷା ବ୍ୟବସ୍ଥା ଓ ଅଗ୍ନିନିରାପତ୍ତା ସମ୍ପର୍କିତ ନିୟମ ପାଳନ ହୋଇଥିଲା କି ନାହିଁ ସେ ସମ୍ପର୍କରେ ମଧ୍ୟ ଯାଞ୍ଚ କରାଯିବ ବୋଲି ପୋଲିସ ପକ୍ଷରୁ ଜଣାପଡିଛି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ଗୋଦାମରେ ମହଜୁଦ ବାଣର ପରିମାଣ, ବ୍ୟବସାୟ ପାଇଁ ଆବଶ୍ୟକ ଅନୁମତି ଥିଲା କି ନାହିଁ ଏବଂ ନିୟମ ଉଲ୍ଲଂଘନ ହୋଇଛି କି ନାହିଁ, ସେନେଇ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବ। ଘଟଣାକୁ ନେଇ ପାରଳାଖେମୁଣ୍ଡି ପୁଲିସର ତଦନ୍ତ ଜାରି ରହିଥିବା ଜଣାପଡିଛି।

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ନଂ. PCMM/EP/ 2026-27/36, ତା.15.09.2026ରିଖ

କ୍ରମ ସଂ. 01 : ଟେଣ୍ଡର ନଂ. 03261125B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବଗି ବୋଲଷ୍ଟର ସସ୍ପେନସନ ନିମନ୍ତେ ହ୍ୟାଙ୍ଗର, ପରିମାଣ : 6225 ସଂଖ୍ୟକ।

କ୍ରମ ସଂ. 02 : ଟେଣ୍ଡର ନଂ. 04265045, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କ୍ୟାଡ଼ ଲେସ୍ ଷ୍ଟ୍ରାଣ୍ଡ କପର କଣ୍ଟାକ୍ଟ ୱାୟର 107 SQ.MM., ପରିମାଣ : TS ଅନୁସାରେ।

କ୍ରମ ସଂ. 03 : ଟେଣ୍ଡର ନଂ. 04264239, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସେଟ୍ 1 ଓ 2 ନିମନ୍ତେ 4 ପୋଲ୍ କଣ୍ଟାକ୍ଟର, ପରିମାଣ : 529 ସଂଖ୍ୟକ।

କ୍ରମ ସଂ. 04 : ଟେଣ୍ଡର ନଂ. 02261681B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : WAG 9 ନିମନ୍ତେ ପିନିଅନ ସାଫ୍ଟ 21 ଟିଥ୍, ପରିମାଣ : 339 ସଂଖ୍ୟକ।

କ୍ରମ ସଂ. 05 : ଟେଣ୍ଡର ନଂ. 06262026, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କମ୍ପୋଜିଟ୍ ଗ୍ରୁଭଡ୍ ରବର ସୋଲ ପ୍ଲେଟ୍ (CGRSP)-10 MM, ପରିମାଣ : TS ଅନୁସାରେ।

କ୍ରମ ସଂ. 06 : ଟେଣ୍ଡର ନଂ. 06260004, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପ୍ରୀଭ୍ TOE ସହିତ ଇଲାଷ୍ଟିକ୍ ରେଲ୍ କ୍ଲିପ୍ (ERC) MK-V, ପରିମାଣ : 1500000 ସଂଖ୍ୟକ।

କ୍ରମ ସଂ. 07 : ଟେଣ୍ଡର ନଂ. 03261458A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆର୍ଟିକୁଲେଟେଡ୍ ଏଲାଷ୍ଟୋମେରିକ ରବର ବିୟରିଙ୍ଗ, ପରିମାଣ : 436 ସଂଖ୍ୟକ।

ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ. 01, 02 ଓ 04 ପାଇଁ 28.09.2026, କ୍ରମ ସଂ. 03 ପାଇଁ 21.09.2026, କ୍ରମ ସଂ. 05 ପାଇଁ 06.10.2026 ଏବଂ କ୍ରମ ସଂ. 06 ଓ 07 ପାଇଁ 05.10.2026.

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ୱେବସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର

PR-446/R/26-27

# ଦେଶର ପ୍ରଥମ ରେଳପଥ ଜୋନ୍ ହେଲା ପୂର୍ବତଟ ରେଳପଥ



## ୧୦୦ ମେଟ୍ରିକ୍ ଟନରୁ ଅଧିକ ପଣ୍ୟ ଖଲାସ

ଭୁବନେଶ୍ୱର, ୧୬/୯(ପିଆଇବି): ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ମାଲ୍‌ବାହୀ ଟ୍ରେନ୍‌ରୁ ପଣ୍ୟ ଖଲାସ ବା ଅନ୍‌ଲୋଡିଂ କ୍ଷେତ୍ରରେ ୧୦୦ ମେଟ୍ରିକ୍ ଟନର ସୀମା ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧୭ ଦିନ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରି ପୂର୍ବ ତଟ ରେଳପଥ ଦେଶର ପ୍ରଥମ ରେଳ ଜୋନ୍‌ରେ ପରିଣତ ହୋଇଛି। ଏହି ସଫଳତା ପୂର୍ବତଟ ରେଳପଥର ପଣ୍ୟ ହ୍ୟାଣ୍ଡଲିଂ, ୱାଗନ୍ ଟର୍ନଅରାଉଣ୍ଡ ଏବଂ ରେଳ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର କ୍ଷେତ୍ରରେ ପୂର୍ବ ତଟ ରେଳପଥର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହା ଫଳରେ ରେଳପଥ ମାଧ୍ୟମରେ ପଣ୍ୟର ଅଧିକ ଦ୍ରୁତ ଓ ଦକ୍ଷ ପରିବହନ ସମ୍ଭବ ହେଉଛି। ଏହି ସମୟ ମଧ୍ୟରେ, ୨୦୨୫-୨୬ ଆର୍ଥିକ ବର୍ଷର ସମାନ ସମୟ ତୁଳନାରେ ପୂର୍ବତଟ ରେଳପଥ ପଣ୍ୟ ରିଲିଜ୍ ଟନେଜ୍‌ରେ ୯.୮% ଅଭିବୃଦ୍ଧି ରେକର୍ଡ କରିଛି। ବିଶେଷକରି ବିଓଏକ୍ସନ ଏବଂ ବିଓବିଆରଏନ ୱାଗନ୍‌ଗୁଡ଼ିକର ଉନ୍ନତ ହ୍ୟାଣ୍ଡଲିଂ ଓ ଶୀଘ୍ର ରିଲିଜ୍ ଦ୍ୱାରା ଏହି ବୃଦ୍ଧି ସମ୍ଭବ ହୋଇପାରିଛି। ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ବିଓଏକ୍ସଏନ ୱାଗନ୍‌ଗୁଡ଼ିକର ରିଲିଜ୍ ୭.୩% ବୃଦ୍ଧି ପାଇଥିବା ବେଳେ ବିଓବିଆରଏନ ୱାଗନ୍ ରିଲିଜ୍‌ରେ ୯.୮% ବୃଦ୍ଧି ପଞ୍ଜୀକୃତ ହୋଇଛି। ୱାଗନ୍ ରିଲିଜ୍‌ରେ ଏହି ସୁଧାର, ଉନ୍ନତ ଟର୍ନଅରାଉଣ୍ଡ ଏବଂ ମାଲ୍ ପରିବହନ ପରିଚାଳନାରେ ବର୍ଦ୍ଧିତ ଦକ୍ଷତାକୁ ଦର୍ଶାଉଛି। ପୂର୍ବତଟ ରେଳପଥ ପଣ୍ୟ ଲୋଡିଂ କ୍ଷେତ୍ରରେ ୩.୯% ବୃଦ୍ଧି ପଞ୍ଜୀକୃତ କରିଥିବା ବେଳେ ଏହି ସମାନ ଅବଧି ମଧ୍ୟରେ ପଣ୍ୟ ପରିବହନରୁ ରାଜସ୍ୱ ଆଦାୟରେ ୩.୨% ଅଭିବୃଦ୍ଧି ରେକର୍ଡ କରିଛି। ଏହି ପ୍ରଗତି ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଏବଂ ଉପଲବ୍ଧ ରେଳ ସମ୍ପତ୍ତିର ସର୍ବୋତ୍ତମ ବ୍ୟବହାର ଉପରେ ଜୋନ୍‌ର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରୁଛି । ପୂର୍ବତଟ ରେଳପଥ ମାଧ୍ୟମରେ ପଣ୍ୟ ପରିବହନ ବିଭିନ୍ନ ପ୍ରମୁଖ ଶିଳ୍ପ ଓ ବ୍ୟବସାୟିକ କ୍ଷେତ୍ରର ଲଜିଷ୍ଟିକ୍ସ ଆବଶ୍ୟକତା ପୂରଣ କରୁଛି। ଅତ୍ୟାବଶ୍ୟକ ସାମଗ୍ରୀ ଓ କଞ୍ଚାମାଲର ପରିବହନକୁ ସୁଗମ କରିବା ସହିତ, ଉନ୍ନତ ପଣ୍ୟ ଅନ୍‌ଲୋଡିଂ ଏବଂ ୱାଗନ୍ ରିଲିଜ୍ ପ୍ରଦର୍ଶନ ଅଧିକ ଦ୍ରୁତ, ସୁଗମ ଓ ବ୍ୟୟସାପେକ୍ଷ ପଣ୍ୟ ପରିବହନକୁ ଆହୁରି ସୁଦୃଢ଼ କରିବ ଏବଂ ଲଜିଷ୍ଟିକ୍ସ ବ୍ୟବସ୍ଥାରେ ରେଳପଥର ଭୂମିକାକୁ ଅଧିକ ମଜଭୁତ କରିବ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ